Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 194
Saturday, 19 Setember 2026
Balasore, Page : 8, ₹ 2/
ବାଲେଶ୍ୱର, ଶନିବାର, ୧୯ ସେପ୍ଟେମ୍ବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ସେମିକଣ୍ଡକ୍ଟରର ହବ୍ ହେବ ଓଡ଼ିଶା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮/୯ (ଆ.ପ୍ର) : ଦେଶର ସେମିକଣ୍ଡକ୍ଟର ମାନଚିତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ହାସଲ କରୁଛି । ନୂଆଦିଲ୍ଲୀ ଠାରେ ଆୟୋଜିତ 'ସେମିକନ୍ ଇଣ୍ଡିଆ ୨୦୨୬' ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରର ଭବିଷ୍ୟତ ଓ ନୂତନ ନିବେଶ ସମ୍ପର୍କରେ ଏକ ବଡ଼ ଘୋଷଣା କରିଛନ୍ତି । କଟକ'ର ନରାଜଠାରେ ୮୭୦ ଏକର ପରିମିତ ଜମିରେ 'ଓଡ଼ିଶା ସିଲିକନ୍ ଭାଲି' ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହାଦ୍ୱାରା ସେଠାରେ ଏକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ହବ୍ ସୃଷ୍ଟି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟଯେ, ରାଜ୍ୟରେ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରକଳ୍ପଗୁଡ଼ିକୁ ଏକାଠି କରି ଏକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ହବ୍'ରେ ପରିଣତ କରିବା ପାଇଁ ଏହି ପ୍ରକଳ୍ପ ହାତକୁ ନିଆଯାଇଛି । ନରାଜର ଭୌଗୋଳିକ ଅବସ୍ଥିତି ଶିଳ୍ପ ପାଇଁ ଅତ୍ୟନ୍ତ ଅନୁକୂଳ ଅଟେ । ଏଠାରୁ ଭୁବନେଶ୍ୱର-କଟକ ସହରାଂଚଳ କରିଡର ସହ ସୁଗମ ଯୋଗାଯୋଗ ସୁବିଧା ରହିବା ସହ ମହାନଦୀ ନିକଟବର୍ତ୍ତୀ ହୋଇଥିବାରୁ ଆବଶ୍ୟକ ଜଳ ଯୋଗାଣ ମଧ୍ୟ ସହଜ ହୋଇପାରିବ । ଏହାଛଡ଼ା, ପାରାଦୀପ ଏବଂ ଧାମରା ବନ୍ଦର ସହ ସଂଯୋଗ ରହୁଥିବାରୁ ଏହା ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା ପାଇଁ ଏକ ମୁଖ୍ୟ କେନ୍ଦ୍ର ପାଲଟିବ । ଏହି ସମ୍ମିଳନୀ ଅବସରରେ ରାଜ୍ୟ ସରକାର ପ୍ରାୟ ୨୩,୬୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଛନ୍ତି, ଯାହାଦ୍ୱାରା ପ୍ରାୟ ୬,୧୦୦ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା 'ସେମିକନ୍ ୨.୦' ଅଧୀନରେ ଓଡ଼ିଶାରେ ଏକ ସମ୍ପୂର୍ଣ୍ଣ ସେମିକଣ୍ଡକ୍ଟର ଭାଲ୍ୟୁ ଚେନ୍ ଗଠନ ଦିଗରେ ଏକ ବଡ଼ ପଦକ୍ଷେପ । ଏହା ସହିତ ସିଲିକନ୍ କାର୍ବାଇଡ୍ ସବଷ୍ଟ୍ରେଟ୍ ୱାଫର ପ୍ରସ୍ତୁତି ପାଇଁ 'କ୍ୱାଡ୍‌କ୍ୱାଂଟମ' ସଂସ୍ଥା ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ନୂଆଦିଲ୍ଲୀରେ ଚାଲିଥିବା ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଜାପାନ, ସ୍ୱିଡେନ୍ ଏବଂ ତାଇୱାନର ଆନ୍ତର୍ଜାତୀୟ ପ୍ରତିନିଧି ଦଳ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି । ଏହାବ୍ୟତୀତ ଲ୍ୟାମ୍ ରିସର୍ଚ୍ଚ, ଆପ୍ଲାଏଡ୍ ମେଟେରିଆଲ୍ସ, ସିଜ ସେମ୍, ଥ୍ରୀ-ଡି ଗ୍ଲାସ୍ ସୋଲୁସନ ଏବଂ ସାଇଏଂଟ୍ ଭଳି ପ୍ରମୁଖ ବିଶ୍ୱସ୍ତରୀୟ କମ୍ପାନିଗୁଡ଼ିକର ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଓଡ଼ିଶାର ସେମିକଣ୍ଡକ୍ଟର ଯାତ୍ରା ବର୍ତ୍ତମାନ କେବଳ ପରିକଳ୍ପନା ସ୍ତରରୁ ଆଗକୁ ଯାଇ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଦିଗରେ ଦ୍ରୁତ ଗତିରେ ଆଗେଇ ଚାଲିଛି । ଆମେ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ପୁଞ୍ଜିନିବେଶ ଆକର୍ଷିତ କରିବାରେ ଏବଂ ସବୁଠାରୁ ବଡ଼ କଥା ହେଲା ପ୍ରମୁଖ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ସଫଳ ହୋଇଛୁ । 'ସେମିକନ୍ ଇଣ୍ଡିଆ ୨୦୨୬'ରେ ଶିଳ୍ପ ଜଗତର ଅଗ୍ରଣୀ ବ୍ୟକ୍ତିବିଶେଷଙ୍କ ସହ ଆମର ଆଲୋଚନା ଏହି ଗତିକୁ ଆହୁରି ଆଗକୁ ବଢ଼ାଇବା ଏବଂ ଓଡ଼ିଶାକୁ ପରବର୍ତ୍ତୀ ପର୍ଯ୍ୟାୟର ସେମିକଣ୍ଡକ୍ଟର ନିବେଶ ଆଣିବା ଉପରେ କେନ୍ଦ୍ରୀଭୂତ ରହିଛି । ଆମେ ଏଭଳି ଏକ ଇକୋସିଷ୍ଟମ ଗଠନ କରିବାକୁ ଚାହୁଁଛୁ, ଯେଉଁଠାରେ ବିଶ୍ୱସ୍ତରୀୟ ଏବଂ ଭାରତୀୟ ପ୍ରଯୁକ୍ତିବିଦ୍ୟା କମ୍ପାନିଗୁଡ଼ିକ ଉତ୍ପାଦନ, ନବସୃଜନ ଏବଂ ବିକାଶ କରିପାରିବେ ।

୨୦ତମ ରୋଜଗାର ମେଳା; ୫୧,୦୦୦ରୁ ଅଧିକ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବାଂଟିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୧୮/୯ (ପିଆଇବି) : ସେପ୍ଟେମ୍ବର ୧୯ରେ ଆୟୋଜିତ ହେବାକୁ ଥିବା ୨୦ତମ ରୋଜଗାର ମେଳା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡ଼ିଓ କନଫରେନ୍ସିଂ ଜରିଆରେ ବିଭିନ୍ନ ସରକାରୀ ବିଭାଗ ଓ ସଂସ୍ଥାରେ ନୂତନ ଭାବେ ନିଯୁକ୍ତି ପାଇଥିବା ଯୁବକଯୁବତୀମାନଙ୍କୁ ୫୧,୦୦୦ରୁ ଅଧିକ ନିଯୁକ୍ତିପତ୍ର ବଂଟନ କରିବେ । ଏହି ଅବସରରେ ସେ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ସମ୍ବୋଧିତ କରିବେ । ଦେଶବ୍ୟାପୀ ଏହି ରୋଜଗାର ମେଳା ୪୫ଟି ସ୍ଥାନରେ ଅନୁଷ୍ଠିତ ହେବ । ନୂତନ ଭାବେ ନିଯୁକ୍ତ ପ୍ରାର୍ଥୀମାନେ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ଯୋଗଦେବେ । ଯେଉଁଥିରେ ଅନ୍ତର୍ଭୁକ୍ତ ରହିଛି ରାଜସ୍ୱ ବିଭାଗ, ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ, ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ । ଦେଶବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମର ଏକ ଅଂଶ ବିଶେଷ ଭାବେ ଓଡ଼ିଶାରେ ଦୁଇଟି ରୋଜଗାର ମେଳା କଟକ ଏବଂ ଭୁବନେଶ୍ୱରରେ ଅନୁଷ୍ଠିତ ହେବ । ଉଭୟ ସ୍ଥାନରେ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ଆନୁଷ୍ଠାନିକ ଭାବରେ ନିଯୁକ୍ତିପତ୍ର ପ୍ରଦାନ କରାଯିବ ଏବଂ କିଛି ନୂତନ ନିଯୁକ୍ତିପ୍ରାପ୍ତ ପ୍ରାର୍ଥୀ ସରକାରୀ ଚାକିରିରେ ଯୋଗଦେବାର ନିଜର ଅଭିଜ୍ଞତା ସମ୍ପର୍କରେ କହିବେ । କଟକରେ, ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଥିବା ରେଭେନ୍ସା କନଭେନ୍ସନ୍ ସେଂଟରରେ ଏହି ରୋଜଗାର ମେଳା ଅନୁଷ୍ଠିତ ହେବ । କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଭୁବନେଶ୍ୱରରେ ଏହି କାର୍ଯ୍ୟକ୍ରମ ଚନ୍ଦ୍ରଶେଖରପୁରସ୍ଥିତ ରେଳ କୁଟୀର, କି-୧୮/୪, ରେଳ ଅଡିଟୋରିୟମଠାରେ ଅନୁଷ୍ଠିତ ହେବ । ଏଥିରେ ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ କମଳେଶ ପାଶୱାନ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଭୁବନେଶ୍ୱର କାର୍ଯ୍ୟକ୍ରମରେ ବିଭିନ୍ନ କେନ୍ଦ୍ରୀୟ ସରକାରୀ ବିଭାଗରୁ ପ୍ରାୟ ୧୬୧ଜଣ ନବନିଯୁକ୍ତ ପ୍ରାର୍ଥୀ ଅଂଶଗ୍ରହଣ କରିବେ । ଅଂଶଗ୍ରହଣ କରୁଥିବା ବିଭାଗ ଗୁଡ଼ିକ ମଧ୍ୟରେ ରେଳବାଇ(୩୭), ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ/ଏମ୍ସ (୪୧), ଡାକ ବିଭାଗ (୩୦), ଭୁବନେଶ୍ୱର ସିଜିଏସ୍ଟି (୨୨), ଆୟକର/ସିବିଡିଟି(୧୦), ଇଏସ୍‌ଆଇସି ଓଡ଼ିଶା(୮), ଜଳ ଶକ୍ତି ମନ୍ତ୍ରଣାଳୟ/କେନ୍ଦ୍ରୀୟ ଭୂଜଳ ବୋର୍ଡ଼(୪), ଆର୍ଥିକ ସେବା ବିଭାଗ/ଏସ୍ଏଲ୍‌ବିସି (୩), ସିଆଇଏସ୍ଏଫ୍ (୨), ଶିକ୍ଷା ମନ୍ତ୍ରଣାଳୟ (୨), ପ୍ରତିରକ୍ଷା ଲେଖା ବିଭାଗ/ସିଜିଡିଏ (୧) ଏବଂ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ (୧) ଅନ୍ତର୍ଭୁକ୍ତ । ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ଭୁବନେଶ୍ୱର କାର୍ଯ୍ୟକ୍ରମରେ ରୋଜଗାର ମେଳାର ଉଦ୍ଦେଶ୍ୟ ଏବଂ ମୁଖ୍ୟ ଦିଗ ଗୁଡ଼ିକ ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ । ଯାହାପରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ରହିବ । ଏହାପରେ ମୁଖ୍ୟ ଅତିଥି ନୂତନ ନିଯୁକ୍ତ କର୍ମଚାରୀମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ ଏବଂ ଶେଷରେ କିଛି ନୂତନ ନିଯୁକ୍ତିପ୍ରାପ୍ତ ବ୍ୟକ୍ତି ସେମାନଙ୍କର ନୂତନ ଦାୟିତ୍ୱ ସମ୍ପର୍କରେ ନିଜର ଅଭିଜ୍ଞତା ଓ ଚିନ୍ତାଧାରା ବାଂଟିବେ ।

୨୨ରୁ ବିଧାନସଭାରେ ମୌସୁମୀ ଅଧିବେଶନ

ଭୁବନେଶ୍ୱର, ୧୮/୯ (ଆ.ପ୍ର) :ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ଚଳିତମାସ ୨୨ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଏହାପୂର୍ବରୁ ଆସନ୍ତା ସୋମବାର ଦିନ ବିଧାନସଭା ପରିସରରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ଅଧ୍ୟକ୍ଷତା କରିବେ ବାଚସ୍ପତି । ଏନେଇ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି । ସେପଟେ ଚଳିତ ମୌସୁମୀ ଅଧିବେଶନ ବେଶ୍ ସରଗରମ ହେବ ବୋଲି ଆଶା କରାଯାଉଛି । ବିରୋଧୀଙ୍କ ପାଖରେ ମାଳ ମାଳ ପ୍ରସଙ୍ଗ ରହିଛି । ଯେଉଁଭଳି କି, ଡିଜିପି ନିଯୁକ୍ତି, ବନ୍ୟା ପରିଚାଳନା, ରାଜଧାନୀରେ କୃତ୍ରିମ ବନ୍ୟା ପ୍ରସଙ୍ଗ ନେଇ ବିରୋଧୀ ସରକାରଙ୍କୁ ଘେରିପାରନ୍ତି । ସେପଟେ ଏସବୁ ପ୍ରସଙ୍ଗରେ ବିଧାନସଭାରେ କିଭଳି ଶାସକ ଦଳ ଜବାବ ରଖିବେ ତାହା ସମୟ କହିବ । ଏସବୁ ପ୍ରସଙ୍ଗ ଭିତରେ ବଡ଼ ପ୍ରସଙ୍ଗ ରହିଛି ବାଲେଶ୍ୱର ଭୋଗରାଇରୁ ୫ ବିରଳ ପ୍ରଜାତିର ଓରାଂଉଟାନ ଜବତ । ଏହାପଛରେ ଏକ ରାକେଟ୍ ଥିବା ସନ୍ଦେହ କରାଯାଉଥିଲେ ବି ଏସଟିଏଫ୍ କିନ୍ତୁ କିଛି ସୁରାଗ ପାଉପାରୁ ନାହିଁ ।

ଆଣ୍ଡାମାନ ସାଗରରେ ଲଘୁଚାପ, ଓଡ଼ିଶାରେ ପ୍ରବଳ ବର୍ଷା ନେଇ ସତର୍କତା

ଭୁବନେଶ୍ୱର, ୧୮/୯ (ଆ.ପ୍ର) : ଉତର ଥାଇଲାଣ୍ଡ ଉପରେ ଘୂର୍ଣ୍ଣିବଳୟ । ଏପଟେ ଓଡ଼ିଶାରେ ବଦଳିଗଲାଣି ପାଣିପାଗ ମିଜାଜ୍ । ଭିଜିଲା ରାଜଧାନୀ ଭୁବନେଶ୍ୱର । ସକାଳୁ ସକାଳୁ ଗୁଳୁଗୁଳି ସହ ହାଲୁକା ଖରା ହେଉଥିଲା । ମଧ୍ୟାହ୍ନରେ ହଠାତ୍ ଘୋଟିଆସିଲା କଳାହାଣ୍ଡିଆ ମେଘ । କେଉଁଠି ଘଡ଼ଘଡ଼ି ତ କେଉଁଠି ଝିପ୍ ଝିପ୍ ବର୍ଷା । ତା ସାଙ୍ଗକୁ ହାଲୁକା ପବନ । ଲଘୁଚାପ ସୃଷ୍ଟି ହେବା ଆଗରୁ ପରିବର୍ତ୍ତିତ ପାଗ ରାଜ୍ୟବାସୀଙ୍କ ଭିତରେ ଭରିଲାଣି ଛନକା । ହେଇଯିବନି ତ ବାତ୍ୟା ? ଏପଟେ ଆଂଚଳିକ ପାଣିପାଗ କେନ୍ଦ୍ରର ଆକଳନ କହୁଛି, ଉତର ଥାଇଲାଣ୍ଡ ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ଧୀରେ ଧୀରେ ଉତର ଆଣ୍ଡାମାନ ସାଗରକୁ ଗତି କରୁଛି । ଯାହାକି କାଲି ସନ୍ଧ୍ୟା ସୁଦ୍ଧା ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି । ପରେ ଘନିଭୂତ ହୋଇ ପଶ୍ଚିମ-ଉତରପଶ୍ଚିମ ଦିଗକୁ ଗତି କରିବ । ୨୧ କିମ୍ବା ୨୨ ତାରିଖ ବେଳକୁ ଅବପାତରେ ପରିଣତ ହୋଇ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା କରାଇବ । ଏଥିପାଇଁ ୱାର୍ଣ୍ଣିଂ ବି ଜାରି ହୋଇସାରିଲାଣି । ଅରେଞ୍ଜ ଆଲର୍ଟରେ ପୂରା ଦକ୍ଷିଣ ଓଡ଼ିଶା । ୨୨ ତାରିଖ ଅର୍ଥାତ ଆସନ୍ତା ମଙ୍ଗଳବାର ପାଇଁ ୧୨ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଥିବାବେଳେ ଉପକୂଳ ଓ ଉତର ଓଡ଼ିଶାର ୧୧ ଜିଲ୍ଲାକୁ ଜାରି ହୋଇଛି ୟେଲୋ ୱାର୍ଣ୍ଣିଂ । ସେହିଭଳି ୨୩ ତାରିଖରେ ମାଲକାନଗିରି ଓ କୋରାପୁଟକୁ ଅରେଞ୍ଜ ଏବଂ ବାକି ୨୮ ଜିଲ୍ଲାକୁ ୟେଲୋ ଆଲର୍ଟରେ ରଖିଛି ପାଣିପାଗ କେନ୍ଦ୍ର । ୨୪ ତାରିଖରେ ବର୍ଷାର ପରିମାଣ ଆହୁରି ବଢ଼ିବା ଆଶଙ୍କା କରାଯାଇଛି । ସେହିଦିନ ୧୦ ଜିଲ୍ଲାକୁ ଅରେଞ୍ଜ ଓ ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂରେ ରଖାଯାଇଛି । ବର୍ଷା ସମୟରେ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ । ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ସତର୍କ କରାଯାଇଥିଲେ ମଧ୍ୟ ବାତ୍ୟା ନେଇ ଏଯାଏଁ ଆଇଏମଡି ତରଫରୁ କୌଣସି ଆକଳନ କରାଯାଇନି । ଲଘୁଚାପ ସୃଷ୍ଟି ହେବା ଥୟ । ଏବେ ଭୟ ବାତ୍ୟାକୁ ନେଇ । କାରଣ ବିଭିନ୍ନ ପାଣିପାଗ ମଡେଲର ଆକଳନ କହୁଛି, ଲଘୁଚାପ ଘନିଭୂତ ହେବାପରେ ବାତ୍ୟା ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । ଏହା ପଶ୍ଚିମ-ଉତର ପଶ୍ଚିମ ଦିଗରେ ଗତିକରି ଦକ୍ଷିଣ ଓଡ଼ିଶା ଓ ଉତର ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ମୁହାଁଇପାରେ । ଆଉ କିଛି ଆକଳନ, ଗତିପଥ ଉତରକୁ ଯାଉଥିବା ମଧ୍ୟ ଇଙ୍ଗିତ କରୁଛି । ତେବେ ଏଯାଏଁ ସମ୍ଭାବ୍ୟ ଅବପାତର ଗତିପଥ ଓ ତୀବ୍ରତା ସ୍ପଷ୍ଟ ହୋଇନାହିଁ । ଏପଟେ ବିପର୍ଯ୍ୟୟ ପରିଚାଳନା ବିଭାଗର ସମୀକ୍ଷା ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଏବେଠୁ ବାତ୍ୟା ଆକଳନ କରିବା ସମ୍ଭବ ନୁହେଁ । ଲଘୁଚାପ ସୃଷ୍ଟି ହେବାପରେ ସାଇକ୍ଲୋନ୍ ହେବ କି ନାହିଁ ସ୍ପଷ୍ଟ ହେବ । ତେବେ ସମ୍ଭାବ୍ୟ ସ୍ଥିତିକୁ ଦେଖି ୨୦ ଜିଲ୍ଲାକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ପାଇଁ ସଂଶୋଧିତ କାର୍ଯ୍ୟସୂଚୀ ଜାରି

ଭୁବନେଶ୍ୱର, ୧୮/୯ (ଆ.ପ୍ର) : ରାଜ୍ୟରେ ପୌର ପରିଷଦ, ବିଜ୍ଞାପିତ ଅଂଚଳ ପରିଷଦ ଏବଂ ମହାନଗର ନିଗମଗୁଡ଼ିକର ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରକ୍ରିୟା ଜାରି ରହିଛି । ନିର୍ବାଚନ ପୂର୍ବରୁ ୱାର୍ଡ ସୀମା ପୁନଃ ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ପ୍ରକ୍ରିୟା ସମ୍ପନ୍ନ କରିବା ନିମନ୍ତେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରାଯାଇଛି । ପୂର୍ବରୁ ବିଭାଗ ପକ୍ଷରୁ ଜାରି ହୋଇଥିବା କାର୍ଯ୍ୟସୂଚୀର ଆଂଶିକ ସଂଶୋଧନ କରାଯାଇ ଏହି ସଂଶୋଧିତ କାର୍ଯ୍ୟସୂଚୀ ଜାରି ହୋଇଛି । ଯେଉଁଥିରେ ବୌଦ୍ଧ ଜିଲ୍ଲାକୁ ବାଦ ଦେଇ ସମସ୍ତ ସମ୍ପୃକ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି । ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ୨୪ ସେପ୍ଟେମ୍ବର ୨୦୨୬ରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ୱାର୍ଡ ସୀମା ପୁନଃ ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ଖସଡ଼ା ବିଜ୍ଞପ୍ତି ପ୍ରକାଶ ପାଇବ । ସାଧାରଣ ଜନତାଙ୍କଠାରୁ ଆପତ୍ତି ଓ ପରାମର୍ଶ ଆହ୍ୱାନ କରାଯିବ । ଆପତ୍ତି ଓ ପରାମର୍ଶ ଦାଖଲ କରିବାର ଶେଷ ତାରିଖ ୩ ଅକ୍ଟୋବର ୨୦୨୬ ରହିଛି । ଏହାପରେ, ୭ ଅକ୍ଟୋବର ୨୦୨୬ରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ୱାର୍ଡ ସୀମା ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ କରାଯିବ । ଏହି ବିଜ୍ଞପ୍ତି ବିରୋଧରେ ୭ ଅକ୍ଟୋବରରୁ ୨୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଗୃହ ଓ ନଗର ଉନ୍ନୟନ ବିଭାଗ ନିକଟରେ ଆପତ୍ତି ଦାଖଲ କରାଯାଇପାରିବ । ପ୍ରାପ୍ତ ଆପତ୍ତି ଗୁଡ଼ିକୁ ସମ୍ପୃକ୍ତ ଜିଲ୍ଲାପାଳମାନେ ନିଜର ସୁପାରିସ/ମତାମତ ସହ ୨୨ ଅକ୍ଟୋବର ୨୦୨୬ ସୁଦ୍ଧା ସ୍ୱତନ୍ତ୍ର ଦୂତ ମାଧ୍ୟମରେ ନିର୍ଦ୍ଦେଶକ, ପୌର ପ୍ରଶାସନଙ୍କ କାର୍ଯ୍ୟାଳୟରେ ପହଂଚାଇବେ । ପରବର୍ତ୍ତୀ ପର୍ଯ୍ୟାୟରେ ୨୬ ରୁ ୨୮ ଅକ୍ଟୋବର ୨୦୨୬ ମଧ୍ୟରେ ରାଜ୍ୟ ସରକାର, ଅପିଲେଟ୍ କର୍ତ୍ତୃପକ୍ଷ ଭାବେ, ଆପତ୍ତିଗୁଡ଼ିକର ଶୁଣାଣି କରି ଚୂଡ଼ାନ୍ତ ନିଷ୍ପତି ନେବେ । ସମଗ୍ର ପ୍ରକ୍ରିୟାର ଶେଷ ପର୍ଯ୍ୟାୟରେ ୩୧ ଅକ୍ଟୋବର ୨୦୨୬ରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ୱାର୍ଡ ସୀମା ପୁନଃ ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରାଯିବ । ଚୂଡ଼ାନ୍ତ ବିଜ୍ଞପ୍ତିର ଆବଶ୍ୟକ ସଂଖ୍ୟକ ନକଲ ରାଜ୍ୟ ନିର୍ବାଚନ ଆୟୋଗ, ରାଜ୍ୟ ସରକାର ଏବଂ ସମ୍ପୃକ୍ତ ପୌରପରିଷଦ/ଏନ୍.ଏ.ସିକୁ ପ୍ରଦାନ କରାଯିବ । ଅନ୍ୟପକ୍ଷରେ, ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ରାଉରକେଲା ମହାନଗର ନିଗମରେ ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ସମ୍ପର୍କିତ ପ୍ରକ୍ରିୟା ପାଇଁ ମଧ୍ୟ ସଂଶୋଧିତ ସମୟସୀମା ଧାର୍ଯ୍ୟ କରାଯାଇଛି । ୨୪ ସେପ୍ଟେମ୍ବର ୨୦୨୬ ସୁଦ୍ଧା ସମ୍ପୃକ୍ତ ମହାନଗର ନିଗମଗୁଡ଼ିକ ପକ୍ଷରୁ ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ସୂଚନା ନିର୍ଦ୍ଧାରିତ ଫର୍ମ-୧ ଓ ଫର୍ମ-୨ରେ, ୱାର୍ଡ ସୀମା ଦର୍ଶାଉଥିବା ସ୍କେଚ୍ ମାନଚିତ୍ର ଏବଂ ମହାନଗର ନିଗମର ସଂକଳ୍ପ ସହିତ ଗୃହ ଓ ନଗର ଉନ୍ନୟନ ବିଭାଗରେ ଦାଖଲ କରାଯିବ । ମହାନଗର ନିଗମଗୁଡ଼ିକ କ୍ଷେତ୍ରରେ ୫ ଅକ୍ଟୋବର ୨୦୨୬ରେ ସରକାରଙ୍କ ପକ୍ଷରୁ ପ୍ରସ୍ତାବିତ ୱାର୍ଡ ସୀମା ପୁନଃ ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ପର୍କରେ ଟିପ୍ପଣୀ ବିଜ୍ଞପ୍ତି ପ୍ରକାଶ କରାଯାଇ ଆପତ୍ତି ଓ ପ୍ରସ୍ତାବ ଆହ୍ୱାନ କରାଯିବ ।

"ନଶାମୁକ୍ତ ଭାରତ ଅଭିଯାନ" ଅଗ୍ରଗତି ସଂପର୍କରେ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା

ଭୁବନେଶ୍ୱର, ୧୮/୯ (ଆ.ପ୍ର) : ଓଡ଼ିଶାରେ "ନଶାମୁକ୍ତ ଭାରତ ଅଭିଯାନ"(ଏନ୍ଏମ୍ବିଏ), ନିଶାଦ୍ରବ୍ୟର ଚାହିଦା ହ୍ରାସ, ନିଶାଦ୍ରବ୍ୟର ଅବୈଧ କାରବାର ବିରୋଧରେ ପ୍ରବର୍ତ୍ତନ, ପୁନର୍ବାସ ଏବଂ ଜନସଚେତନତା କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମୀକ୍ଷା କରିଛନ୍ତି । ସମୀକ୍ଷା ବୈଠକରେ ନିଶା ନିବାରଣ, ସଚେତନତା, ଆଇନଗତ ପ୍ରବର୍ତ୍ତନ, ଚିକିତ୍ସା, ପୁନର୍ବାସ ଏବଂ ସାମାଜିକ ପୁନଃସଂଯୋଜନ କ୍ଷେତ୍ରରେ ବିଭିନ୍ନ ବିଭାଗ, ଓଡ଼ିଶା ପୋଲିସ, ଜିଲ୍ଲା ପ୍ରଶାସନ ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ସମନ୍ୱିତ ପ୍ରୟାସ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଗତକାଲି ଗୁରୁବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ –ସିଆଇଡି-କ୍ରାଇମ୍ ବ୍ରାଂଚ ତରଫରୁ ଆହୂତ ଏହି ବୈଠକରେ ଗୃହ, ଶିଳ୍ପ ଓ ସୂଚନା ଓ ଲୋକ ସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଧବ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ବୃନ୍ଦା ଡି, ଏସଟିଏଫ୍ ଆଇଜି ହିମାଂଶୁ ଲାଲ, ଡିଆଇଜି କେ.ଭି.ସିଂ ଙ୍କ ସମେତ ବିଭାଗୀୟ ଶାଖାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ବୈଠକରେ ଗତ ଜୁନ୍ ୨୦୨୬ ରେ ଅନୁଷ୍ଠିତ ୭ମ ରାଜ୍ୟ ନାର୍କୋ-କୋର୍ଡିନେସନ ବୈଠକ ପରଠାରୁ ନିଶା ଦ୍ରବ୍ୟ କାରବାର ପ୍ରତି ଚଢ଼ଉ ଜୋରଦାର କରାଯାଇ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଥିବା ସଂପର୍କରେ ଏସଟିଏଫ୍ ଆଇଜି ତଥ୍ୟ ପ୍ରଦାନ କରିବା ସହ ଏହି କାର୍ଯ୍ୟ ଜାରି ରହିଥିବା ସଂପର୍କରେ ସୂଚନା ଦେଇଥିଲେ । ନିଶାଦ୍ରବ୍ୟ, ମସ୍ତିଷ୍କ ଓ ସ୍ନାୟୁତନ୍ତ୍ରକୁ ଗଭୀର ପ୍ରଭାବ ପକାଉଥିବା ପଦାର୍ଥର ଅବୈଧ କାରବାର ନିବାରଣ ଆଇନ (ପିଆଇଟିଏନଡିପିଏସ) ରେ ରୁଜୁ ହୋଇଥିବା ମାମଲାଗୁଡ଼ିକର ସ୍ଥିତି ସଂପର୍କରେ ଆଲୋଚନା କରାଯାଇଥିଲା । ନିଶାକାରବାର କ୍ଷେତ୍ରରେ ହଟସ୍ପଟ୍ ଚିହ୍ନଟ ହୋଇଥିବା ମାଲକାନଗିରି, କୋରାପୁଟ, ରାୟଗଡା, କନ୍ଧମାଳ,ଗଜପତି , ବୌଦ୍ଧ ଆଦି ୬ଟି ଜିଲ୍ଲାର ବିଭିନ୍ନ ବ୍ଲକ, ଗ୍ରାମ ପଂଚାୟତ ଓ ଗ୍ରାମଗୁଡ଼ିକରେ ଚଢ଼ଉ ଏବଂ ସଚେତନତା ବୃଦ୍ଧି କରାଯାଇଛି । ପଂଚାୟତ ଜନ ପ୍ରତିନିଧି, ଜଙ୍ଗଲ ବିଭାଗ ଏବଂ ରାଜସ୍ୱ ବିଭାଗ ଅଧିକାରୀ ମାନଙ୍କ ସହଯୋଗରେ ବିକଳ୍ପ ଜୀବିକାର୍ଜନ ପନ୍ଥା ଆପଣେଇବାକୁ ପରାମର୍ଶ ଓ ସଚେତନ କରାଯାଉଛି । ଗଂଜେଇ ଚାଷ ଅଂଚଳଗୁଡ଼ିକୁ ତୀକ୍ଷ୍ଣ ନଜର ରଖାଯାଇ ଆଗାମୀ ନଭେମ୍ବରରେ ଚଢ଼ଉକୁ ବ୍ୟାପକ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା ।

ପୁଣି ସେବାୟତ ବିବାଦ ! ଉପାସରେ ପ୍ରଭୁ ଶ୍ରୀଲିଙ୍ଗରାଜ

ଭୁବନେଶ୍ୱର, ୧୮/୯ (ଆ.ପ୍ର) : ପୁଣି ସେବାୟତଙ୍କ ମଧ୍ୟରେ ବିବାଦ । ଉପାସରେ ପ୍ରଭୁ ଶ୍ରୀଲିଙ୍ଗରାଜ । ୩ ଘଂଟାର ବୈଠକ, ଫଳ ଶୂନ । ବାହାରିପାରୁନି ସମାଧାନ ବାଟ । ବ୍ରାହ୍ମଣ ନିଯୋଗ ଓ ପୂଜାପଣ୍ଡା ନିଯୋଗ ମଧ୍ୟରେ ବିବାଦ ଯୋଗୁଁ ଗତକାଲି ରାତିରୁ ବନ୍ଦ ରହିଛି ଶ୍ରୀଲିଙ୍ଗରାଜଙ୍କ ନୀତି । ପୂଜାପଣ୍ଡା ନିଯୋଗର କହିବା ଅନୁଯାୟୀ ସେମାନେ ପ୍ରତିଦିନ କରୁଥିବା ନୀତିକୁ ହଠାତ ଗତକାଲି ରାତିରେ ବ୍ରାହ୍ମଣ ନିଯୋଗ କରିବାକୁ ଜିଦ୍ ଧରିଥିଲା । ଏହାକୁ ନେଇ ବିବାଦ ଉପୁଜିଥିଲା । ଯେଉଁଥିପାଇଁ ଗତକାଲି ରାତିରୁ ମନ୍ଦିରର ସମସ୍ତ ନୀତି ବନ୍ଦ ରହିଛି । ସବୁଠାରୁ ବଡ଼ କଥା ହେଲା ଉଭୟ ପୁଷ୍ପାଞ୍ଜଳି ସେବା ଦୀର୍ଘଦିନ ହେବ କରି ଆସୁଥିବା ଦାବି କରୁଥିବା ବେଳେ ବାସ୍ତବରେ କିଏ ଏହି ସେବା କରେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅପରପକ୍ଷରେ ଏହି ସମସ୍ୟାର ସମାଧାନ ନହେଲେ କୋର୍ଟକୁ ଯିବାକୁ ଉଭୟ ପୂଜାପଣ୍ଡା ନିଯୋଗ ଓ ବ୍ରାହ୍ମଣ ନିଯୋଗର ଚେତାବନୀ ଦେଇଛନ୍ତି । ସେପଟେ ନୀତିକାନ୍ତିରେ ଅଚଳାବସ୍ଥା ନେଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବୈଠକ ଡାକିଥିଲେ । ବୈଠକରେ ବ୍ରାହ୍ମଣ ନିଯୋଗ ଓ ପୂଜାପଣ୍ଡା ନିଯୋଗ ପ୍ରତିନିଧି ଯୋଗ ଦେଇଥିଲେ । ୩ଘଂଟା ଧରି ବୈଠକରେ ଆଲୋଚନା ହୋଇଥିଲା । ହେଲେ ବିବାଦର ସମାଧାନ ହୋଇପାରି ନାହିଁ । ବୈଠକରେ ଦୁଇ ନିଯୋଗ ମୁହାଁମୁହିଁ ହେବା ସହ ପ୍ରବଳ ହୋ ହଲ୍ଲା ହୋଇଥିଲା । ଫଳରେ ଅନିଶ୍ଚିତତା ଭିତରେ ଏକାମ୍ର ଅଧିପତି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି । ଏନେଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି, ଗତକାଲି ରାତିରୁ କିଛି ନୀତି ବନ୍ଦ ଅଛି । ଦୁଇ ନିଯୋଗ ସହିତ ଆଲୋଚନା କରାଯାଇଛି । ସହମତି ଆସିନି । ଆମେ ପୁଣି ବୈଠକ କରିବୁ ବୋଲି ସେ କହିଛନ୍ତି । ଆପୋସ ବୁଝାମଣା ମାଧ୍ୟମରେ ନୀତି ସମ୍ପାଦନ କରିବାକୁ ସେ ଉଭୟ ନିଯୋଗଙ୍କୁ ନିବେଦନ କରିଛନ୍ତି । ଏହି ପୁରାତନ ଶୈବପୀଠରେ ସେବାୟତ ବିବାଦ ଓ ନୀତିକାନ୍ତି ବନ୍ଦ ହେବା ଘଟଣା ନୂଆ ନୁହେଁ ।

କଳରାପତରିଆ ବାଘର ଛାଲ ବିକ୍ରି ପାଇଁ ନେଉଥିବା ବେଳେ ଜବତ, ଜଣେ ଗିରଫ

ତନ୍ତ୍ର ସାଧନ ପାଇଁ ହୋଇଥାନ୍ତା ବ୍ୟବହାର, ୫ ଲକ୍ଷ ଟଙ୍କାରେ ହୋଇଥିଲା ଡ଼ିଲ

ବାଲିଗୁଡ଼ା, ୧୮/୦୯ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନ ବିଭାଗ ଓ ପୁଲିସର ମିଳିତ ଅପରେଶନରେ ଧରା ପଡିଛି ଜେନ ବାଘ ଛାଲ ବ୍ୟବସାୟୀ ଓ ତା ନିକଟରୁ ମିଳିଛି ଦୁଇଟି ଚିତା ବାଘର ଚମଡା । ଦୁଇଟି ବାଘ ପାଖାପାଖି ତିନି ବର୍ଷ ବୟସର ହୋଇଥିବା ବେଳେ ବାଘକୁ ଗୁଳି କରି ହତ୍ୟା କରାଯାଇଛି । ବାଘର ଛାଲରେ ତିନୋଟି ଗୁଳିବିଦ୍ଧ ଚିହ୍ନ ରହିଛି । ସେପଟେ ଦୁଇଟି ଯାକ ବାଘ ଛାଲର ଲମ୍ବ ୧୦୫ ସେଂଟିମିଟର ରହିଥିବା ବେଳେ ଲାଞ୍ଜ ୭୫ ସେଂଟିମିଟର ରହିଛି । ଏହି ଛାଲକୁ ୫ ଲକ୍ଷ ଟଙ୍କାରେ ବିକ୍ରି ପାଇଁ ଡିଲ ହୋଇଥିଲା । ଗୁଣି ଗାରେଡି ର ତନ୍ତ୍ର ସାଧନ ପାଇଁ ଆସନ ଭାବରେ ବ୍ୟବହାର କରାଯାଇଥାନ୍ତା । ଗୁଣିଆ ସେହି ଛାଲ ଉପରେ ବସି ତନ୍ତ୍ର ସାଧନ କାଲେ ସଫଳ ହୋଇଥାଏ ବୋଲି ଅନ୍ଧ ବିଶ୍ୱାସ ରହିଛି । ସୂଚନାନୁଯାୟୀ, ବନ୍ୟଜନ୍ତୁ ସାମଗ୍ରୀ ବେଆଇନ ଭାବେ ରଖିବା ଓ ବିକ୍ରି ସମ୍ପର୍କରେ ବନ ବିଭାଗକୁ ଖବର ମିଳିଥିଲା । ଏହାପରେ ଶୁକ୍ରବାର ବାଲିଗୁଡ଼ା ବସ୍‌ଷ୍ଟାଣ୍ଡ ନିକଟରେ ବନ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ସର୍ଚ୍ଚ ଅପରେସନ କରାଯାଇଥିଲା । ଏହି ସମୟରେ ଫିରିଙ୍ଗିଆ ଥାନା ଅନ୍ତର୍ଗତ ରତଙ୍ଗ ଗାଁର ଉତମ ମାଝୀ(୩୮)ଙ୍କୁ ସନ୍ଦେହରେ ଯାଂଚ କରାଯିବା ପରେ ତାଙ୍କ ନିକଟରୁ ଦୁଇଟି କଳରାପତରିଆ ଛାଲ ମିଳିବା ପରେ ତାଙ୍କୁ ଗିରଫ କରାଯାଇଛି । ବନ ବିଭାଗର ସୂଚନା ଅନୁସାରେ, ଜବତ ଛାଲଗୁଡ଼ିକୁ ରାଜ୍ୟ ଭିତରେ ଚାଲାଣ କରି ବିକ୍ରି କରିବା ଉଦ୍ଦେଶ୍ୟରେ ଅଭିଯୁକ୍ତ ନେଇ ଯାଉଥିବା ଜଣାପଡ଼ିଛି । ତେବେ ଉତମ ମାଝୀ ନିଜେ କଳରାପତରିଆ ବାଘକୁ ଶିକାର କରିନଥିବା ଏବଂ ଶିକାରୀଙ୍କଠାରୁ ଛାଲ ଆଣି ବିକ୍ରି ପାଇଁ ନେଉଥିବା ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଥିବା ବିଷୟ ଡିଏଫ୍‌ଓ କହିଛନ୍ତି । ବାଲିଗୁଡ଼ା ଏସିଏଫ ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ବାଲିଗୁଡ଼ା ରେଞ୍ଜ ଅଧିକାରୀ ଡି. ସୁବାଷ, ରମାକାନ୍ତ କହଁର ଓ ଫରେଷ୍ଟ ରଞ୍ଜିତ କୁମାର ବୋରାଙ୍କ ସମେତ କୋଟଗଡ, ତୁମୁଡିବନ୍ଧ ଓ ବ୍ରହ୍ମଣୀଗାଁ ରେଞ୍ଜର ସାମିଲ ହୋଇଥିଲେ । ଅନ୍ୟ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ହୋଇଥିଲେ । ଏନେଇ ବାଲିଗୁଡ଼ା ରେଞ୍ଜରେ କେସ୍ ନଂ. ୪୩/୨୦୨୬-୨୭ ରୁଜୁ ହୋଇଛି । ବନ୍ୟଜନ୍ତୁ ସୁରକ୍ଷା ଆଇନ, ୧୯୭୨ର ଧାରା ୩୯(ବି), ୪୮(ଏ) ଓ ୪୯(ବି) ଅନୁଯାୟୀ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି । ବାଲିଗୁଡ଼ା ଡିଏଫଓ ଘନଶ୍ୟାମ ମହନ୍ତଙ୍କ ସୂଚନା ଅନୁସାରେ, ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ଛାଲ କେଉଁ ଶିକାରୀଙ୍କ ଠାରୁ ଆସିଛି ଏବଂ ଏହାକୁ କେଉଁଠାକୁ ଚାଲାଣ କରାଯିବାର ଯୋଜନା ଥିଲା, ସେ ସମ୍ପର୍କରେ ଏକ ସ୍ୱତନ୍ତ୍ର ଟିମ୍ ତଦନ୍ତ କରୁଛି । ଘଟଣାରେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡି ଏଫ ଓ କହିଛନ୍ତି । ବନ୍ୟଜନ୍ତୁ ଶିକାର ଓ ଛାଲ ଚାଲାଣର ମୂଳ ଚେର ପର୍ଯ୍ୟନ୍ତ ତଦନ୍ତ ପହଂଚିବ କି ନାହିଁ, ଏବେ ତାହା ଉପରେ ସମସ୍ତଙ୍କ ନଜର । ଏହି ଘଟଣାକୁ ନେଇ ବନ୍ୟଜନ୍ତୁ ଚମଡ଼ାର ବେଆଇନ କାରବାର ଉପରେ ପୁଣିଥରେ ପ୍ରଶ୍ନ ଉଠିଥିବା ବେଳେ, ଏହା ପଛରେ ଥିବା ରାକେଟକୁ ଖୋଜିବାକୁ ବନ ବିଭାଗ ତଦନ୍ତ ଆରମ୍ଭ କରିଛି ।

‘ସ୍ମାର୍ଟ ମିଟରରେ ଅଧିକ ବିଲ୍, କମ୍ପାନୀ କରୁଛି ଟଙ୍କା ଲୁଟ୍’ : ଜାମଝୋଲା ଗ୍ରାମବାସୀଙ୍କ ଅଭିଯୋଗ

ଝରିଗାଁ, ୧୮/୦୯ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ ଏକମ୍ବା ପଂଚାୟତର ଜାମଝୋଲା (୧୧ ନଂ ୱାର୍ଡ) ଗ୍ରାମବାସୀ ଦୀର୍ଘ ୯ ମାସରୁ ଅଧିକ ସମୟ ଧରି ବିଦ୍ୟୁତ ସେବାରୁ ବଂଚିତ ଥିବା ଅଭିଯୋଗ କରିଛନ୍ତି । ଗ୍ରାମର ଦୁଇଟି ସାହିରେ ରହୁଥିବା ୪୪ଟି ପରିବାର ବିଦ୍ୟୁତ ବିହୀନ ଅବସ୍ଥାରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପ୍ରତ୍ୟେକ ଘରେ ସ୍ମାର୍ଟ ମିଟର ଲାଗିବା ପରେ ବିଦ୍ୟୁତ ବିଲ୍ ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଥିଲା । ଚାଷ କାର୍ଯ୍ୟ ଉପରେ ନିର୍ଭରଶୀଳ ଗରିବ ଆଦିବାସୀ ପରିବାରମାନଙ୍କ ପାଇଁ ବର୍ଦ୍ଧିତ ବିଲ୍ ପୈଠ କରିବା କଷ୍ଟକର ହୋଇପଡ଼ିଛି । ଏହାର ପରିଣାମ ସ୍ୱରୂପ ବକେୟା ବିଲ୍ ବଢ଼ିବା ସହ ବିଦ୍ୟୁତ ସଂଯୋଗ ବନ୍ଦ ହୋଇଯାଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ବିଦ୍ୟୁତ ସେବା ପୁନଃ ଚାଲୁ କରିବା ଆଶାରେ ଗ୍ରାମବାସୀମାନେ ଧାର କରଜ କରି ପ୍ରଥମେ ପ୍ରାୟ ୪୦ ହଜାର ଟଙ୍କା ଏବଂ ପରେ ଚଳିତ ମାସରେ ଆଉ ୩୫ ହଜାର ଟଙ୍କା ନେଇ ଝରିଗାଁ ବିଦ୍ୟୁତ କାର୍ଯ୍ୟାଳୟକୁ ଯାଇଥିଲେ । ଏହି ସମ୍ପର୍କରେ ବିଦ୍ୟୁତ ଯନ୍ତ୍ରୀ ସୁଜିତ କୁମାର ପୃଷ୍ଟିଙ୍କୁ ପଚାରିବାରୁ ସେ କହିଥିଲେ ଯେ, ସମୁଦାୟ ବକେୟା ରାଶିର ଅନ୍ତତଃ ୨୫ରୁ ୩୦ ପ୍ରତିଶତ ପୈଠ କରାଗଲେ ବିଦ୍ୟୁତ ସରବରାହ ପୁନଃ ସଂଯୋଗ ହୋଇପାରିବ । ସେହିପରି ଏସ୍ ?ଡିଓ ସୌରଭ କୁମାର ପାତ୍ର କହିଥିଲେ ଯେ, ଗ୍ରାମବାସୀଙ୍କ ସମୁଦାୟ ବକେୟା ରାଶିର ସମୀକ୍ଷା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ । ବିଦ୍ୟୁତ ନଥିବାରୁ ଗ୍ରାମର ଛାତ୍ରଛାତ୍ରୀମାନେ ଡିବିରି ଓ ମହମବତୀ ଆଲୋକରେ ପାଠ ପଢୁଛନ୍ତି । ଗରମ ଓ ଗୁଳୁଗୁଳି ଯୋଗୁଁ ବୃଦ୍ଧ, ଶିଶୁ ଏବଂ ଗର୍ଭବତୀ ମହିଳାମାନେ ବିଶେଷ ଅସୁବିଧା ଭୋଗୁଛନ୍ତି । ଅନ୍ଧାରରେ ସାପ, ବିଛା ଓ ଅନ୍ୟାନ୍ୟ ଜଙ୍ଗଲୀ ଜନ୍ତୁଙ୍କ ଭୟ ମଧ୍ୟ ରହୁଛି । ମୋବାଇଲ ଫୋନ ଚାର୍ଜ କରିବା ସମ୍ଭବ ହେଉନଥିବାରୁ ଅନଲାଇନ୍ ଏବଂ ଜରୁରୀ ସେବାରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି । ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ଯେ, ସ୍ମାର୍ଟ ମିଟର ଲାଗିବା ପରେ ବିଦ୍ୟୁତ ବିଲ୍ ବଢ଼ିଯାଇଛି ଏବଂ ଏହା ଗରିବ ଆଦିବାସୀ ପରିବାରଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ସୃଷ୍ଟି କରିଛି । ବିଦ୍ୟୁତ ସେବା ଶୀଘ୍ର ପୁନଃ ସ୍ଥାପନ ନହେଲେ ଏବଂ ସ୍ଥାନୀୟ ଜନପ୍ରତିନିଧିମାନେ ହସ୍ତକ୍ଷେପ ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

ଡ଼ାକ୍ତରଙ୍କ ଅବହେଳାରୁ ରୋଗୀଙ୍କୁ ମୃତ୍ୟୁ ଅଭିଯୋଗ

ସିଡ଼ିଏମ୍ ଓ ମେଡ଼ିକାଲ କଲେଜ ଅଧିକ୍ଷକଙ୍କୁ ଦାବିପତ୍ର

କଳାହାଣ୍ଡି, ୧୮/୦୯ (ଆ.ପ୍ର) : ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ଉନ୍ନତିକରଣ ଓ ସ୍ୱାସ୍ଥ୍ୟ ସେବାରେ ବ୍ୟାପକ ସୁଧାର ପାଇଁ ଆଜି କଳାହାଣ୍ଡି ଶହୀଦ୍ ରେଣ୍ଡୋ ମାଝି ମେଡିକାଲ କଲେଜ ଓ ହସ୍ପିଟାଲର ସୁପରିଟେଣ୍ଡେଂଟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସାକ୍ଷାତ କରି ବିଜୁ ଯୁବ ଜନତା ଦଳ ପକ୍ଷରୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି । ଗତ ସେପ୍ଟେମ୍ବର ୧୫ ତାରିଖ ମଧ୍ୟରାତ୍ରରେ ଆଇସିୟୁରେ ଭର୍ତ୍ତି ହୋଇଥିବା ରଶ୍ମିରଞ୍ଜନ ଦାସ ମିଶ୍ରଙ୍କ ଚିକିତ୍ସା ଅବହେଳା ଅଭିଯୋଗ ଏବଂ ତାଙ୍କ ମୃତ୍ୟୁ ପରେ ମଧ୍ୟ ଡାକ୍ତର ୨ ଘଂଟା ବିଳମ୍ବରେ ଉଠକୁ ଆସି ମୃତ ଘୋଷଣା କରିବା ଘଟଣାରେ ନିରପେକ୍ଷ ତଦନ୍ତ ଦାବି କରାଯାଇଛି । ଆଗାମୀ ଦିନରେ ସ୍ୱାସ୍ଥ୍ୟ ସେବାରେ ବ୍ୟାପକ ସୁଧାର ନହେଲେ ଆନ୍ଦୋଳନ କରାଯିବ ବୋଲି ଯୁବ ବିଜେଡି ପକ୍ଷରୁ ଶହୀଦ ରେଣ୍ଡୋମାଝି ମେଡିକାଲ କଲେଜର ସୁପରିଟେଣ୍ଡେଂଟଙ୍କୁ ଚେତାବନୀ ଦିଆଯାଇଛି । ସାଧାରଣ ଲୋକଙ୍କୁ ଗୁଣାତ୍ମକ ଓ ସମୟୋପଯୋଗୀ ସ୍ୱାସ୍ଥ୍ୟ ସେବା ଯେପରି ସଠିକ୍ ଭାବରେ ମିଳିପାରିବ, ସେଥିପାଇଁ ତୁରନ୍ତ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି । ସେହିପରି, ଶହୀଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ରହିଥିବା ସମନ୍ୱୟର ଅଭାବ ଓ ପ୍ରଶାସନିକ ତାରତମ୍ୟକୁ ଦୂର କରି, ଉଭୟ ସଂସ୍ଥା ମଧ୍ୟରେ ଉତମ ଯୋଗାଯୋଗ ଓ ସମନ୍ୱୟ ସ୍ଥାପନ କରାଗଲେ ଆଗାମୀ ଦିନରେ ରୋଗୀମାନଙ୍କୁ ଅଧିକ ସୁବ୍ୟବସ୍ଥିତ, ତ୍ୱରିତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇପାରିବ । ଏଥିସହିତ, ଜରୁରୀକାଳୀନ ସ୍ଥିତିରେ ରୋଗୀଙ୍କ ଚିକିତ୍ସା, ରେଫରାଲ୍ ଓ ଆବଶ୍ୟକ ଚିକିତ୍ସାଗତ ସହାୟତା ପ୍ରଦାନରେ ଉଭୟ ସଂସ୍ଥା ମଧ୍ୟରେ ସ୍ପଷ୍ଟ ଦାୟିତ୍ୱ ନିର୍ଦ୍ଧାରଣ ଓ ଦ୍ରୁତ ଯୋଗାଯୋଗ ବ୍ୟବସ୍ଥା ରହିବା ଅତ୍ୟନ୍ତ ଆବଶ୍ୟକ ବୋଲି ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁର କହିଛନ୍ତି । ସ୍ୱାସ୍ଥ୍ୟ ସେବା ହେଉଛି ଲୋକଙ୍କର ମୌଳିକ ଅଧିକାର । ଏଥିରେ ଅବହେଳା ହେଲେ ଯୁବ ବିଜେଡି ସରକାରଙ୍କୁ ଘେରିବ ବୋଲି ସେ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ ନାଏକ, ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁର, ରାଜ୍ୟ ବରିଷ୍ଠ ଉପସଭାପତି ମଂଟୁ ନାଏକ, ରାଜ୍ୟ ଯୁବ ଉପସଭାପତି ମନିନ୍ଦ୍ର ମହାନ୍ତି, ଜିଲ୍ଲା ଛାତ୍ର ସଭାପତି ଅଜିତ ସାହୁ, ଯୁବ ନେତା ପିତବାସ ବେହେରା, ନବୀନ ନାୟକ, ଭୋଳାନାଥ ନାଗ ପ୍ରମୁଖ ଉପସ୍ଥିତ ଥିଲେ ।

ବାସୁଦେବପୁର ନଗର ମଣ୍ଡଳ ତରଫରୁ ସେବା ସଂକଳ୍ପ ଅଭିଯାନରେ ଆଶୀର୍ବାଦ ଦୀପ ଓ ବିଭିନ୍ନ କାର୍ଯ୍ୟକ୍ରମ

ବାସୁଦେବପୁର, ୧୮/୦୯ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିବସ ଅବସରରେ ବାସୁଦେବପୁରରେ ଆୟୋଜିତ ହୋଇଛି ‘ସେବା ସଂକଳ୍ପ ଅଭିଯାନ’ । ରାଧାବଲ୍ଲଭପୁରସ୍ଥିତ ମା’ ମଙ୍ଗଳା ମନ୍ଦିର ପରିସରରେ ସମୂହ ଆଶୀର୍ବାଦ ଦୀପ ପ୍ରଜ୍ୱଳନ କରି ଜନ୍ମଦିବସ ପାଳନ କରିଛନ୍ତି ବିଜେପି କର୍ମକର୍ତ୍ତା ଓ କର୍ମୀ । ଏହି ଅବସରରେ ସେବା ଓ ସମାଜ ପ୍ରତି ସମର୍ପଣର ସଂକଳ୍ପ ନେଇଥିଲେ ଦଳୀୟ କର୍ମୀମାନେ । ଦୀପର ଆଲୋକରେ ଝଲସିଲା ମା’ ମଙ୍ଗଳାଙ୍କ ପୀଠ ଆଉ ଏହି ଆଲୋକ ସହ ଜଳିଲା ସେବାର ସଂକଳ୍ପ ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ରାଧାବଲ୍ଲଭପୁର ମା’ ମଙ୍ଗଳା ମନ୍ଦିର ପରିସରରେ ‘ସେବା ସଂକଳ୍ପ ଅଭିଯାନ ୨୦୨୬’ ଅବସରରେ ଅନୁଷ୍ଠିତ ହୋଇଥିଲା ଆଶୀର୍ବାଦ ଦୀପ କାର୍ଯ୍ୟକ୍ରମ ।ସମୂହ ଭାବେ ଆଶୀର୍ବାଦ ଦୀପ ପ୍ରଜ୍ୱଳନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିବସ ପାଳନ କରିଥିଲେ ଉପସ୍ଥିତ ବିଜେପି କର୍ମୀ ଓ କର୍ମକର୍ତ୍ତା । କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ ନଗର ମଣ୍ଡଳ ଉପସଭାପତି ସୂର୍ଯ୍ୟକାନ୍ତ ମହାନ୍ତି, କୋଷାଧ୍ୟକ୍ଷ ମହେଶ୍ୱର ବାରିକ ଏଥିରେ ଯୋଗଦାନ କରିଥିଲେ ଉଦୟ ନାରାୟଣ ମଲ୍ଲିକ, ସପନ ମହାନ୍ତି, ସମିର କୁମାର ମହାନ୍ତି, ଭଗବାନ ମହାନ୍ତି, ପ୍ରଦୀପ ମହାନ୍ତି, ସନ୍ତୋଷ ମହାନ୍ତି, ମନୋରଞ୍ଜନ ମହାନ୍ତି, ରାଧାକାନ୍ତ ସାମଲ, ସଂଜୀବ ଅଗସ୍ତି, କିସନ ମହାନ୍ତି, ଆନନ୍ଦ ଶଙ୍କର ଦାସ, କୃପାସିନ୍ଧୁ ବେଜଙ୍କ ସମେତ ବହୁ ବିଜେପି କର୍ମୀ ଓ କର୍ତ୍ତା ଉପସ୍ଥିତ ଥିଲେ । ଆଶୀର୍ବାଦ ଦୀପର ଆଲୋକରେ ମା’ ମଙ୍ଗଳାଙ୍କ ଆଶୀର୍ବାଦ କାମନା ସହ ସେବାକୁ ପ୍ରାଥମିକତା ଦେଇ ଆଗକୁ ବଢ଼ିବାର ସଂକଳ୍ପ ନେଇଥିଲେ ବିଜେପି କର୍ମୀ । ଦୀପର ଆଲୋକ ଭଳି ସେବାର ଏହି ସଂକଳ୍ପ ସମାଜରେ ଆଲୋକ ବିତରଣ କରୁ ଏହା ଥିଲା କାର୍ଯ୍ୟକ୍ରମର ମୁଖ୍ୟ ବାର୍ତ୍ତା ।

କାଶୀନଗର ବିଜ୍ଞାପିତ ଅଂଚଳ ରେ ସାଧାରଣ ବୈଠକ : ସ୍ୱଚ୍ଛତା ଓ ସହର ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ

ପାରଳାଖେମୁଣ୍ଡି, ୧୮/୦୯ (ଆ.ପ୍ର) : କାଶୀନଗର ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ପରିଷଦ ସଭାଗୃହରେ ଏକ ସାଧାରଣ ବୈଠକ ଓ ସ୍ୱଚ୍ଛତା ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏନଏସି ଅଧ୍ୟକ୍ଷା ଏମ୍ ସୁଧାରାଣୀଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ କାଶୀନଗର ସହରର ପରିମଳ ବ୍ୟବସ୍ଥା, ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ନାଗରିକ ସୁବିଧା ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା । ବୈଠକରେ ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ । ସହରର ସ୍ୱଚ୍ଛତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ନିୟମିତ ଭାବେ ପରିମଳ ବ୍ୟବସ୍ଥାର ତଦାରଖ କରିବା ଏବଂ ଏକ ସୁସ୍ଥ ଓ ସ୍ୱଚ୍ଛ ପରିବେଶ ଗଠନ ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ମୁଖ୍ୟତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ସଂରକ୍ଷଣ ପାଇଁ ଏକ ସବ୍ ବକ୍ସ ବ୍ୟବସ୍ଥା କରିବା ସହ ମୃତଦେହକୁ ଶ୍ମଶାନକୁ ନେବା ପାଇଁ ‘ସ୍ୱର୍ଗଦ୍ୱାର’ ଗାଡ଼ି ଯୋଗାଇଦେବା ପାଇଁ ଦାବି ଉଠାଯାଇଥିଲା । ଏହି ସୁବିଧା ଉପଲବ୍ଧ ହେଲେ ଗରିବ ଓ ଅସହାୟ ପରିବାରମାନଙ୍କୁ ଅନେକ ସମୟରେ ସହାୟତା ମିଳିପାରିବ ବୋଲି ମତ ପ୍ରକାଶ ପାଇଥିଲା । ବୈଠକରେ ସହରର ଆବର୍ଜନା ପରିଚାଳନା, ପରିମଳ ବ୍ୟବସ୍ଥାର ଉନ୍ନତି, ପରିବେଶ ସୁରକ୍ଷା ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ସ୍ୱଚ୍ଛତା ନେଇ ସଚେତନତା ବୃଦ୍ଧି ଉପରେ ମଧ୍ୟ ଆଲୋଚନା ହୋଇଥିଲା । ସହରକୁ ସ୍ୱଚ୍ଛ ଓ ସୁସ୍ଥ ରଖିବା କେବଳ ପରିଷଦର ଦାୟିତ୍ୱ ନୁହେଁ, ଏଥିପାଇଁ ପ୍ରତ୍ୟେକ ନାଗରିକଙ୍କ ସହଯୋଗ ଆବଶ୍ୟକ ବୋଲି ଉପସ୍ଥିତ ଅତିଥି ଓ ସଦସ୍ୟମାନେ ମତ ଦେଇଥିଲେ । କାର୍ଯ୍ୟକ୍ରମରେ ଏନଏସିର ବିଭିନ୍ନ କାଉନସିଲର, ପରିଷଦ ସଦସ୍ୟ, କାଶୀନଗର ଏନଏସିର କର୍ମଚାରୀ ଏବଂ ସମ୍ପୃକ୍ତ ବ୍ୟକ୍ତିମାନେ ଯୋଗଦେଇଥିଲେ । ସହରର ବିଭିନ୍ନ ସମସ୍ୟା ଓ ନାଗରିକଙ୍କ ଆବଶ୍ୟକତା ନେଇ ଆଲୋଚନା କରିବା ସହ ସ୍ୱଚ୍ଛତା ଅଭିଯାନକୁ ଅଧିକ ପ୍ରଭାବଶାଳୀ କରିବା ନେଇ ମତବିନିମୟ ହୋଇଥିଲା । ବୈଠକ ମାଧ୍ୟମରେ କାଶୀନଗର ସହରରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବା ସହ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ମୌଳିକ ସୁବିଧା ଯୋଗାଇବା ଉପରେ ଗୁରୁତ୍ୱ ଦିଆଯାଇଛି ।

ପୂଜା ପେଣ୍ଡାଲରେ ଭବିଷ୍ୟତର ଝଲକ, ଏଆଇ ସାଜିଛି ମୁଖ୍ୟ ଆକର୍ଷଣ

ସେମିଳିଗୁଡ଼ା, ୧୮/୦୯ (ଆ.ପ୍ର) : ବିଶ୍ୱକର୍ମା ପୂଜା ପେଣ୍ଡାଲରେ ଏଥର ଦେଖିବାକୁ ମିଳିଛି ନିଆରା ଆକର୍ଷଣ । ପୂଜାମଣ୍ଡପରେ ସ୍ଥାନ ପାଇଛି କୃତ୍ରିମ ବୁଦ୍ଧିମତା ବା ‘ଏଆଇ’ । ଦୈନନ୍ଦିନ ଜୀବନଠାରୁ ଆରମ୍ଭ କରି ଶିକ୍ଷା, ଚିକିତ୍ସା, କୃଷି ଓ ବିଭିନ୍ନ ପ୍ରଯୁକ୍ତି କ୍ଷେତ୍ରରେ ଏଆଇର ବଢୁଥିବା ବ୍ୟବହାର ଓ ସମ୍ଭାବନାକୁ ଏଠାରେ ରୋଚକ ଢଙ୍ଗରେ ପ୍ରଦର୍ଶିତ କରାଯାଇଛି । ମଣିଷ ଆଦିମ ଯୁଗରୁ କିପରି ଧୀରେ ଧୀରେ ପ୍ରଯୁକ୍ତିର ବିକାଶ ସହ ଆଗକୁ ବଢ଼ିଛି ଏବଂ ବର୍ତ୍ତମାନ ଏଆଇ କିପରି ସାରା ବିଶ୍ୱରେ ପହଂଚିଛି, ତାହାକୁ ପେଣ୍ଡାଲରେ ଚିତ୍ରଣ କରାଯାଇଛି । ଏଆଇର ଆରମ୍ଭ, ବିକାଶ ଓ ଭବିଷ୍ୟତ ସମ୍ଭାବନା ସମ୍ପର୍କରେ ମଧ୍ୟ ଦିଆଯାଇଛି ବିଭିନ୍ନ ତଥ୍ୟ । ପେଣ୍ଡାଲର ସବୁଠାରୁ ଆକର୍ଷଣୀୟ ଦୃଶ୍ୟ ହେଉଛି ରୋବଟ୍ । ଗୋଟିଏ ରୋବଟ୍ ଦର୍ଶକଙ୍କୁ ନମସ୍କାର କରି ଏଆଇ ସମ୍ପର୍କରେ ବିଭିନ୍ନ ସୂଚନା ପ୍ରଦାନ କରୁଛି । ଅନ୍ୟ ଦୁଇଟି ରୋବଟ୍ ଲୋକଙ୍କ ସହ କଥାବାର୍ତ୍ତା କରିବା ସହ ପ୍ରସାଦ ଓ ଆନନ୍ଦି ସାମଗ୍ରୀ ବଂଟନ କରୁଛନ୍ତି । ଏହି ଦୃଶ୍ୟ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି କରିଛି । ଆଗାମୀ ଦିନରେ ମଣିଷର ବିଭିନ୍ନ କାର୍ଯ୍ୟରେ ଏଆଇର ବ୍ୟବହାର କିପରି ବଢ଼ିପାରେ, ହୋଟେଲ ସେବାଠାରୁ ଆରମ୍ଭ କରି ବିଭିନ୍ନ ବୈଷୟିକ କାର୍ଯ୍ୟରେ ଏଆଇର ସମ୍ଭାବ୍ୟ ଭୂମିକା କ’ଣ ହୋଇପାରେ, ସେସବୁକୁ ମଧ୍ୟ ପେଣ୍ଡାଲରେ ଦର୍ଶାଯାଇଛି । ତେବେ ଏଆଇକୁ ନେଇ ଆତଙ୍କିତ ନହୋଇ ଏହାର ସୁବିଚାରିତ ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ଆୟୋଜକମାନେ ବାର୍ତ୍ତା ଦେଇଛନ୍ତି । ଦୁଇ ଭାଇଙ୍କ ଉଦ୍ୟମରେ ସେମିଳିଗୁଡ଼ା ସହରରେ ଏହି ନିଆରା ପେଣ୍ଡାଲ ପ୍ରସ୍ତୁତ ହୋଇଛି । ଏହାକୁ ପ୍ରସ୍ତୁତ କରିବାକୁ ପ୍ରାୟ ୧୫ ଦିନ ସମୟ ଲାଗିଥିବା ବେଳେ ଦର୍ଶକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୂଜା ପରେ ଆଉ କିଛି ଦିନ ଏହାକୁ ରଖାଯିବ ବୋଲି ଆୟୋଜକମାନେ କହିଛନ୍ତି । ମଣିଷ ଦ୍ୱାରା ନିର୍ମିତ ଏଆଇକୁ ମଣିଷର ଉନ୍ନତି ଓ ସୁବିଧା ପାଇଁ ବ୍ୟବହାର କରିବାର ବାର୍ତ୍ତା ଦେଉଛି ଏହି ନିଆରା ବିଶ୍ୱକର୍ମା ପୂଜା ପେଣ୍ଡାଲ ।

ମୋଦିଙ୍କ ଜନ୍ମଦିନ ପାଇଁ ସ୍ୱଚ୍ଛ ଭାରତ ଅଭିଯାନ

ହାଟଡିହି, ୧୮/୦୯ (ଆ.ପ୍ର) : ହାଟଡିହ ବ୍ଲକରେ ନନ୍ଦିପଦା ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛ ପାଠଶାଳା ଅନୁଷ୍ଠିତ ହୋଇଯାଇଛି । ଯାହାକି ସ୍ୱଚ୍ଛତା ପାଇଁ ଯୁବଗୋଷ୍ଠୀମାନଙ୍କ ମଧ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ସୃଷ୍ଟି କରି ପାରିଛି । ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ମିଶନ ପରିଦର୍ଶନ, ବର୍ଷା ଜଳ ସଂଚୟ, ସ୍ୱଚ୍ଛତା ଶପଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନେତୃତ୍ୱରେ, ଓରାଳି ସରପଂଚ ହରିଶ୍ଚନ୍ଦ୍ର ଜେନା, ବିଡ଼ିଓ ରଞ୍ଜନ କୁମାର ପରିଡ଼ା, ରଶ୍ମି ରେଖା ନାଇକ, ପିଇଓ ପ୍ରସନ୍ନ କୁମାର ବିଶ୍ୱାଳ, ସ୍ୱଚ୍ଛ ଭାରତ ଅଭିଯାନ କର୍ମଚାରୀ କାର୍ତ୍ତିକ ଚନ୍ଦ୍ର ପାତ୍ରଙ୍କ ସହ ଅନ୍ୟ କର୍ମଚାରୀମାନେ ଯୋଗଦେଇଥିଲେ ।

ନିର୍ମାଣଧୀନ ବାଇପାସ ରାସ୍ତାର ସ୍ଥିତି ପରଖିଲେ ବିଧାୟକ



ଦଶପଲ୍ଲା, ୧୮/୦୯ (ଆ.ପ୍ର) : ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ୧୦ ନମ୍ବର ୱାର୍ଡ଼ ହରିଡ଼ାବାଡ଼ି ଗ୍ରାମବାସୀଙ୍କ ଦୀର୍ଘଦିନର ସମସ୍ୟା ତଥା ଯାତାୟାତ ଅସୁବିଧାକୁ ନେଇ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସ୍ଥାନୀୟ କାଉନସିଲର ସନ୍ଧ୍ୟାରାଣୀ ପ୍ରଧାନ ଏବଂ ସଭାପତି ପ୍ରଶାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ହରିଡ଼ାବାଡ଼ି ଗ୍ରାମଠାରୁ ମା’ ଗ୍ରାମଦେବତୀ ବାରବାରେଣୀ ଠାକୁରାଣୀଙ୍କ ପୀଠ ପର୍ଯ୍ୟନ୍ତ ଏକ ସ୍ଥାୟୀ ରାସ୍ତା ନିର୍ମାଣର ନିହାତି ଆବଶ୍ୟକତା ରହିଛି ବୋଲି ଦାବି ଉପସ୍ଥାପନ କରିଥିଲେ । ଏହା ସହିତ ନିର୍ମାଣାଧୀନ ବାଇପାସ୍ ରାସ୍ତା କାରଣରୁ ସ୍ଥାନୀୟ ଚାଷୀମାନେ ନିଜ ନିଜ ଜମିକୁ ହଳ ନେବା ତଥା ଫସଲ ଅମଳ କରି ଘରକୁ ଆଣିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଚାଷୀଙ୍କ ସୁବିଧା ପାଇଁ ବାଇପାସ୍ ତଳେ ଏକ ଉପଯୁକ୍ତ ସଂଯୋଗକାରୀ ରାସ୍ତା ବା ଅଣ୍ଡରପାସ୍ ନିର୍ମାଣ ପାଇଁ ଗ୍ରାମବାସୀ ଅଭିଯୋଗ କରିଥିଲେ । ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ଦଶପଲ୍ଲା ବିଧାୟକ ତୁରନ୍ତ କାର୍ଯ୍ୟସ୍ଥଳକୁ ପହଂଚି ନିର୍ମାଣାଧୀନ ବାଇପାସ୍ ରାସ୍ତାକୁ ବୁଲି ଦେଖିବା ସହ ସ୍ଥିତି ଅନୁଧ୍ୟାନ କରିଥିଲେ । ଚାଷୀମାନଙ୍କ ଚଳପ୍ରଚଳ ଓ ଶ୍ରଦ୍ଧାଳୁଙ୍କ ମନ୍ଦିର ଯିବାଆସିବା ପାଇଁ ତୁରନ୍ତ ସମାଧାନର ବାଟ ବାହାର କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବିଧାୟକଙ୍କ ଏହି ପଦକ୍ଷେପ ପରେ ସ୍ଥାନୀୟ ଅଂଚଳବାସୀ ତଥା ଚାଷୀଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି ।

ଏରସମା ଶିଆଳୀ ଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଘଟଣାରେ ଏସ୍ପିଙ୍କୁ ଭେଟିଲେ ଜିଲ୍ଲା ବିଜେଡି ପ୍ରତିନିଧି

ଏରସମା, ୧୮/୦୯ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଶିଆଳୀ ଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି କେହି ଦୁର୍ବୃତ ମାନେ ଭାଙ୍ଗିବା ଘଟଣାକୁ ୯ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ । ଯାହାକୁ ନେଇ ବିଜୁ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଆଜି ଏରସମା ବ୍ଲକ ବିଜେଡି ସଭାପତି ପାର୍ଥ ସାରଥୀ ରାଉତଙ୍କ ନେତୃତ୍ୱରେ ବହୁ ନେତା ଓ କର୍ମୀମାନେ ଜଗତସିଂହପୁର ଜିଲ୍ଲା ଏସପିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ତୁରନ୍ତ ଦୋଷୀଙ୍କୁ ଗିରଫ କରିବା ସହିତ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି । ଯଦି ୭ ଦିନ ମଧ୍ୟରେ ପୋଲିସ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ବିଜୁ ଜନତା ଦଳ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

କୋରାପୁଟ ବିକାଶ ନେଇ ଦିଶା ବୈଠକ, ପ୍ରକଳ୍ପ ଗତି ବଢ଼ାଇବାକୁ ଗୁରୁତ୍ୱ

କୋରାପୁଟ, ୧୮/୦୯ (ଆ.ପ୍ର) : ସ୍ଥାନୀୟ ସଦଭାବନା ସଭାଗୃହ ଠାରେ କୋରାପୁଟ ସାଂସଦ ସପ୍ତଗିରି ଉଲାକାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ରାଜପଥ ୨୬ ଓ ୩୨୬, ରେଳବାଇ, ସାମାଜିକ ସୁରକ୍ଷା, ସାମାଜିକ ମଙ୍ଗଳ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ସ୍ୱାସ୍ଥ୍ୟ, ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଭିବି ଜି ରାମ ଜି, ପ୍ରଧାନମନ୍ତ୍ରୀ ସହରୀ ଓ ଗ୍ରାମୀଣ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା, ମେଗା ପାନୀୟ ଜଳ ଯୋଗାଣ, ସାଂସଦ ହାତପାଣ୍ଠି, ଜାତୀୟ ପ୍ରାଣୀସମ୍ପଦ ମିଶନ, ଜଳ ଜୀବନ ମିଶନ, ଖେଲୋ ଇଣ୍ଡିଆ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରାରମ୍ଭରେ ଜୟପୁର ଠାରୁ ମାଲକାନଗିରି ଓ ନବରଙ୍ଗପୁର ରେଳ ଲାଇନ ନିର୍ମାଣ କୁ ନେଇ ଆଲୋଚନା କରାଯାଇଥିଲା । ମାଲକାନଗିରି ରେଳ ପ୍ରକଳ୍ପ ପାଇଁ ୫୩୫.୨୮୮ ଏକର ବେସରକାରୀ ଜମି ଅଧିଗ୍ରହଣ ହେବାକୁ ଥିବା ବେଳେ ଏ ପର୍ଯ୍ୟନ୍ତ ୧୦୯.୦୬୯ ଜମି ଅଧିଗ୍ରହଣ କରାଯାଇଛି ।ସେହିପରି ୧୮୮.୯୦୪ ଏକର ସରକାରୀ ଜମି ଅଧିଗ୍ରହଣ ହେବାକୁ ଥିବା ବେଳେ ଏ ପର୍ଯ୍ୟନ୍ତ ୧୮୮.୩୫୪ ଏକର ଜମି ଅଧିଗ୍ରହଣ କରାଯାଇଛି ।ସେହିପରି ଜୟପୁର ଠାରୁ ନବରଙ୍ଗପୁର ରେଳ ପ୍ରକଳ୍ପ ପାଇଁ ୪୮୪.୩୪୨ ଏକର ଜମି ଅଧିଗ୍ରହଣ କରିବାକୁ ରହିଛି ।ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସାଂସଦ ଶ୍ରୀ ଉଲକା ନିର୍ଦ୍ଦେଶ ଦେଇଛନ୍ତି । ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଭିତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବା ସହ ଖାଲିଥିବା ପଦବୀକୁ ପୂରଣ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା । ଏଥି ନିମନ୍ତେ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ବୈଠକ କରାଯିବ ବୋଲି ସାଂସଦ କହିଛନ୍ତି । କୋରାପୁଟ ସାଂସଦଙ୍କ ହାତପାଣ୍ଠି ପ୍ରକଳ୍ପ ନିର୍ମାଣରେ କାହିଁକି ବିଳମ୍ବ ହେଉଛି ବୋଲି ସାଂସଦ ପ୍ରଶ୍ନ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଥିଲେ । ୨୦୨୩/୨୪ ଆର୍ଥିକ ବର୍ଷର ପ୍ରକଳ୍ପ କାର୍ଯ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇ ନାହିଁ । ଆସନ୍ତା ବୈଠକ ପୂର୍ବରୁ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତତସହିତ ଫଳକ ଲଗାଇବାକୁ ମଧ୍ୟ କୁହାଯାଇଛି । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ପୂର୍ବରୁ ରହିଥିବା ୨୫୦ ଜନସଂଖ୍ୟାକୁ ହ୍ରାସ କରାଯାଇ ୧୦୦ ଜନସଂଖ୍ୟା କରାଯାଇଛି । ପଟାଙ୍ଗୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଅଂଚଳରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣରେ ବିଳମ୍ବକୁ ନେଇ ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ ଅସନ୍ତୋଷ ବ୍ୟକ୍ତ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କୋଟପାଡ ବିଧାୟକ ରୂପୁ ଭତ୍ରା, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ସହ ବିଭିନ୍ନ ବ୍ଲକର ଅଧ୍ୟକ୍ଷ ଓ ଅଧ୍ୟକ୍ଷା ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଧନ୍ୟବାଦ ଅର୍ପଣ କରିଥିଲେ ।

କାମ ଖୋଜିବା ପାଇଁ ବାଲେଶ୍ୱର ଷ୍ଟେସନରେ ପହଂଚିଥିବା ନାବାଳକକୁ ଉଦ୍ଧାର କଲା ଆରପିଏଫ୍ : ଶିଶୁ ସୁରକ୍ଷା ସମିତିକୁ ହସ୍ତାନ୍ତର

ବାଲେଶ୍ୱର, ୧୮/୦୯ (ଆ.ପ୍ର) : ବାଲେଶ୍ୱର ରେଳ ଷ୍ଟେସନରେ ଅସୁରକ୍ଷିତ ଅବସ୍ଥାରେ ଏକାକୀ ବୁଲୁଥିବା ୧୩ ବର୍ଷୀୟ ଜଣେ ନାବାଳକଙ୍କୁ ରେଳ ସୁରକ୍ଷା ବଳ (ଆରପିଏଫ୍), ବାଲେଶ୍ୱର ଷ୍ଟେସନରୁ ଉଦ୍ଧାର କରିଛି। ପ୍ଲାଟଫର୍ମ ଅଂଚଳରେ ନିୟମିତ ପାଟ୍ରୋଲିଂ ଓ ଡ୍ୟୁଟି ସମୟରେ ଆରପିଏଫ୍ ଯବାନମାନେ ପ୍ଲାଟଫର୍ମ ନମ୍ବର ୦୩/୦୪ର ଖଡ୍ଗପୁର ପାର୍ଶ୍ୱରେ ଥିବା ଏକ ବେଂଚ୍ ଉପରେ ଏକାକୀ ବସିଥିବା ନାବାଳକଙ୍କୁ ଦେଖିଥିଲେ। ତାଙ୍କ ପାଖରେ କୌଣସି ସାମଗ୍ରୀ ନଥିବା ବେଳେ ତାଙ୍କ ଗତିବିଧି ନେଇ ଯବାନମାନଙ୍କର ସନ୍ଦେହ ହୋଇଥିଲା। ପଚରାଉଚରା ସମୟରେ ନାବାଳକ ଜଣକ ପ୍ରଥମେ ଷ୍ଟେସନରେ ତାଙ୍କ ଉପସ୍ଥିତିର ସନ୍ତୋଷଜନକ କାରଣ କହିପାରିନଥିଲେ। ପରେ କାଉନସେଲିଂ ଓ ସହାନୁଭୂତିପୂର୍ଣ୍ଣ ଆଲୋଚନା ପରେ ସେ ଭୟରେ ଘର ଛାଡ଼ି ଆସିଥିବା କହିଥିଲେ। ତାଙ୍କ କହିବା ଅନୁଯାୟୀ, ତାଙ୍କ ବାପା ମଦ୍ୟପାନରେ ଆସକ୍ତ। ସେ ଚାକିରି ଖୋଜିବା ଉଦ୍ଦେଶ୍ୟରେ ବାଲେଶ୍ୱର ଆସିଥିବା ମଧ୍ୟ କହିଥିଲେ। ଆରପିଏଫ୍ ଯବାନମାନେ ନାବାଳକଙ୍କୁ ବୁଝାଇବା ସହ ସାନ୍ତ୍ୱନା ଦେଇଥିଲେ ଏବଂ ତାର ପରିଚୟ ସମ୍ପର୍କିତ ତଥ୍ୟ ସଂଗ୍ରହ କରିଥିଲେ। ପ୍ରାୟ ୧୩ ବର୍ଷୀୟ ନାବାଳକ ଜଣକ ନିଜକୁ ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର ଜିଲ୍ଲାର ପାଲସା ଅଂଚଳର ବାସିନ୍ଦା ବୋଲି କହିଥିଲା। ଏହାପରେ ଆରପିଏଫ୍ ନାବାଳକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ରେଳ ଚାଇଲ୍ଡ ହେଲ୍ପଲାଇନକୁ ସୂଚନା ଦେଇଥିଲା। ଚାଇଲ୍ଡ ହେଲ୍ପଲାଇନର ପ୍ରତିନିଧିମାନେ ବାଲେଶ୍ୱର ଆରପିଏଫ୍ ପୋଷ୍ଟରେ ପହଂଚିଥିଲେ। ପରେ ଆବଶ୍ୟକୀୟ ପଦକ୍ଷେପ ପାଇଁ ନାବାଳକଙ୍କୁ ଶିଶୁ ସୁରକ୍ଷା ସମିତି (ସିଡବ୍ଲ୍ୟୁସି), ବାଲେଶ୍ୱରଙ୍କ ନିକଟରେ ଉପସ୍ଥାପନ କରିବା ନିମନ୍ତେ ଚାଇଲ୍ଡ ହେଲ୍ପଲାଇନ ପ୍ରତିନିଧିମାନଙ୍କୁ ହସ୍ତାନ୍ତର କରାଯାଇଥିଲା। ଆରପିଏଫ୍‌ର ତ୍ୱରିତ ପଦକ୍ଷେପ ଯୋଗୁଁ ନାବାଳକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଉପଯୁକ୍ତ ଶିଶୁ ସୁରକ୍ଷା ବ୍ୟବସ୍ଥା ଅଧୀନକୁ ଅଣାଯାଇପାରିଛି। ରେଳ ପରିସରରେ ଶିଶୁମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କୁ ସମୟୋଚିତ ସହାୟତା ପ୍ରଦାନ କରିବା ନେଇ ଆରପିଏଫ୍ ନିଜର ପ୍ରତିବଦ୍ଧତା ଦୋହରାଇଛି।

ବ୍ଲକସ୍ତରୀୟ ଖେଳ ଓ ଦୌଡ଼ କୁଦ ପ୍ରତିଯୋଗିତା ଉଦଘାଟିତ

ଭୋଗରାଇ, ୧୮/୦୯ (ଆ.ପ୍ର) : ଭୋଗରାଇ ବ୍ଲକ ଜଳେଶ୍ୱରପୁର ସରକାରୀ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆଠାରେ ଶୁକ୍ରବାର ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ବ୍ଲକ ସ୍ତରୀୟ ଖେଳ ଓ ଦୌଡ଼ କୁଦ ପ୍ରତିଯୋଗିତା ଉଦଘାଟିତ ହୋଇଛି। ଏକ ବର୍ଣ୍ଣାଢ୍ୟ ପରିବେଶ ଓ ଛାତ୍ରଛାତ୍ରୀଙ୍କ ପେରେଡ ପ୍ରଦର୍ଶନ ମଧ୍ୟରେ ମୁଖ୍ୟଅତିଥି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କ୍ରୀଡା ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ପରେ ଅନୁଷ୍ଠିତ ସାଧାରଣ ସଭାରେ ଏବିଇଓ ଜ୍ୟୋତ୍ସ୍ନାରାଣୀ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭୋଗରାଇ ବିଧାୟକ ଶ୍ରୀ ଦାସ ଯୋଗଦେଇ ଖେଳକୁଦ ମଣିଷ ଜୀବନ ଚର୍ଚ୍ଚାକୁ ସୁସ୍ଥ ଓ ନିରୋଗ ରଖିଥାଏ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି କଳିଙ୍ଗ ଷ୍ଟାଡିୟମର ଭଲିବଲ କୋଚ୍ ରତନ କୁମାର ପାତ୍ର, ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଝିସୀ ମାରାଣ୍ଡି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶମ୍ଭୁନାଥ ସେଠୀ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଥମ ଦିବସରେ ୬ ଶହ ଛାତ୍ରଛାତ୍ରୀ ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା ବେଳେ ପର୍ଯ୍ୟାୟକ୍ରମେ ଭୋଗରାଇ ବ୍ଲକର ୫୦ ପଂଚାୟତର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କବାଡି, ଫୁଟବଲ, ଭଲିବଲ, ଖୋ଼ଖୋ, ହକି ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ସଂଘର ବ୍ଲକ ସମ୍ପାଦକ ସ୍ୱପ୍ନେନ୍ଦୁ ଆଚାର୍ଯ୍ୟଙ୍କ ସହିତ ସମସ୍ତ ସିଆରସିସି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, କ୍ରୀଡ଼ା ଶିକ୍ଷକମାନେ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

ଅଗ୍ନିବୀଣା ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର

ଭୋଗରାଇ, ୧୮/୦୯ (ଆ.ପ୍ର) : ଭୋଗରାଇ ବ୍ଲକ କଖଡା ପଂଚାୟତ ଡଳାଡ଼ି ଗ୍ରାମର ଗଣେଶ ପୂଜା ଓ ମନସା ପୂଜା ଉପଲକ୍ଷେ ଅଗ୍ନିବୀଣା ଯୁବକ ସଂଘ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଡାକ୍ତର ଚନ୍ଦ୍ରଶେଖର ମାଇତି ଫିତା କାଟି ଉଦଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସମ୍ମାନିତ ଅତିଥି ପୂର୍ବତନ ସରପଂଚ ଆଶିଷ ଦାସ, ସମାଜସେବୀ ଅର୍ଜୁନ ପ୍ରହରାଜ, ସମାଜସେବୀ ଅରୁଣ ଦାସ, ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ଉପସଭାପତି ତଥା ପରିବେଶବିତ୍ ସୁମନ୍ତ କୁମାର ଜେନା, ଯୁବକ ସଂଘର ସଭାପତି ସୁଶାନ୍ତ ଦାସ, ସମ୍ପାଦକ ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ହୋଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉତ୍ତର ଦଣ୍ଡପାଟ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା ବେଳେ ଜିଲ୍ଲା ରକ୍ତ ଭଣ୍ଡାରରୁ ରକ୍ତ ସଂଗ୍ରହ ହୋଇଥିଲା। ଶିବିରରୁ ମୋଟ ୨୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ବେଳେ ଯୁବକ ସଂଘ ପକ୍ଷରୁ ରକ୍ତଦାତାଙ୍କୁ ଆକର୍ଷଣୀୟ ଉପହାର ପ୍ରଦାନ କରାଯାଇଥିଲା। ଧନଞ୍ଜୟ ଚାନ୍ଦ, ଗୋପାଳ ଦାସ, ରାଜୀବ ଦାସ, ବିଶ୍ୱନାଥ ଦାସ, ସଞ୍ଜୟ ଦାସ, ଗୋବିନ୍ଦ ଦାସ, ସନ୍ତୋଷ ଦାସ, ମନୋଜ ଦାସ, ଚନ୍ଦନ କର, ଚନ୍ଦନ ପ୍ରହରାଜ, ଅମର ଚାନ୍ଦ, ପ୍ରୀତମ ଚାନ୍ଦ, ଅମିତ ଚାନ୍ଦ, ମାମିନୀ ଚାନ୍ଦ, ରବୀନ୍ଦ୍ର ହାଜିରା, ଦେବବ୍ରତ ଚାନ୍ଦ, ପୂର୍ଣ୍ଣ ଚାନ୍ଦ, ପ୍ରଣବ ଚାନ୍ଦ, ସଞ୍ଜୀବ ଦେ, ଲକ୍ଷ୍ମୀନାରାୟଣ ଦେ, ଦେବାଶିଷ ସାହୁ, ସଞ୍ଜୀବ ସାହୁ, ଅର୍ପିତ ପାଣିଗ୍ରାହୀ, ବରୁଣ ପାତ୍ର, ବାବୁଲା ସାହୁ, ବାବୁଲୁ ରାଉତ, ଚୈତନ୍ୟ ଚାନ୍ଦ, ଚନ୍ଦନ ଦେ, ଗୋବିନ୍ଦ ସାହୁ, ଦୀପକ ସୁର, ବଙ୍କିମ ଚାନ୍ଦ, କାର୍ତ୍ତିକ ଚାନ୍ଦ, ମାନସ ଦାସ, ଗଣେଶ ରାଉତ, ହରିପ୍ରସାଦ ଚାନ୍ଦ, ସମାଜସେବୀ ଲକ୍ଷ୍ମୀଧର ବାରିକ, ସାମ୍ବାଦିକ ବିଶ୍ୱଜିତ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ବିଷଧର ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ

ଭୋଗରାଇ, ୧୮/୦୯ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅନ୍ତର୍ଗତ ପସରବିନ୍ଧା ପଂଚାୟତର ଗୋବିନ୍ଦ ପୁର ଗ୍ରାମରେ ବିଷଧର ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ଗୋବିନ୍ଦ ପୁର ଗ୍ରାମର ଧନଞ୍ଜୟ ଜେନାଙ୍କ ସ୍ତ୍ରୀ ଶାନ୍ତିଲତା ଜେନା(୫୭)। ପ୍ରାପ୍ତ ସୂଚନା ଅନୁଯାୟୀ, ମୃତ ଶାନ୍ତିଲତା ଶୁକ୍ରବାର ଭୋର ପ୍ରାୟ ୫ଟାରେ ନିଦରୁ ଉଠି ପାଇଖାନା କରିବାକୁ ଯିବା ବେଳେ କୌଣସି ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଖବର ପାଇ ପରିବାର ଲୋକ ୧୦୮ ଆମ୍ବୁଲାନ୍ସ ଯୋଗେ ତୁରନ୍ତ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇ ଯାଇଥିଲା ବେଳେ ସେଠାରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ସ୍ୱାମୀ ଧନଞ୍ଜୟ ଜେନାଙ୍କ ଲିଖିତ ଅଭିଯୋଗ ମୂଳେ ଭୋଗରାଇ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣା ପଡ଼ିଛି।

ବହୁ ପ୍ରତୀକ୍ଷିତ ରଘୁନାଥ ଜୀଉ ମଠର ନବ ନିଯୁକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କଲେ ତହସିଲଦାର

ନୀଳଗିରି, ୧୮/୦୯ (ଆ.ପ୍ର) : ୨୦୨୧ ମସିହା ଠାରୁ ଉକ୍ତ ମଠରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ନଥିବାରୁ ଠାକୁରଙ୍କ ନୀତିକାନ୍ତି, ଆୟବ୍ୟୟ ର ହିସାବ, ଜମିଜମା ବିବାଦର ବହୁ ବିଶୃଙ୍ଖଳା ଦେଖାଦେଇଥିଲା। ଏହାକୁ ପରିଲିକ୍ଷିତ କରି ଦେବୋତ୍ତର କମିଶନର ବିଘ୍ନେଶ୍ୱର ବାରିକଙ୍କୁ ୦୧/୦୭/୨୬ତାରିଖ ରେ ନିଯୁକ୍ତି ପତ୍ର ଦେଇଥିଲେ ହେଁ ଆଜି ନୀଳଗିରି ତହସିଲଦାର କାର୍ଯ୍ୟଭାର ହସ୍ତାନ୍ତର କରିଛନ୍ତି। ଗତ ୨୯/୦୬/୨୬ ତିଖରେ ଦେବୋତ୍ତର କମିଶନର ମୌଖିକ ସାକ୍ଷାତ୍କାର ମାଧ୍ୟମରେ ବିଘ୍ନେଶ୍ୱର ବାରିକଙ୍କୁ ଚୟନ କରି ୦୧/୦୭/୨୬ରେ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ ଏବଂ ୦୮/୦୭/୨୬ ଦାୟିତ୍ୱ ଗ୍ରହଣ କରିବା ନିମନ୍ତେ ପତ୍ର କରିଥିଲେ। ମାତ୍ର ୦୨/୦୯/୨୬ ତିଖ ପର୍ଯ୍ୟନ୍ତ ବିଘ୍ନେଶ୍ୱର ବାରିକଙ୍କୁ ଶୀଘ୍ର କାର୍ଯ୍ୟ ହସ୍ତାନ୍ତର କରିବା ପାଇଁ ଆଦେଶ ଦେଇଥିଲେ ହେଁ ଦୀର୍ଘ ୧୮ ଦିନ ପରେ ଆଜି ନୀଳଗିରି ତହସିଲଦାର ଶୁଭଶ୍ରୀ ଜେନା ନବ ନିଯୁକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଘ୍ନେଶ୍ୱର ବାରିକଙ୍କୁ ଦାୟିତ୍ୱ ଅର୍ପଣ କରିବା ସହ ମଠର ସମସ୍ତ କାର୍ଯ୍ୟର ସୁପରିଚାଳନା ନିମନ୍ତେ ପରାମର୍ଶ ଦେଇଥିଲେ। ଆଜିକାର ଏହି ଦାୟିତ୍ୱ ହସ୍ତାନ୍ତର ସମୟରେ ସଭାପତିଙ୍କ ସହ ଟ୍ରଷ୍ଟବୋର୍ଡର ସଦସ୍ୟ ମାନେ ଉପସ୍ଥିତ ରହିଥିଲେ। ଏହି ଖବର ଶୁଣି ନୀଳଗିରିର ଭକ୍ତଗଣ ଓ ଜନସାଧାରଣ ତହସିଲଦାରଙ୍କୁ କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜନ୍ମଦିନ ଶୁଭେଚ୍ଛା ଜଣାଇଲେ ବିଧାୟକ

ସିମୁଳିଆ, ୧୮/୦୯ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିବସ। ବିଜେପି 'ସେବା ସଂକଳ୍ପ' ସହିତ ତାଙ୍କର ଜନ୍ମଦିନ ପାଳନ କରୁଛି। ଦେଶବ୍ୟାପୀ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଇଁ ଶୁଭେଚ୍ଛାର ସୁଅ ଛୁଟିଛି। ଆଜି ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ, ସିମୁଳିଆ ବିଜେପି ପକ୍ଷରୁ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା କେକ କାଟି ପ୍ରାର୍ଥନା କରିଥିଲେ ଏବଂ ତାଙ୍କର ଦୀର୍ଘାୟୁ ଶୁଭକାମନା ଜଣାଇଥିଲେ। ପରେ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଂଟନ କରାଯାଇଥିଲା। ସନ୍ଧ୍ୟା ସମୟରେ ନୀଳକଣ୍ଠେଶ୍ୱର ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରି ଦୀର୍ଘାୟୁ କାମନା ଏହି ଅବସରରେ ସିଡିପିଓ ଖୋଲଣା ସୁନ୍ଦରୀ ଜେନା, ବ୍ଲକ ଅଧକ୍ଷ ବାବାଜୀ ଚରଣ ମଲ୍ଲିକ, ମଣ୍ଡଳ ସଭାପତି ଅଭିନାଶ ବେହେରା, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଡ଼. ଅଣୁମାଧବ ପଣ୍ଡା, ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସମ୍ପାଦିକା ଭାରତୀ ମଲ୍ଲିକ, ବ୍ଲକ କର୍ମଚାରୀ ସମେତ ବିଭିନ୍ନ ପଂଚାୟତର ନିର୍ବାଚିତ ପ୍ରତିନିଧି ଓ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।

ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଓ ଦୈଡ କୁଦ ପ୍ରତିଯୋଗିତା ୨୦୨୬-୨୭ ଅନୁଷ୍ଠିତ

ନୀଳଗିରି, ୧୮/୦୯ (ଆ.ପ୍ର) : ନୀଳଗିରି ବ୍ଲକ ଜାମୁଡିହା ପଂଚାୟତ ଅର୍ଜୁନ ଆଚାର୍ଯ୍ୟ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ୍‌ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଓ ଦୈଡ କୁଦ ପ୍ରତିଯୋଗିତା ୨୦୨୬-୨୭ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ଯୋଗ ଦେଇ ଉଦଘାଟନ କରିଥିଲେ। ପରେ ଛତ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଦୀପକ କୁମାର ଜେନା ଅତିଥି ମାନଙ୍କୁ ମଂଚ ଆହ୍ୱାନ, ପରିଚୟ ପ୍ରଦାନ କରିଥିଲେ। ସଭାପତି ଚୟନ କରିବା ପରେ ନୀଳଗିରି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଜାମୁଡିହା ଅର୍ଜୁନ ଆଚାର୍ଯ୍ୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ପାତ୍ର, ନୀଳଗିରି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲମ୍ବୋଦର ସିଂ, ଜାମୁଡିହା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ଅଧକ୍ଷ ହେମନ୍ତ କୁମାର ମଣ୍ଡଳ, ତେଲିପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁ ଉପସ୍ଥିତ ଥିବାବେଳେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସମାଜ ସେବୀ ଡକ୍ଟର ନାରାୟଣ ନାଏକ ମଂଚାସିନ ରହିଥିଲେ। ମୁଖ୍ୟ ଅତିଥି କ୍ରୀଡାର ମହତ୍ୱ ଏବଂ ତାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା କ୍ରୀଡା ଛାତ୍ର ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଲକ୍ଷ୍ୟ ବିନା ସାଧନା ଅସମ୍ଭବ ବୋଲି କହିଥିଲେ। ପରେ ସିଆରସିସି, ଜଡିବାଲି ତପନ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କ୍ରୀଡ଼ା ଓ ଦୈଡ କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ୨୦୮ଟି ବିଦ୍ୟାଳୟରୁ ମୋଟ ୬୫୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଶେଷରେ କ୍ରୀଡାରେ କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ପୁରସ୍କୃତ କରିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ ତମ ଜନ୍ମତିଥି ପାଳନ ଅବସରରେ ଆଶୀର୍ବାଦ ଦୀପ ଓ ପୂଜା ଅର୍ଚ୍ଚନା ଅନୁଷ୍ଠିତ

ନୀଳଗିରି, ୧୮/୦୯ (ଆ.ପ୍ର) : ଭାରତର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦୀ ଜୀଙ୍କ ୭୬ ତମ ଜନ୍ମ ଦିବସ ସମଗ୍ର ଦେଶରେ ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଉଛି। ଏହି ଜନ୍ମ ଦିବସକୁ ଅଧିକ ଗରିମା ମୟ କରିବା ପାଇଁ, ସେପ୍ଟେମ୍ବର ୧୭ ତାରିଖରୁ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ଏକ ମାସ ବ୍ୟାପୀ ସେବା ସଂକଳ୍ପ ଅଭିଯାନ ବିଜେପି ଦଳ ପକ୍ଷରୁ ପାଳନ କରାଯାଉଛି। ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିର ପତିତ ପାବନ ହର କ୍ଷେତ୍ର, ଦେବଗିରି ପାହାଡ ପାଦ ଦେଶରେ ଅବସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ, ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁସ୍ଥ ନିରାମୟ ଜୀବନ, ଦୀର୍ଘ ୨୫ ବର୍ଷ ର ସୁ-ଶାସନ ତଥା ଦୀର୍ଘାୟୁ କାମନା କରି, ଜିଲ୍ଲା ପରିଷଦ ଜୋନ -୨ , ସଦସ୍ୟା ତଥା ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସମ୍ପାଦିକା ଉଷାରାଣୀ ରାଉତଙ୍କ ଅବହାକତ୍ୱ ରେ ଶ୍ରୀ ଜଗନ୍ନାଥ ମନ୍ଦିରରେ ପୂଜା ଅର୍ଚ୍ଚନା ଓ ଦୀପ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ମହତ ଓ ଗାରିମା ମୟ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ, ଶରତ କୁମାର ରାଉତ, ସମାଜ ସେବୀ ବସନ୍ତ କୁମାର ରାଉତ, କାର୍ତ୍ତିକ ପାତ୍ର, ହରେକୃଷ୍ଣ ମହାନ୍ତି, ଦିଲ୍ଲୀପ କୁମାର ବଳ,ସୀମା ସିଂ, ମାନସ ପୃଷ୍ଟି, କଟି ପାତ୍ର,ସୂର୍ଯ୍ୟ ପାତ୍ର,କମଳାକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁ - ପରିଚାଳନା କରିବାରେ ସହଯୋଗ କରି ଥିବା ଦେଖା ଯାଇଛି।

ଦେଶୀ ରନ୍ଧା ମଦ ଜବତ, ୦୪ ଗିରଫ

ସିମୁଳିଆ, ୧୮/୦୯ (ଆ.ପ୍ର) : ବାଲେଶ୍ୱର ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଓ ନୀଳଗିରି ଅବକାରୀ ନିରୀକ୍ଷକ ନାରାୟଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଖଇରା ଅବକାରୀ ଥାନା ଅନ୍ତର୍ଗତ ଉସଙ୍ଗ, ରପେୟା, ହଳିସୋ ଓ ଛତ୍ରପୁର

ଗ୍ରାମରେ ଚଢ଼ାଉ କରାଯାଇ ୯୫ ଲିଟର ଦେଶୀ ମଦ ଜବତ କରିବା ସହିତ ଅତ୍ର ପଂଚାୟତର ଉସଙ୍ଗ ଗ୍ରାମର ବସନ୍ତ ନାୟକ, ରପେୟା ପଂଚାୟତର ରପେୟା ଗ୍ରାମର ଗୋପିନାଥ ବେହେରା, ହଳିସୋ ଗ୍ରାମର ପାଣ୍ଡୁ ସିଂ ଓ ଛତ୍ରପୁର ଗ୍ରାମର ମଥୁରୀ ହାତୀ ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ୨୫ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ। ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୦୪ ଗୋଟି ପୃଥକ ପୃଥକ ମାମଲା ରୁଜୁ କରାଯାଇଛି।

ବାଲିଆପାଳରେ ବ୍ରଜଘାତରେ ବୃଦ୍ଧଙ୍କ ମୃତ୍ୟୁ

ବାଲିଆପାଳ, ୧୮/୦୯ (ଆ.ପ୍ର) : ବାଲିଆପାଳ ଥାନା ଅନ୍ତର୍ଗତ କୁଦମାନସିଂ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ସୂଚନା ଅନୁଯାୟୀ କୁଦମାନସିଂ ଗ୍ରାମର ରଘୁନାଥ ପାତ୍ର (୬୨) ଶୁକ୍ରବାର ସକାଳେ ନଳିତା ଚାଷ ହୋଇଥିବା ବିଲକୁ ଯାଇଥିଲେ। ହଠାତ ପ୍ରବଳ ବର୍ଷା ଏବଂ ଘଡଘଡି ଆରମ୍ଭ ହେବାରୁ ସେ ବିଲରୁ ଆସୁଥିବା ବେଳେ ବଜ୍ରପାତ ହୋଇଥିଲା। ଘଟଣା ସ୍ଥଳରେ ରଘୁନାଥ ସଂଜ୍ଞାହୀନ ହୋଇ ପଡିଥିଲେ। ପରିବାର ଲୋକେ ତୁରନ୍ତ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇ ଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୃତକ ରଘୁନାଥ ପାତ୍ରଙ୍କ ପରିବାର ଅତ୍ୟନ୍ତ ଗରୀବ ହୋଇଥିବାରୁ ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

କଥାକାର କଇଳାଶ ପଟ୍ଟନାୟକ ପାଇବେ ପ୍ରଜାପତି ପକ୍ଷରୁ ପ୍ରଦତ୍ତ 'ଅକ୍ଷର କଥାକାର ସମ୍ମାନ'

ବାଲେଶ୍ୱର, ୧୮/୦୯ (ଆ.ପ୍ର) : ଓଡ଼ିଆ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ରଚନା ସାଙ୍ଗକୁ ଲୋକକଥା ଓ ଭ୍ରମଣ କାହାଣୀରେ ପ୍ରସିଦ୍ଧି ଅର୍ଜନ କରିଥିବା ସୁପ୍ରସିଦ୍ଧ କଥାକାର ଡକ୍ଟର କଇଳାଶ ପଟ୍ଟନାୟକ ଚଳିତବର୍ଷର 'ଅକ୍ଷର କଥାକାର ସମ୍ମାନ' ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସମ୍ମାନ ବାଲେଶ୍ୱରର ଶିକ୍ଷା ଓ ଜ୍ଞାନର ଅନୁଷ୍ଠାନ 'ପ୍ରଜାପତି'ର ସାହିତ୍ୟ ଶାଖା 'ଅକ୍ଷର' ପକ୍ଷରୁ ଏକ ମର୍ଯ୍ୟାଦାଜନକ ରାଜ୍ୟସ୍ତରୀୟ ସମ୍ମାନ। ଚଳିତ ମାସ ୨୭ ତାରିଖ ରବିବାର ସନ୍ଧ୍ୟାରେ ହେବାକୁ ଥିବା ଏକ ମନୋଜ୍ଞ ସାରସ୍ୱତ ସମାବେଶରେ ବିଶିଷ୍ଟ କଥାକାର ଡକ୍ଟର ପଟ୍ଟନାୟକଙ୍କୁ ଏହି ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ। ଏ ବାବଦରେ ତାଙ୍କ ପ୍ରତିଭାକୁ ସମ୍ମାନ ଜଣାଇ ନଗଦ ଅର୍ଥରାଶି, ମାନପତ୍ର ଓ ଉପଢୌକନ ପ୍ରଦାନପୂର୍ବକ ଏକ ଭବ୍ୟ ନାଗରିକ ସମ୍ବର୍ଦ୍ଧନାର ଆୟୋଜନ କରାଯାଇ ସମ୍ମାନିତ କରାଯିବ। ତାଙ୍କର ୯ଟି ଗଳ୍ପ ସଂକଳନ ସମେତ ଉପନ୍ୟାସ, ସମାଲୋଚନା, ଅନୁବାଦ, ସଂପାଦନା ଓ ଗବେଷଣା କାର୍ଯ୍ୟରେ ବ୍ରତୀ ରହିଥିବା ଡକ୍ଟର ପଟ୍ଟନାୟକ ତାଙ୍କର ଦୀର୍ଘବର୍ଷର ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ଅଧ୍ୟାପନା କାର୍ଯ୍ୟରେ ଥାଇ ଶାନ୍ତିନିକେତନରୁ ଅବସର ଗ୍ରହଣ କରିଛନ୍ତି। ନିଜର କଥାସାହିତ୍ୟ ରଚନାରେ ବିଶେଷତ୍ୱ ଜାହିର କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସଂଗେସଂଗେ ସେ ଗଳ୍ପ ପିପାସୁ ପାଠକଙ୍କର ପ୍ରିୟଭାଜନ ହୋଇପାରିଛନ୍ତି। ବିଗତ ବର୍ଷମାନଙ୍କରେ କଥାଶିଳ୍ପୀ ଆର୍ଯ୍ୟ ଯଜ୍ଞଦତ୍ତ (୨୦୨୩), କଥାକାର ପ୍ରଦୋଷ ମିଶ୍ର (୨୦୨୪), କଥାକାର ଓ ଔପନ୍ୟାସିକ ପଦ୍ମଜ ପାଳ (୨୦୨୫) ଏ ସମ୍ମାନ ପ୍ରାପ୍ତ ହୋଇ ଅନୁଷ୍ଠାନର ମର୍ଯ୍ୟାଦା ବୃଦ୍ଧି କରିଛନ୍ତି ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସ, ଆବାହକ ବିପ୍ଳବ ଦାସ ମହାପାତ୍ର ଓ ସଂପାଦକ ରାଜେଶ ଗିରି ପ୍ରକାଶ କରିଛନ୍ତି।

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ନିରାକାର

ପରମାତ୍ମା ଅର୍ଥାତ ନିରାକାର, ଭଗବାନଙ୍କ ବିଷୟ ଆଲୋଚନାକୁ ନିଆଗଲେ କେତେକ ଲୋକ ଭକ୍ତିପୂତ ପ୍ରଣାମ, ମୁଣ୍ଡିଆ ମାରିବା ଆରମ୍ଭ କରିଥା'ନ୍ତି ଯାହାଙ୍କ ମାନ୍ୟତାର ରୁଚି ଏକ ଭିନ୍ନ ରୂପରେ ଦେଖା ଦେଇଥାଏ । ଅନ୍ୟ ପକ୍ଷରେ ଅଧିକାଂଶ ମଣିଷ ପରମାତ୍ମାଙ୍କ ପ୍ରତି ରଖିଥିବା ପ୍ରଗାଢ଼ ଭକ୍ତିର ପ୍ରକାଶରେ ଅତ୍ୟନ୍ତ ଭାବାବେଗ ପ୍ରଦର୍ଶନ ପୂର୍ବକ ନିଜର ଆନ୍ଦୋଳିତ ବିଚାରଧାରକୁ ଏମିତି ରଙ୍ଗେଇ ବ୍ୟାଖ୍ୟା କରିଥା'ନ୍ତି ଯେ ସମ୍ମୁଖରେ ରହି ଦେଖୁଥିବା ମଣିଷ ମଧ ସମଭାବ ଜ୍ଞାପନ ନକରି ରହିପାରିବ ନାହିଁ । କାରଣ ନିରାକାର, ଭଗବାନଙ୍କ ଗ୍ରହଣୀୟତା ମଣିଷ ପାଖରେ ଏକ ଶେଷ ସୋପାନର ସ୍ତୁଳ ଯାହାଙ୍କ ସାନିଧ ଲାଭ କରିବା ପାଇଁ ଆଜି ସମଗ୍ର ସଂସାରରେ ସେ ନିଜକୁ ଉଦ୍ବେଳିତ କରିଥିବା ଅନୁଭୂତି ଅତ୍ୟନ୍ତ ମର୍ମସ୍ପର୍ଶୀ ! ଚିରନ୍ତନ, ଶାଶ୍ୱତ ନିରାକାର ପରମାତ୍ମା, ଭଗବାନ ସମ୍ପୂର୍ଣ୍ଣ ଅନନ୍ତର ସୃଷ୍ଟିକର୍ତ୍ତା ସହିତ ପୃଥିବୀ ପୃଷ୍ଠରେ ଚରାଚର ଜୀବଜଗତ, ନିର୍ଜୀବ ବସ୍ତୁ, ପଦାର୍ଥ ଗୁଡିକର ମଧ ସୃଷ୍ଟିକର୍ତ୍ତା ଭାବେ ବିଶ୍ୱବ୍ୟାପୀ ଗ୍ରହଣୀୟତାକୁ ଅନୁଶୀଳନ କରି ଦେଖିବା ବିଷୟ ଏହାଯେ ଭଗବାନ ଏମିତି ଏକ ଶକ୍ତିର ଆଧାର ଯାହାଙ୍କ ସ୍ପର୍ଶ, ଦର୍ଶନ କିମ୍ବା ଅନୁଭବ ପୃଥିବୀର ସମସ୍ତ ଧର୍ମ, ସମ୍ପ୍ରଦାୟର ମଣିଷଙ୍କ ପାଖରେ ଅସମ୍ଭବ ହୋଇ ରହିଛି ଅଦ୍ୟାବଧି । ହୁଏତ ସେହି ଭଗବାନ ଦୁନିଆର ସମସ୍ତ ଜିନିଷକୁ ବସ୍ତୁ ବାଚକ କରି ନିଜକୁ ନିରାକାର ଅବସ୍ଥାରେ ରଖିଛନ୍ତି ନିଜର ସ୍ୱାତନ୍ତ୍ର୍ୟତା ପ୍ରମାଣ କରିବା ପାଇଁ ବୋଲି ଅନୁଭବ ହେଉଛି ଆମର ! କହିବାକୁ ଗଲେ ପୃଥିବୀ ପୃଷ୍ଠରେ ଅବସ୍ଥିତ ସମସ୍ତ ସମ୍ପ୍ରଦାୟ, ଧର୍ମ, ଜାତିର ଲୋକେ ଈଶ୍ୱରଙ୍କ ଉପସ୍ଥିତିକୁ ଏକାଭଳି ଦେଖିଥା'ନ୍ତି ଏବଂ ତାଙ୍କୁ ଅନୁଭବ ବିହୀନ ନିରାକାର ଭାବେ ଗ୍ରହଣ କରିଥା'ନ୍ତି । ହେଲେ ସବୁ ଧର୍ମ ଗୁଡିକରେ ବର୍ଣ୍ଣିତ ଭଗବାନଙ୍କ ପୃଥିବୀ ପୃଷ୍ଠରେ ଅବତୀର୍ଣ୍ଣ ହୋଇଥିବା ବିଭିନ୍ନ ଅବତାର ଗୁଡିକ ସେହି ଈଶ୍ୱରଙ୍କ ଇଚ୍ଛାରେ ପ୍ରେରିତ ହୋଇଥିବା ମାନ୍ୟତା ରହିଛି ।

''ତମେ ଆଉ ନାହଁ ବୋଲି ଖବର ଆସିଛି''

।। ଇନ୍ଦୁ ଭୂଷଣ ଭୂୟାଁ ।।

ସମକାଳୀନ ଓଡ଼ିଆ କବିତାର ଶିଖର ପୁରୁଷ ତଥା ଭାରତୀୟ ଆଧୁନିକ କବିତାର ପଥିକୃତ କବି ପଦ୍ମଭୂଷଣ ରମାକାନ୍ତ ରଥ ଓଡ଼ିଆ କବିତା ରାଇଜର ପୂର୍ଣ୍ଣାତମ ଉଚ୍ଚାରଣ । ଓଡ଼ିଆ କବିତା ତଥା ଭାରତୀୟ କବିତାକୁ ନୂଆ ରୂପ, ଭାଷା, ଭଙ୍ଗୀ ଓ ସର୍ବୋପରି ନୂଆ ଦୃଷ୍ଟି ଦେବାରେ ତାଙ୍କର ଅବଦାନ ଅନନ୍ୟ ସାଧାରଣ ଓ ଅନସ୍ୱୀକାର୍ଯ୍ୟ । ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଆ ଭାଷା ସାହିତ୍ୟକୁ ସେ ସମୃଦ୍ଧ କରି ରଖିଥିଲେ । କୌଣସି ବାଦ, କୌଣସି ପ୍ରଚାରରେ ବିଶ୍ୱାସ ରଖୁନଥିବା ଏହି ମୌନ ସାଧକ ଓଡ଼ିଆ କାବ୍ୟ ଜଗତର ଭାଷା ଓ ଶୈଳୀରେ ନିର୍ମାଣ କରିଥିଲେ ନବଯୁଗ । ତାଙ୍କ କବିତାର ଉଦାହରଣ ସ୍ୱୟଂ ତାଙ୍କର କବିତା । ସ୍ଥୂଳଗଦ୍ୟ ଓ ହାତ ପାହାନ୍ତାର ଶବ୍ଦକୁ ବ୍ୟଞ୍ଜନାତ୍ମକ ଓ ରୂପଦେବାରେ ସେ ସିଦ୍ଧ ହସ୍ତ । ଆମେ ଶୀର୍ଷକ ରଖିଥିବା 'ତମେ ଆଉ ନାହଁ ବୋଲି ଖବର ଆସିଛି' ହେଉଛି ତାଙ୍କ ପ୍ରଖ୍ୟାତ ଓ ପ୍ରଚୁର ପାଠକୀୟ ଆଦୃତି ପାଇଥିବା 'ଶ୍ରୀରାଧା' କବିତାର ପ୍ରଥମ ଧାଡ଼ି ଯାହାର ଅର୍ଥ ହେଉଛି 'ଶ୍ରୀକୃଷ୍ଣଙ୍କର ଦେହ ତ୍ୟାଗର ଖବର ପାଇ ତାହାକୁ ଗ୍ରହଣ କରିନଥିବା ଶ୍ରୀରାଧାଙ୍କ ଭାବନାର ପରିପ୍ରକାଶ ଭଏ' । ଏହି ସୌମ୍ୟ ସୁକୋମଳ କବିଙ୍କ ପରଲୋକ ଖବର ପାଇ ପୃଥିବୀର ବିଭିନ୍ନ କୋଣ ଅନୁକୋଣରେ ଥିବା ତାଙ୍କ ବିମୁଗ୍ଧ ପାଠକଙ୍କ ସମାନ ପ୍ରତିକ୍ରିୟ ଏହିପରି ହିଁ ସୃଷ୍ଟି ହୋଇଥିବ । ଏକାଧାରାରେ ସେ ଥିଲେ ବିଶିଷ୍ଟ କବି ଓ ଜଣେ ସୁନାମଧନ୍ୟ ପ୍ରଶାସକ । ତେବେ ଶ୍ରୀରାଧାର କବି ଭାବେ ପ୍ରସିଦ୍ଧି ଅର୍ଜନ କରିଥିବା ସ୍ୱର୍ଗତଃ ରଥ ପାଠକଙ୍କ ମହଲରେ ବେଶ ଲୋକପ୍ରିୟ ଥିଲେ । ତାଙ୍କର ପ୍ରତ୍ୟେକଟି ସୃଷ୍ଟି ଓଡ଼ିଶାର କାବ୍ୟ ଜଗତକୁ ଋଦ୍ଧିମନ୍ତ କରିଛି ।

୧୯୩୪ ମସିହା ଡିସେମ୍ବର ୧୩ ତାରିଖରେ କଟକର ବିଶ୍ୱନାଥପୁର ଗ୍ରାମରେ ପିତା ଲୋକନାଥ ମହାପାତ୍ର ଓ ମାଆ ପାର୍ବତୀ ଦେବୀଙ୍କ କୋଳମଣ୍ଡନ କରିଥିଲେ । ତେବେ ଅଜା ଜଣେ ସଂସ୍କୃତ ବିଦ୍ୱାନ ଥିବାରୁ ତାଙ୍କୁ ପୁଅ କରିବାରୁ ସେ ମହାପାତ୍ରରୁ ରଥ ହୋଇଥିଲେ । ଅନେକ ସାହିତ୍ୟ ଆଲୋଚନାରେ ସେ ନିଜେ ମଧ ସ୍ୱୀକାର କରିଥିଲେ ଯେ ବାସ୍ତବରେ ସେ କବିତା ଲେଖିବେ ବୋଲି ଭାବିନଥିଲେ । ପରିସ୍ଥିତିରେ ପଡ଼ି ପିଲାଦିନରେ ଦୁଇଟି କବିତା ଲେଖିଥିଲେ । ଏହା ସମ୍ଭବତଃ ତାଙ୍କୁ ଆଗକୁ ନେବା ପାଇଁ ବାଟ ଦେଖାଇଥିଲା । କବିତା ପାଇଁ ସେ ଥରେ ସୁନା ମୁଦିଟିଏ ପୁରସ୍କାର ପାଇଥିଲେ କିନ୍ତୁ ଆଇଏଏସ୍ ପରୀକ୍ଷା ପାଇଁ ସେ ଏହାକୁ ବିକିବା ପାଇଁ ବାଧ୍ୟ ହୋଇଥିଲେ । ରେଭେନ୍ସାରେ ପିଜି କରୁଥିବାବେଳେ ତାଙ୍କୁ କବି ଗୋଦାବରୀଶ ମହାପାତ୍ର, ନାଟ୍ୟକାର ଗୋପାଳ ଛୋଟରାୟ ଓ ଅନନ୍ତ ପଟ୍ଟନାୟକଙ୍କ ଠାରୁ ଉତ୍ସାହ ମିଳିଥିଲା । ସେ ଥିଲେ ସ୍ଥୂଳଗଦ୍ୟ ଓ ହାତପାହାନ୍ତାର ଶବ୍ଦକୁ ବେଶ ବ୍ୟଞ୍ଜନାତ୍ମକ ଓ ଅର୍ଥପୂର୍ଣ୍ଣ ରୂପ ଦେବାରେ ସିଦ୍ଧହସ୍ତ । ଉଚ୍ଚାରଣରେ ମୁକ୍ତ, ସ୍ୱଚ୍ଛ, ଅବାଦ୍ଧ ତାଙ୍କ କବିତାର ନିର୍ଝରଣୀ କେତେ ଯେ ତୃଷିତ ହୃଦୟର ଶୋଷକୁ ମେ଼ାଇଛି ତାର ହିସାବ ନାହିଁ । ଓଡ଼ିଆଙ୍କର ପ୍ରିୟ କବି ପୁଣ୍ୟଶ୍ଲୋକ ରମାକାନ୍ତ ରଥଙ୍କ ନାମ ସାହିତ୍ୟ ନକ୍ଷତ୍ରର ଏକ ପ୍ରାତଃ ସ୍ମରଣୀୟ ଜ୍ୟୋତି । କବିତାର ତପସ୍ୟାରେ ତଲ୍ଲୀନ ଏହି ଜୀବନବୋଧର କବିଙ୍କ ଅନୁଭବ ଯୁଗେ ଯୁଗେ ଭାରତୀୟ କବିତା ପରମ୍ପରାକୁ ଆଚ୍ଛନ୍ନ ଓ ବିଭୋର କରି ରଖିବ ଏଥିରେ ସନ୍ଦେହ ନାହିଁ ।

୧୯୮୫ ମସିହାରେ ପ୍ରକାଶିତ ତାଙ୍କ ଶ୍ରେଷ୍ଠ କୃତୀ ଥିଲା ଶ୍ରୀରାଧା ଯାହାକି ଲୋକପ୍ରିୟତାର ଏତେ ଶୀର୍ଷରେ ରହିଛି ଯେ ଏହା ଭାରତର ବିଭିନ୍ନ ଭାଷାରେ ଅନୁବାଦ ହୋଇ ପ୍ରଚୁର ପାଠକୀୟ ଆଦୃତି ପାଇଛି । ତାଙ୍କ ପ୍ରମୁଖ ସାରସ୍ୱତ ସୃଷ୍ଟି ଗୁଡ଼ିକ ହେଉଛି 'ଅନେକ କୋଠରୀ', 'ସନ୍ଦିଗ୍ଧ ମୃଗୟା', 'କେତେ ଦିନର', 'ସପ୍ତମ ଋତୁ', 'ସଚିତ୍ର ଅନ୍ଧାର', 'ଶ୍ରୀପଳାତକ', 'ସୀମାନ୍ତ ବାସ', 'ଫେରି ଚାହିଁଲେ' ପ୍ରମୁଖ । ସେ ପ୍ରଥମ ଓ ଏକମାତ୍ର ଓଡ଼ିଆ ଭାବେ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସଭାପତି ଦାୟିତ୍ୱ ତୁଲାଇ ଥିଲେ । ୧୯୭୭ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ, ୧୯୮୪ରେ ଶାରଳା ପୁରସ୍କାର, ୧୯୯୨ରେ ସରସ୍ୱତୀ ସମ୍ମାନ, ୧୯୯୪ରେ କବୀର ସମ୍ମାନ, ପ୍ରଜାତନ୍ତ୍ର ବିଷୁବ ସମ୍ମାନ ଓ ୨୦୧୮ରେ ଓଡ଼ିଆ ସାହିତ୍ୟ ଏକାଡ଼େମୀ ପକ୍ଷରୁ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନରେ ସମ୍ମାନିତ ହୋଇଥିଲେ । ସାରସ୍ୱତ ଜଗତର ଏହି ଅମୂଲ୍ୟ ରତ୍ନଙ୍କ ସହିତ ରାଜଧାନୀ ପୁସ୍ତକ ମେଳାର ଏକ ପୁସ୍ତକ ଉନ୍ମୋଚନ ସଭାରେ ପ୍ରଖ୍ୟାତ ଲେଖକ ବିଭୂତି ପଟ୍ଟନାୟକ ଓ ଫନି ମହାନ୍ତିଙ୍କ ସହିତ ଏହି ଲେଖକ ସାନ୍ନିଧ ପାଇବାର ସୁଯୋଗ ପାଇଥିଲା । କେବଳ ଓଡ଼ିଆ ସାହିତ୍ୟ ନୁହେଁ ସମଗ୍ର ଭାରତୀୟ ସାହିତ୍ୟରେ ସେ ଥିଲେ ଜଣେ ସ୍ମରଣୀୟ ବ୍ୟକ୍ତିତ୍ୱ । ଭାରତୀୟ କାବ୍ୟ ସାହିତ୍ୟର ଅନ୍ୟତମ ଶିଖର ସ୍ୱାକ୍ଷର ଓ ଶ୍ରୀରାଧାର କବି ଯୁବ ମାନସ ପରିପକ୍ୱ ମାନସର କବି ଅମର ଧାମକୁ ଯାତ୍ରା କରିଛନ୍ତି । ସେ ଚିରଦିନ ପାଇଁ ସମସ୍ତଙ୍କ ମନରେ ହୃଦୟର କବି ଭାବେ ରହିଥିବେ ।

୪ଜି, ପ୍ରତାପ ଆପାର୍ଟମେଣ୍ଟ,
୭-ଏକ୍ସଟେନସନ ରୋଡ୍,
ପୁରୁଣା ସୋନାରୀ,
ଜାମସେଦପୁର, ଦୂରଭାଷ :
୯୨୦୪୬୫୨୦୬୫

ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ

।। ଡାକ୍ତର ସମ୍ରାଟ କର ।।

ଅନୁଜ ପ୍ରତୀମ ଶ୍ରୀକାନ୍ତ ସେ ଦିନ ବ୍ୟସ୍ତ ହୋଇପଡ଼ି ମୋତେ ପଚାରିଲେ ଯେ ଘରେ ମୋର ଦୁଇଟା ଯାକ ପିଲା କିଛି ନା କିଛି ହାତ ଅଙ୍କାରେ ନିଜକୁ ବ୍ୟସ୍ତ ରଖିବା ପାଇଁ ଭଲ ପାଉଛନ୍ତି । ଯଦି ତାଙ୍କୁ ମୁଁ କୌଣସି କଲରିଂ ସାମଗ୍ରୀ ନ ଆଣି ଦେଉଛି ତେବେ ଘରେ ଥିବା କୌଣସି ରଙ୍ଗ ପଦାର୍ଥର ଜିନିଷ ବା ସେହିପରି ସାମଗ୍ରୀକୁ ନେଇ ସେମାନେ କାଗଜରେ ହେଉ କିମ୍ବା ସିଲଟରେ, ଭୂମି ତଳରେ ହେଉ ଏପରିକି ଖୋଲା ପଡ଼ିଆର ପ୍ରଶସ୍ତ ସ୍ଥାନ ମାନଙ୍କରେ । ସାର୍, ମୋତେ ଲାଗୁଛି ମୋର ଏ ପିଲା ଦିଟାଙ୍କର ବୋଧେ ମୁଣ୍ଡ ଖରାପ ହୋଇଗଲାଣି ନା କ'ଣ ? ଏ ଦୁଇଜଣ ବଡ଼ ହେଲେ ଦୁଇଟା ଯାକ ମସ୍ତବଡ଼ ପାଗଳ ହେବେ ! ଶ୍ରୀକାନ୍ତର କଥାଟି ଶୁଣି ମୁଁ ଟିକେ ହସିଲି । ଆଉ ତାଙ୍କୁ ସବିଶେଷ ବୁଝାଇ କହିଲି ଯେ ସାଧାରଣତଃ ଛୋଟ ବେଳେ ସମସ୍ତଙ୍କୁ ଚିତ୍ରରେ ରଙ୍ଗ ଭରିବାକୁ ଭଲ ଲାଗେ । ବଡ଼ ହେବା ପରେ ଏଥିରୁ ନିଜକୁ ଦୂରେଇ ରଖନ୍ତି । ତେବେ ଆଜିର ସମୟରେ ଏ କାମ କେବଳ ଛୋଟ ପିଲାଙ୍କ ମଧ୍ୟରେ ସୀମିତ ନାହିଁ, ଏହି କାର୍ଯ୍ୟକଳାପ ବଡ଼ ମାନଙ୍କ ପାଇଁ ବି ଉତ୍ତମ । ଏବେ ବଡ଼ ପିଲାଙ୍କ ପାଇଁ କଲରିଂ ବହି ମିଳୁଛି । ଯାହାକି ମାନସିକ ସ୍ୱାସ୍ଥ୍ୟ ଉପରେ ଆଧାରିତ । କଲରିଂ ବହିର ପ୍ୟାଟର୍ଣ୍ଣ ଅବସାଦ କମ କରି ସୃଜନଶୀଳତା ବୃଦ୍ଧିରେ ସାହାଯ୍ୟ କରେ । ଆମେ ନିତିଦିନିଆ ସମୟକୁ ଦେଖିଲେ ଜାଣୁ କେବଳ ଛୋଟ ପିଲା ନୁହଁନ୍ତି ବଡ଼ ବଡ଼ ଲୋକମାନେ ମଧ ଏପରିକି ସମାଜରେ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ଓ ଅତ୍ୟନ୍ତ ବ୍ୟସ୍ତ ବହୁଳ ସମୟ ବିତାଉଥିବା ଲୋକମାନଙ୍କ ଭିତରେ ଏହି ଅନ୍ତର୍ନିହିତ ସୃଜନ କଳା ପ୍ରତି ଆଗ୍ରହ ଓ ଆବେଗ ରହିଛି । ଧାଁ ଧଉଡ ଓ ଗୁରୁତ୍ୱପୂର୍ଣ୍ଣ କର୍ମବ୍ୟସ୍ତ ସମୟରୁ କିଛି କାଢ଼ି ସେମାନେ ଏଥି ନିମିତ୍ତ ସମୟ ଦିଅନ୍ତି ଓ ଚମତ୍କାର ଚିତ୍ର କଳା ମଧ ଆଙ୍କି ଥାଆନ୍ତି । ଚଳିତ ନିର୍ବାଚନରେ ତୃଣମୂଳ କଂଗ୍ରେସରେ ସୁପ୍ରିମ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାସ୍ତା କଡ଼ରେ ଜଣେ ଚିତ୍ରଶିଳ୍ପ ସହିତ କଥା ହୋଇ ସେ ତୁଳୀରେ ଆଙ୍କୁଥିବା ଛବିକୁ ଦେଖି ନିଜେ ତାଙ୍କ ସହ ରଙ୍ଗ ତୁଳୀରେ କିଛି ସମୟ ବିତାଇଥିଲେ । ସେହିପରି ଓଡ଼ିଆ ପୁଅ ତଥା ବିଶ୍ୱପ୍ରସିଦ୍ଧ ଚିତ୍ରଶିଳ୍ପୀ ଭାବେ ପ୍ରତିଷ୍ଠିତ ହୋଇଥିବା ବର୍ତ୍ତମାନର ସ୍ୱିଡ଼େନର ଅଧିବାସୀ ପି.କେ. ମହାନନ୍ଦୀୟାଙ୍କ କଥା ଟିକେ ମନେ ପକାନ୍ତୁ । ସେ ମଧ ଜଣେ ଚମତ୍କାର ଓ ସୁନାମଧନ୍ୟ ଚିତ୍ର ଶିଳ୍ପୀ । ତେବେ ବର୍ତ୍ତମାନ ସୁଦ୍ଧା ପର୍ଯ୍ୟନ୍ତ ଆମ ମାନଙ୍କ ଭିତରେ କଲରିଂ କରୁଥିବା ପିଲା ବା ଲୋକମାନଙ୍କ ଉପରେ ସେତେଟା ଏକ ଭଲ ଧାରଣା ତିଆରି ହୋଇପାରିନାହିଁ । ଏହା ଯେ ଏକ ଚମତ୍କାର ଓ ଭଗବାନଙ୍କ ପ୍ରଦତ୍ତ ସୃଜନଶକ୍ତିର ବିକଶିତ ରୂପରେଖ ତାହା ଆମକୁ ବୁଝିବାରେ ସେତେଟା ସହଜ ହୋଇପାରିନାହିଁ । ଅବସର ବିନୋଦନ ହେଉ ବା ଅସ୍ଥିର, ବିଚଳିତ ମନକୁ ଏକାଗ୍ର ରାସ୍ତାରେ ଆଗେଇ ନେବା ପାଇଁ କଲରିଂ ଏକ ଚମତ୍କାର ମାଧ୍ୟମ । ବର୍ତ୍ତମାନ ଏହି କଲରିଂକୁ ନେଇ ଅନେକ ପାଠ୍ୟକ୍ରମ ମଧ ତିଆରି ହେଲାଣି । ବୃତ୍ତିଗତ କ୍ଷେତ୍ର ଭାବେ ଏହା ମଧ ଜଣକୁ ଯଥାର୍ଥ ପରିଚୟ ଦେବା ସହ ସୁରୁଗାଣ ମେ଼ାଇବା ପାଇଁ ଅର୍ଥ ରୋଜଗାରର ଏକ ସମ୍ମାନଜନକ ମାଧ୍ୟମ ପାଲଟି ସାରିଲାଣି । ତଥାପି କେତେକ ଅଭିଭାବକ ସେମାନଙ୍କ ପିଲାମାନଙ୍କର ଛୋଟ ବେଳର କଲରିଂରେ ବ୍ୟସ୍ତତାକୁ ସେପରି ବେଶ ସହଜରେ ଗ୍ରହଣ କରିପାରିନଥାନ୍ତି । ଗମ୍ଭୀର ଚିନ୍ତାରୁ ଧ୍ୟାନ ହଟାଇବା ପାଇଁ କଲରିଂ ବୁକ ସାହାଯ୍ୟ କରେ । ଏଭଳି ମଜାଦାର ଗତିବିଧି ମାଧ୍ୟମରେ ଶାନ୍ତି ଏବଂ ବିଶ୍ରାମ ଭାବନା ବୃଦ୍ଧି ପାଏ । ସେହିପରି ଚିତ୍ରରେ ରଙ୍ଗ ଭରିବା ହେଉଛି ଏକ ସୃଜନାତ୍ମକ ଏବଂ ମଜାଦାର କାମ । ଏହା ଦ୍ୱାରା ମନକୁ ଶାନ୍ତ କରିବା ସମ୍ଭବ । ଜଟିଳ ଚିତ୍ରରେ ରଙ୍ଗ ଭରିବା ଦ୍ୱାରା ଧ୍ୟାନ ସେଥିରେ ରହେ ଏବଂ ମନ ବିଚଳିତ ହୁଏନାହିଁ । କଲରିଂ ସୃଜନାତ୍ମକ ଜ୍ଞାନ କୌଶଳ ବୃଦ୍ଧିରେ ସାହାଯ୍ୟ କରେ । ନିଜର କଳାତ୍ମକ ଅଭିବ୍ୟକ୍ତିକୁ ଜାଣିବାର ଏହା ଏକ ସହଜ ଉପାୟ । କାରଣ ଦୁଇ ଜଣଙ୍କୁ ଗୋଟିଏ ଚିତ୍ରରେ ରଙ୍ଗ କରିବାକୁ ଦେଲେ ଦୁଇଜଣ ଭିନ୍ନ ଭିନ୍ନ ରଙ୍ଗକୁ ଚୟନ କରନ୍ତି । ଏଥିରୁ ଜଣାପଡ଼େ ଯେ ସମସ୍ତଙ୍କ ଚିନ୍ତାଧାରା ଭିନ୍ନ । କଲରିଂ ନକାରାତ୍ମକ ଚିନ୍ତାରୁ ଦୂରେଇ ରଖିବାରେ ସାହାଯ୍ୟ କରେ । ନିତିଦିନିଆ ମୋ ମାନସିକ ଚିକିତ୍ସା, ନିଦାନ ଓ ପରାମର୍ଶ କେନ୍ଦ୍ରରେ ଅନେକ ପୀଡ଼ିତ ମାନଙ୍କୁ ସାମ୍ନା କରିଥାଏ ଯେଉଁମାନେ ମାନସିକଭାବେ ଅସୁସ୍ଥ ହେବା ପୂର୍ବରୁ ବେଶ ଭଲ ଭାବେ କଲରିଂରେ ନିଜକୁ କିଛି ସମୟ ବିତାଇ ସମୟ କାଟୁଥିଲେ । କଲରିଂ ଏକ ଏପରି ଅନ୍ତର୍ନିହିତ ସୃଜନଶକ୍ତି ଯାହା ନିଜ ଆଖପାଖର ପରିବେଶ, କାର୍ଯ୍ୟକଳାପ ଓ ଜୀବନ ଚରିତ୍ରର ଲୋକମାନଙ୍କ ସମ୍ବନ୍ଧରେ କିଛି ଜଣାଇଥାଏ ସେମାନଙ୍କୁ ଅନେକ ମାନସିକ ଶାନ୍ତି ଦେଇଥାଏ । ଯଦିଓ କଲରିଂ କେତେକ ନିର୍ଦ୍ଦିଷ୍ଟ ମାନସିକ ପୀଡ଼ିତ ମାନଙ୍କ ପାଇଁ ଏକ ପ୍ରକାର ଯନ୍ତ୍ରଣାର କାରଣ ହୋଇଥାଏ ତାହା ତ ଅଲଗା କଥା ତେବେ ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ ଏକ ଏପରି ଶକ୍ତିଶାଳି ଭିଟାମିନ ପରି କାର୍ଯ୍ୟ କରିଥାଏ ଯେ ଅନେକ ଏହା ବିନା ବଂଚ୍ଚି ନପାରିବା ପରି ଅନୁଭବ କରନ୍ତି । ଯେତେଯେପରି ମାଛ ବିନା ଜଳ । ତେବେ କେଉଁ ମାନଙ୍କୁ କେଉଁ କେଉଁ ରଙ୍ଗ ପସନ୍ଦ ଆସିଥାଏ ତାହା ସେମାନଙ୍କ ବ୍ୟକ୍ତିଗତ ଆଗ୍ରହ । ମୁଁ କେତେକ ନିର୍ଦ୍ଦିଷ୍ଟ ମାନସିକ ଅସହାୟ ଓ ପୀଡ଼ିତ ମାନଙ୍କ ପାଇଁ ସେମାନଙ୍କ ପୂର୍ବ ଜୀବନର ଜୀବନ ରେଖା, କାର୍ଯ୍ୟକଳାପ ଓ ବ୍ୟକ୍ତିଗତ ରୁଟିନ ବୁଝିବା ସମୟରେ ଯେତେବେଳେ ଜାଣେ ଯେ ସେମାନେ ପୂର୍ବରୁ ଜଣେ ଜଣେ ରଙ୍ଗ ତୁଳୀର ନାୟକ ଥିଲେ, ସେମାନଙ୍କ ନିକଟ ଲୋକମାନଙ୍କୁ ସେହି ରଙ୍ଗତୁଳୀ ଜୀବନକୁ କିଛି ମାତ୍ରାରେ ଫେରାଇବା ପାଇଁ ପରାମର୍ଶ ଦେଇଥାଏ । ତେଣୁ କଲରିଂ ଯେ ଜୀବନ ଅବସାଦ ନୁହେଁ ବରଂ ଜୀବନ ବଂଚ୍ଚିବାର ଅମୃତ ମହୌଷଧି ଏବଂ ସର୍ବୋପରି ଏହା ଏକ ରଙ୍ଗୀନ ମାନସିକତାର ଜୀବନ ଅଭିବୃଦ୍ଧି ଏହାକୁ ବୁଝନ୍ତୁ ଆଉ ଗ୍ରହଣ କରନ୍ତୁ । ଏ ସଂକ୍ରାନ୍ତରେ ଆପଣ କୌଣସି ଅଧିକ ପରାମର୍ଶ ବା ସହଯୋଗ ଚାହୁଁଥିଲେ ମୁଁ ଅପଣଙ୍କୁ ନିଶ୍ଚିନ୍ତ ସହାୟତାର ହାତ ବଢ଼ାଇବି । ଆମ ଜୀବନ ରଙ୍ଗମଂଚରେ ରଙ୍ଗତୁଳୀ ବା କଲରିଂ ସମସ୍ତଙ୍କ ଖୁସି, ଆନନ୍ଦ ଓ ସୁସ୍ଥ ମାନସିକତାର ପରିଧିକୁ ଆହୁରି ରଙ୍ଗୀନ କରୁ । ଆଜି ପାଇଁ ଏହି ଶୁଭକାମନା ।

ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ, ପୁରୀଘାଟ ରୋଡ୍,
କଟକ,
ଦୂରଭାଷ :୯୧୩୨୪୩୩୩୩୩

କ୍ରୋଧର ଆତ୍ମକଥା

।। ଅନୀତା ପଟ୍ଟନାୟକ ।।

କୋଟି କୋଟି ଶ୍ରଦ୍ଧାଳୁ ଜଗନ୍ନାଥଙ୍କ ନିକଟରେ ପ୍ରଣାମ ଜଣାଇବା ପାଇଁ ରଥଯାତ୍ରାରେ ଉପସ୍ଥିତ ହେଲେ । ସେମାନଙ୍କ ଭିତରେ ସୁପ୍ତ ଭାବରେ ଥିବା କ୍ରୋଧ ମଧ ଏହି ସୁଯୋଗରେ ଜଗନ୍ନାଥଙ୍କୁ ପ୍ରଣାମ ଜଣାଇ ପକାଇଲା । ଜଗନ୍ନାଥ କ୍ରୋଧକୁ କହିଲେ ତୁମେ ତ ମଣିଷର ଏକ ଶତ୍ରୁ । ତୁମ ଯୋଗୁ ତାର କ୍ଷତି ହୁଏ । ସେ ହିତାହିତ ଜ୍ଞାନ ପାଶୋରି ଯାଏ । ତୁମ ଯୋଗୁ ତାର ହୃଦରୋଗ ହୁଏ । ମୋ ଭକ୍ତ ମାନଙ୍କୁ ତୁମ ହାତରୁ କିପରି ମୁକ୍ତି ପାଇବେ ? ବହୁ ବର୍ଷ ତଳେ ମୁଁ ଗୀତାରେ କହିଥିଲେ ମଧ ସେମାନେ ତାକୁ ପଢୁ ନାହାଁନ୍ତି କିମ୍ବା ହୃଦୟଙ୍ଗମ କରୁନାହାଁନ୍ତି । ଯୁଦ୍ଧ ସମୟରେ ମୁଁ ଅର୍ଜ୍ଜୁନଙ୍କୁ କହିଥିଲି - ''ଧ୍ୟାୟତୋ ବିଷୟାନ ପୁଂସଃ ସଙ୍ଗସ୍ତେଷୁ ଉପଜାୟତେ, ସଙ୍ଗାତ୍ ସନ୍ଜାୟତେ, କାମଃ କାମାତ୍ କ୍ରୋଧ ଅଭିଜାୟତେ । କ୍ରୋଧାତ୍ ଭବତି ସମ୍ମୋହଃ ସମ୍ମୋହାତ୍ ସ୍ମୃତି ବିଭ୍ରମଃ, ସ୍ମୃତି ଭ୍ରଂଶ୍ରାଦ୍ ବୁଦ୍ଧିନାଶ ବୁଦ୍ଧିନାଶାତ୍ ପ୍ରଣଶ୍ୟତି ।'' କ୍ରୋଧ କହିଲା ପ୍ରଭୁ ମୁଁ ଅର୍ଜ୍ଜୁନ ନୁହେଁ ମତେ ଟିକେ ସରଳ ଭାଷାରେ ବୁଝାଇ ଦିଅ । ମହାପ୍ରଭୁ କହିଲେ ବିଷୟ ଚିନ୍ତା କରୁଥିବା ବ୍ୟକ୍ତିର ଆସକ୍ତି ସୃଷ୍ଟି ହୁଏ । ଆସକ୍ତିରୁ ମଣିଷ ମନରେ କାମନା ଜନ୍ମ ହୁଏ । ସେହି କାମନାକୁ ପ୍ରତିରୋଧ କଲେ, କ୍ରୋଧ ଜାତ ହୁଏ । କ୍ରୋଧରୁ ମୋହ ଜାତ ହୁଏ । ମୋହରୁ ମଣିଷର ସ୍ମୃତି ବିଭ୍ରମ ହୁଏ । ଏପରି ହେଲେ ତାର ବୁଦ୍ଧି ନାଶ ହୋଇଯାଏ । ସେ ଜ୍ଞାନଶକ୍ତି ହରାଇ ବସେ ଓ ମଣିଷ ଅଧୋଗତିଗାମୀ ହୁଏ । ମଣିଷମାନେ ସଦ୍ଭାବ ବୃଦ୍ଧିକଲେ, ତୁମେ ତା ଶରୀରରେ ଚୁପଚାପ ହୋଇ ରହିବ ବୋଲି ମୁଁ କହିଲେ ମଧ ସେମାନେ ଶୁଣୁ ନାହାଁନ୍ତି । କ୍ରୋଧ ପଚାରିଲା ମତେ ମଣିଷ ଭିତରେ ଜନ୍ମ ଦେଇଥିଲେ ମଧ ମୋର ପିତାମାତାଙ୍କ ନାମ ଜାଣି ନାହିଁ । ଦୟାକରି ମତେ କୁହନ୍ତୁ । ଜଗନ୍ନାଥ କହିଲେ ଶୁଣ । ରଜ ଓ ତମ ତୁମର ପିତାମାତା । କାଠ ଭିତରେ ନିଆଁ ଥାଏ କିନ୍ତୁ ନିଆଁ ନବାହାରିବା ପର୍ଯ୍ୟନ୍ତ କାଠକୁ ଭସ୍ମୀଭୂତ କରି ହେବନି । ମଣିଷ ଶରୀର ଭିତରେ ତୁମେ ଅଛ । ତୁମେ ପ୍ରକାଶିତ ନ ହେବା ପର୍ଯ୍ୟନ୍ତ ମଣିଷର କ୍ଷତି କରିପାରିବ ନାହିଁ । ଏହି କଥା ଶୁଣି ମଣିଷ ଭିତରେ ଥିବା ଅଗ୍ନିଦେବ କହିଲେ ମୁଁ ମଣିଷ ଭିତରୁ କିପରି ବାହାରେ କହିଲେ ଦେଖି । ଜଗନ୍ନାଥ କହିଲେ ହେ ଅଗ୍ନିଦେବ ମୁଁ ତୁମକୁ ଭଲକି ଜାଣେ । ମଣିଷ ମାନଙ୍କ ମଧ୍ୟରେ ମନର ଅମେଳ ହେଲେ ମତ ପାର୍ଥକ୍ୟ ହେଲେ ତୁମେ ପ୍ରକାଶିତ ହୁଅ । ମନୁଷ୍ୟକୁ ତାର ସଫଳତା ଆନନ୍ଦ ଦିଏ କିନ୍ତୁ ତାର ବିଫଳତା ମଧ୍ୟରେ କ୍ରୋଧ ଜନ୍ମାଏ । ଅଗ୍ନିଦେବ କହିଲେ ଏ ସବୁ ଠିକ ଯେ ମୁଁ ମନୁଷ୍ୟ ଭିତରେ ଜଠରାଗ୍ନି ଭାବେ ରହି ଖାଦ୍ୟ ହଜମ କରୁଅଛି । ମନୁଷ୍ୟ ଅଫିମ, ମଦ୍ୟ ଓ ବ୍ରାଉନ ସୁଗାର ଭକ୍ଷଣ କରୁଛି । ଏହା ମଧ ତାର କ୍ରୋଧର କାରଣ । ଅଗ୍ନିଦେବ କହିଲେ କ୍ରୋଧର କେତେ ପାଳିତ ମାତା ଅଛନ୍ତି ସେମାନେ ହେଲେ ଅସନ୍ତୋଷ, ବିରକ୍ତିଭାବ, ଚିଡ଼ିଚିଡ଼ା ପ୍ରକୃତି ଇତ୍ୟାଦି । ଜଗନ୍ନାଥ କହିଲେ ମୁଁ ଗୀତାରେ କହିଛି ନର୍କର ତିନି ଦ୍ୱାର କାମ-କ୍ରୋଧ-ଲୋଭ ମଧ୍ୟରୁ କ୍ରୋଧ ଗୋଟିଏ ଦ୍ୱାର । ମଣିଷ କାମନାପୂର୍ଣ୍ଣ ନହେଲେ ସେ କ୍ରୋଧିତ ହୁଏ । ତାର କାମନା ପୂର୍ଣ୍ଣ ହେଲେ ସେଥିରୁ ତାର ଲୋଭ ସୃଷ୍ଟି ହୁଏ । କ୍ରୋଧର ଭାଇ ହେଉଛି ଅହଂକାର । ଯେପରି ପ୍ରିୟଜିନିଷ ପାଇଲେ କ୍ରୋଧ ଦୂରେଇ ଯାଏ ସେପରି ନୀରବତା, ବିଛଣାରେ ଶୟନ, ଥଣ୍ଡାପାନୀୟ ପ୍ରଭୃତି ଗ୍ରହଣ କଲେ କ୍ରୋଧ ଦୂରେଇଯାଏ । କ୍ରୋଧକୁ ଜୟ କରି ପାରିଲେ ମଣିଷର ଧୈର୍ଯ୍ୟ ବୃଦ୍ଧି ହୁଏ । ଆମେ ଯଦି ଭାବିବା ସେ ଠିକ କରିଛି ମୁଁ ଭୁଲ କରିଛି କ୍ରୋଧ ଦୂରେଇ ଯିବ । ବଡ଼ ବଡ଼ ମନିଷୀମାନେ କହିଛନ୍ତି ପ୍ରତିକ୍ରିୟା ଠାରୁ ଦୂରେଇ ରହିଲେ କ୍ରୋଧ ଦୂରେଇଯାଏ । କ୍ରୋଧର ଅଧୀନ ହେଲେ ଯଶ ମିଳେନାହିଁ । ଯୀଶୁ ଶାନ୍ତ ଧୀର ସ୍ଥିର ମନରେ କ୍ରୋଧକୁ ସମ୍ବରଣ କରିପାରିଥିଲେ । ତେଣୁ ପ୍ରତ୍ୟେକ ମନୁଷ୍ୟ ତାର ଭିତରେ ଥିବା କ୍ରୋଧ ଓ ଅହଂଭାବକୁ ଠିକ୍ ଭାବରେ ଚିହ୍ନିବା ଦରକାର । ଯେଉଁମାନେ ମତେ ଦର୍ଶନ କରି ଅହଂକାର ଓ କ୍ରୋଧକୁ ମୋର ପାଦ ପଦ୍ମରେ ସମର୍ପଣ କରିଥାନ୍ତି ମୁଁ ସେହି ମାନଙ୍କୁ କେବଳ ଆଶୀର୍ବାଦ କରିଥାଏ ।

ଅବସରପ୍ରାପ୍ତ ପ୍ରଧାନ ପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

ଗଣତନ୍ତ୍ର ମନ୍ଦିର ଭିତରେ ଲଣ୍ଠନ

।। କିଶୋର ଚନ୍ଦ୍ର ବେହେରା ।।

ଅତ୍ୟାଧୁନିକ ବିଜ୍ଞାନ ଓ କାରିଗରୀ ବିଦ୍ୟା ଡିଜିଟାଲ ଯୁଗରେ ଅଲୋଡ଼ା ହୋଇପଡ଼ିଥିବା ଡିବିରି, ଲଣ୍ଠନ, ଚେମେଣି ଓ ମହମବତି ଏବେ ପୁଣି ଖୋଜା ପଡିଛି । ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ସମୟରେ ଏସବୁ ପାରମ୍ପରିକ ସାମଗ୍ରୀକୁ ଲୋକେ ପୁଣି ଏକତ୍ରିତ କରିଥାନ୍ତି । ଆଲୋକ ପ୍ରଦାନ କରୁଥିବା ଏକ ଉପକରଣ ଯେଉଁଥିରେ ବତୀର ଚାରିପଟେ ଏକ ଗୋଲ କାଚ ଲଗା ହୋଇଥାଏ ଏବଂ ତେଲ ରଖିବା ନିମନ୍ତେ ଏକ ଆଧାର ଥାଏ । ଯେଉଁ ସମୟରେ ଆମ ନିକଟରେ ବିଦ୍ୟୁତ ଅପହଂଚ ଥିଲା ସେତେବେଳେ ଲୋକେ କିରୋସିନିରେ ଡିବିରୀ ବତୀ ହେଉ କିମ୍ବା ଜଡ଼ାରେ ଦିହୁଡି ଲଗାଇ ଅନ୍ଧାରକୁ ଦୂରେଇ ପାରୁଥିଲେ କ୍ଷ ବହୁ ବର୍ଷ ଧରି ନିପଟ ମଫସଲ ଗ୍ରାମ କିମ୍ବା ଛୋଟ ଛୋଟ ସହର ଗୁଡ଼ିକରେ ଆଲୋକୀକରଣ ବ୍ୟବସ୍ଥାର ଅଭାବ ଦେଖା ଦେଇଥିଲା । ବସ୍ତି ଗୁଡିକରେ ବସବାସ କରୁଥିବା ଲୋକେ ବିଭିନ୍ନ ଉପାୟରେ ଅନ୍ଧାରକୁ ଦୂର କରିବା ପାଇଁ ଯଥାସମ୍ଭବ ପ୍ରୟାସ କରୁଥିଲେ । ଅପହଂଚ ଇଲାକା ତଥା ପାହାଡିଆ ଓ ଦୁର୍ଗମ ଅଂଚଳରେ ବାସ କରୁଥିବା ଲୋକେ ରାତିର ଘନ ଅନ୍ଧକାର ଭିତରେ ମୁଣ୍ଡ ଗୁଞ୍ଜି ରହୁଥିଲେ । ଦିନରେ ସୂର୍ଯ୍ୟଙ୍କ ଆଲୁଅରେ ପେଟ ପାଟଣା ପାଇଁ ଖାଦ୍ୟ ଅନ୍ୱେଷଣ ହେଉ କିମ୍ବା ଚାଷ ଜମିରେ କାମ କରି ସନ୍ଧ୍ୟା ବେଳକୁ ଘରକୁ ଫେରି କ୍ଳାନ୍ତ ଶରୀରକୁ ବିଶ୍ରାମ ନେବା ପାଇଁ ତତ୍ପର ହେଉଥିଲେ । ସଞ୍ଜ ନଇଁଲେ ଘରେ ଘରେ ପଡି ଯାଉଥିଲା ତାଟି କବାଟ । କିଛି ଲୋକ ଡିବିରୀ ବତିରେ ପାଠ ପଢିବା ହେଉ ରୋଷେଇ କରିଆସୁଥିଲେ । ଧୂଆଁରେ ଘର ଭର୍ତ୍ତି ହୋଇଯାଉଥିଲା । ସମୟ କ୍ରମେ ଗାଁ ଗଣ୍ଡାର କୁଶଳୀ କାରିଗର ଲୁହାରେ ତିଆରି ଟିମିଲି ସହିତ ଲଣ୍ଠନକୁ ତିଆରି କରି ଲୋକଙ୍କ ଆବଶ୍ୟକତା ମେଣ୍ଟାଇବାରେ ସମର୍ଥ ହୋଇଥିଲେ । ଲଣ୍ଠନ ବିଭିନ୍ନ ପ୍ରକାର ଯେମିତି କିରୋସିନ୍, ପେଟ୍ରୋମାକ୍ସ କିମ୍ବା ବିଦ୍ୟୁତ୍ ଚାଳିତ ଆଲୋକ ଉପକରଣ ହୋଇପାରେ । କିନ୍ତୁ ଓଡ଼ିଶାରେ ଲଣ୍ଠନ କହିଲେ ସାଧାରଣତଃ କିରୋସିନ୍ ଚାଳିତ ଲଣ୍ଠନକୁ ବୁଝାଯାଏ । ଲଣ୍ଠନ ଭିତରେ ମହମବତୀ, କିରୋସିନ୍ ସଳିତା, ପେଟ୍ରୋମାକ୍ସ ମେଣ୍ଟଲ୍ କିମ୍ବା ବିଦ୍ୟୁତ୍ ବତୀ ଆଲୋକର ଉତ୍ସ ଭାବରେ ବ୍ୟବହାର ହୋଇଥାଏ । ଖୋଲା ଆଲୋକ ଉତ୍ସ ଯେମିତି ମହମବତୀ କିମ୍ବା ଡିବିରି ବତୀରୁ ଅନେକ ପ୍ରକାରେ ଅଗ୍ନି ବିପତ୍ତି ହେବାର ସମ୍ଭାବନା ଥିବା ବେଳେ ଲଣ୍ଠନ ଏକ ନିରାପଦ ବତୀ ଭାବରେ ବ୍ୟବହାର କରାଯାଇଥାଏ । ପ୍ରକୃତରେ ଲଣ୍ଠନର ଉଦ୍ଭାବନ ନିରାପଦ ଆଲୋକ ପାଇବା ଉଦ୍ଦେଶ୍ୟରେ ହିଁ ହୋଇଥିଲା । ଅଧିକନ୍ତୁ ଘର ବାହାରେ ଲଣ୍ଠନର ଆଲୋକ ଉପରେ ପବନର ପ୍ରଭାବ ବିଶେଷ ନଥାଏ ।

ଅନ୍ଧାର ରାତିକୁ ଦୂର କରିବା ପାଇଁ ଯେଉଁ ଲଣ୍ଠନର ବ୍ୟବହାର ସମାଜରେ ବହୁଳ ପରିମାଣରେ ବ୍ୟବହୃତ ହେଉଥିଲା, ତାକୁ ନେଇ ଅନେକ କବି, ନାଟ୍ୟକାର, ଗୀତିକାର, ପ୍ରାବନ୍ଧିକ ଓ ଚିତ୍ରଶିଳ୍ପୀ ନିଜ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ । ରାତିରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ କିମ୍ବା ଦିନସାରା ଅକ୍ଳାନ୍ତ ପରିଶ୍ରମରୁ ନିଜକୁ ହାଲୁକା କରିବା ପାଇଁ ଯେଉଁ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥାଏ ସେତେବେଳ ଲଣ୍ଠନର ଆବଶ୍ୟକତା ପଡ଼ିଥାଏ । କାଳକ୍ରମେ ଭାରତ ସରକାରଙ୍କ ନିର୍ବାଚନ ଆୟୁକ୍ତ ଏହାକୁ ରାଜନୈତିକ ଦଳର ଚିହ୍ନ ରୂପେ ସ୍ୱିକୃତି ପ୍ରଦାନ କରିଥିଲେ । ୧୯୯୭ରେ ଜାତୀୟ ଜନତା ଦଳରୁ ଅଲଗା ହେବାପରେ ଲାଲୁ ପ୍ରସାଦ ଯାଦବ ବିହାରରେ ପ୍ରଥମ ଥରପାଇଁ ରାଷ୍ଟ୍ରୀୟ ଜନତା ଦଳ ଗଠନ କରିଥିଲେ ଏବଂ ଏହାର ଦଳୀୟ ଚିହ୍ନ ଥିଲା ଲଣ୍ଠନ । ସେ ହିଁ ଦଳର ରାଷ୍ଟ୍ରୀୟ ଅଧକ୍ଷ ଭାବରେ ନିର୍ବାଚିତ ହୋଇଥିଲେ । ଏହାପରେ ଲଗାତାର ଏହି ଦାୟିତ୍ୱ ତୁଲାଇ ଆସୁଛନ୍ତି । ଏପରିକି ଚାରା ଘୋଟାଲାରେ ଅଭିଯୁକ୍ତ ଥିବାବେଳେ ମଧ ରାଷ୍ଟ୍ରୀୟ ଅଧକ୍ଷ ଭାବରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ସାଧାରଣ ନିର୍ବାଚନ, ରାଜ୍ୟ ବିଧାନସଭାର ନିର୍ବାଚନ ଓ ତ୍ରିସ୍ତରୀୟ ପାୟତିରାଜ ନିର୍ବାଚନରେ ପରସ୍ପର ରାଜନୈତିକ ଦଳ ପରସ୍ପରକୁ ଆକ୍ଷେପ ଓ ପ୍ରତ୍ୟାକ୍ଷେପ କରି ସମାଲୋଚନା କରିଥାନ୍ତି 'ଦିନବେଳେ ଲଣ୍ଠନ ଦେଖାଇବା' କଥା କାରଣ ସୂର୍ଯ୍ୟାଲୋକରେ ଲଣ୍ଠନ ଜଳିବା ଦ୍ୱାରା ନିଜର ଅସ୍ତିତ୍ୱ ହରାଇ ଥାଏ । ଦଳୀୟ ପ୍ରାର୍ଥୀଙ୍କ ପ୍ରତିଶ୍ରୁତି କିଛି ଜନତା ଜନାର୍ଦ୍ଦନ ମତଦାତାମାନେ ଏହାକୁ ଗ୍ରହଣ କରିଥିବା ବେଳେ କିଛି ଏହାକୁ ଅଗ୍ରାହ୍ୟ କରିଥାନ୍ତି । ଆମ ଦେଶରେ ୧୯୫୨ ମସିହା ପ୍ରଥମ ସାଧାରଣ ନିର୍ବାଚନ ଠାରୁ ଆରମ୍ଭ କରି ସଂପ୍ରତି ବିଧାନ ସଭା ନିର୍ବାଚନ ହେଉ କିମ୍ବା ତ୍ରିସ୍ତରୀୟ ପାୟତିରାଜ ନିର୍ବାଚନରେ ଓ ସହରାଂଚଳ ସ୍ଥାନୀୟ ସୟାତ ଶାସନ ନିର୍ବାଚନ ଭୋଟଦାନ କକ୍ଷରେ ଲଣ୍ଠନର ଆବଶ୍ୟକତା ପଡ଼ିଥାଏ । ଭୋଟଦାନ କକ୍ଷରେ ଲଣ୍ଠନର ବ୍ୟବହାରକୁ ନେଇ ଅନେକ ଆଲୋଚନା ମଧ୍ୟରେ ପ୍ରଥମତଃ ଭୋଟଦାନ କକ୍ଷଟି ଅନ୍ଧକାର ଥିବାରୁ ଏହାକୁ ଆଲୋକିତ କରାଯାଏ ଯାହାଫଳରେ ମତଦାତା ନିଜର ଜନପ୍ରତିନିଧି ଚିହ୍ନଟିକୁ ଜାଣିବା ପାଇଁ ସହଜ ହୋଇଥାଏ । ଦ୍ୱିତୀୟତଃ ଭାରତୀୟ ପରମ୍ପରାରେ ଦୀପର ଆଲୋକ ସତ୍ୟ, ଧର୍ମ ଓ ପରମ୍ପରାର ପ୍ରତୀକ ବୋଲି ବିଶ୍ୱାସ କରାଯାଇଥାଏ । ମତଦାତା କାହାକୁ ନିଜର ଭୋଟ ଖଣ୍ଡିକ କାହାକୁ ସାବ୍ୟସ୍ତ କଲେ କେବଳ ନିର୍ଜୀବ ଲଣ୍ଠନ ଦୀପହିଁ କେବଳ ଦେଖିଥାଏ, ତା' ବ୍ୟତିରେକେ ଅନ୍ୟ କିଏ ଦେଖିନଥାନ୍ତି ।

ଯେଉଁ ଲଣ୍ଠନକୁ ସାକ୍ଷୀ ରଖି ସାଧାରଣ ଜନତାଟିଏ ନିଜର ମତ ସାବ୍ୟସ୍ତ କରିଥିଲା, ସେହି ଲଣ୍ଠନ ଏବେ ନିର୍ବାଚିତ ଜନପ୍ରତିନିଧିଙ୍କ ହାତରେ । ଏଭଳି ରୋଚକ ପରିସ୍ଥିତି ଦେଖିବାକୁ ମିଳୁଛି ଚଳିତ ବର୍ଷ ବଜେଟ ଅଧିବେଶନରେ । ଓଡ଼ିଶା ବିରୋଧୀ ମନ୍ତବ୍ୟ ଦେଇଥିବା ବିଧାୟକଙ୍କ ବିରୋଧରେ ତୁରନ୍ତ ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜୁ ଜନତା ଦଳ ଦାବି କରିଛି । ଏହାସହ ଅଭିନବ ଉପାୟରେ ଲଣ୍ଠନ ଧରି ମୁଖ୍ୟମନ୍ତ୍ରୀ କୁଆଡେ ଗଲେ ବୋଲି ଖୋଜିଥିଲେ ବିଜେଡି ବିଧାୟକ । ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ ପାଖରେ ଲଣ୍ଠନ ଧରି ଖୋଜିଥିଲେ ବିଜେଡି ବିଧାୟକ । ଏହାପରେ ବିଜେଡି ବିଧାୟକମାନେ ବିଧାନସଭାରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତୀ ତଳେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରି ପ୍ରତିବାଦ କରିଥିଲେ । ଯେଉଁଠି ରାତିର ଅନ୍ଧାରକୁ ଦୂର କରିବା ପାଇଁ ଲଣ୍ଠନର ଆବଶ୍ୟକତା ପଡ଼ିଥାଏ କିନ୍ତୁ ୨୪ଘଣ୍ଟା ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ବିଧାନ ସଭାରେ ଲଣ୍ଠନର ଆବଶ୍ୟକତା ପଡ଼ିଲା ଏହା ସାଧାରଣରେ ପ୍ରଶ୍ନବାଚୀ । ଏହାକୁ ନେଇ ଯୁବ ମତଦାତା ଗୋଷ୍ଠୀ କହନ୍ତି, ଆମେତ ଘରେ ଲଣ୍ଠନ ଦେଖିନାହୁଁ, ବାହାରକୁ ଗଲେ ହୋଟେଲ କିମ୍ବା ପାର୍କରେ ରଖାଯାଇଥିବାର ଦେଖିବାକୁ ମିଳୁଥିଲା, ସେ ଯାହେଉ ବର୍ତ୍ତମାନ ଗଣତନ୍ତ୍ର ମନ୍ଦିରରେ ଏହା ଦେଖିବାକୁ ମିଳିଲାଣି । ଏହାକୁ ନେଇ ରାଜନୈତିକ ଗବେଷକ ମାନେ ମତପ୍ରକାଶ କରିଛନ୍ତି ଗତ ୧୯ତମ ସାଧାରଣ ନିର୍ବାଚନ ଓ ୧୮ତମ ରାଜ୍ୟ ବିଧାନସଭା ନିର୍ବାଚନ ସମୟରେ ଭୋଟଦାନ କକ୍ଷରେ କିରୋସିନି ବ୍ୟବହୃତ ଲଣ୍ଠନ ବ୍ୟବହାର ନକରି ବ୍ୟାଟେରୀ ଜନିତ ଲଣ୍ଠନ ବ୍ୟବହାର ଏହାର ପରିଣାମ ବୋଲି ମତପୋଷଣ କରୁଛନ୍ତି । ଏଥିରୁ ସ୍ପଷ୍ଟ ହୋଇଗଲାକି ପରବର୍ତ୍ତୀ ପିଢ଼ି ପାଇଁ ଇତିହାସ ପାଲଟିବନି ପାରମ୍ପରିକ ଲଣ୍ଠନ ।

ଅଧ୍ୟାପକ, ରାଜନୀତି ବିଜ୍ଞାନ
ବିଭାଗ
ସିଦ୍ଧେଶ୍ୱରୀ ସ୍ନାତକ
ମହାବିଦ୍ୟାଳୟ
ନନ୍ଦପୁର, ଜିଲ୍ଲା: କୋରାପୁଟ
ଯୋଗାଯୋଗ:୯୪୩୭୯୫୫୫୬୮

ସେବା ସଂକଳ୍ପ ଅଭିଯାନ-୨୦୨୬ ଅବସରରେ ଦିବ୍ୟାଙ୍ଗମାନଙ୍କ ସଚେତନତା ସମ୍ମିଳନୀ

ରାୟଗଡ଼, ୧୮/୦୯ (ଆ.ପ୍ର) : ସେବା ସଂକଳ୍ପ ଅଭିଯାନ-୨୦୨୬ ଅବସରରେ କାଶୀପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ନେଇ ଏକ ସଚେତନତା ସମ୍ମିଳନୀ ତଥା ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାଶୀପୁର ଅଂଚଳର ୨୦୦ରୁ ଅଧିକ ଦିବ୍ୟାଙ୍ଗ ବ୍ୟକ୍ତି ଏଥିରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗମାନଙ୍କ ଅଧିକାର, ସରକାରୀ ସୁବିଧା ଓ ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ସହ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଅଧିକାର ଆଇନ (ଜବଙ୍ଗଭ ଇମଷ), ୨୦୧୬ରେ ଥିବା ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହାସହ ନିଶା ଓ ମଦ୍ୟପାନରୁ ଦୂରେଇ ରହିବା ଏବଂ ସୁସ୍ଥ ଓ ସଚେତନ ସମାଜ ଗଠନରେ ସହଭାଗୀ ହେବା ପାଇଁ ଉପସ୍ଥିତ ସମସ୍ତେ ଶପଥ ଗ୍ରହଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ରନାଥ କହଁର ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ଶପଥ ପାଠ କରାଇଥିଲେ । ସେବା ସଂକଳ୍ପ ଅଭିଯାନର ମୂଳ ଲକ୍ଷ୍ୟ ଅନୁଯାୟୀ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ସେବା, ସହଯୋଗ ଓ ସଚେତନତାମୂଳକ କାର୍ଯ୍ୟକୁ ଆଗେଇ ନେବା ପାଇଁ ଉପସ୍ଥିତ ସମସ୍ତେ ସଂକଳ୍ପ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଏସ୍‌ଏସ୍‌ଏସ୍‌ଓ ଶ୍ରୀକାନ୍ତ ପାଣିଗ୍ରାହୀ, କାଶୀପୁର ବିଏସ୍‌ଏସ୍‌ଓ, ବିଡିଓ, 'ସକ୍ଷମ'ର ସଂରକ୍ଷକ ଡ. ବାଦଲ କୁମାର ଦା, ଓଡ଼ିଶା ବିକଳାଙ୍ଗ ମଂଚ (ଓବିଏମ୍)ର ଜିଲ୍ଲା ସଭାପତି, ଉପସଭାପତି ଓ ସମ୍ପାଦକ, ଓଡ଼ିଶା ଆଦିବାସୀ ମଂଚର ରାଜ୍ୟ ଆବାହିକା ତଥା ଦକ୍ଷିଣ ଓଡ଼ିଶା ଉନ୍ନୟନ ଓ ସୁରକ୍ଷା ପରିଷଦର ଜିଲ୍ଲା ସଭାପତି ବିଦୁଲତା ହୁଇକା, ସାଂସଦ ଓ ବିଧାୟକଙ୍କ ପ୍ରତିନିଧି, ବ୍ଲକ୍ ଅଧ୍ୟକ୍ଷ କଣ୍ଟ ମାଝୀ, ଦିବ୍ୟାଙ୍ଗ ମିତ୍ର ଶିବରାମ ନାୟକଙ୍କ ସମେତ ଦୋରାଗୁଡ଼ାସ୍ଥିତ ଉତ୍କଳ ଆଲୁମିନା ଓ କଂସାରିଗୁଡ଼ାସ୍ଥିତ ବିରଳା କମ୍ପାନୀର ପ୍ରତିନିଧି ଏବଂ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଯୋଗଦେଇଥିଲେ । ଉପସ୍ଥିତ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ସଶକ୍ତିକରଣ, ଅଧିକାର ସୁରକ୍ଷା, ସାମାଜିକ ସମାବେଶ ଓ ସ୍ୱାବଲମ୍ବନ ଉପରେ ଗୁରୁତ୍ୱାରୋପ କରି ସେମାନଙ୍କୁ ଉତ୍ସାହିତ କରିଥିଲେ ।

ରାସ୍ତା ଉପରୁ ହଟିଲା ବିଦ୍ୟୁତ ଖୁଂଟର ଭଗ୍ନାବଶେଷ

ଖଣ୍ଡପଡ଼ା, ୧୮/୦୯ (ଆ.ପ୍ର) : ଖଣ୍ଡପଡ଼ା ସହର ୩ ନଂ ୱାର୍ଡ ଅଧୀନ କାଦୁଆ ସାହି ରାସ୍ତା ମଝିରେ ବିପଦ ଶଙ୍କୁଳ ଅବସ୍ଥାରେ ଥିବା ଏକ ଲୁହା ବିଦ୍ୟୁତ ଖୁଂଟର ଭଗ୍ନାବଶେଷ ସ୍ଥାନୀୟ ବାସିନ୍ଦାଙ୍କ ନିମନ୍ତେ ବିପଦର କାରଣ ପାଲଟିଥିଲା । ରାସ୍ତା ଉପରୁ ବିଦ୍ୟୁତ ଖୁଂଟଟିକୁ ହଟାଇବା ନିମନ୍ତେ କାଦୁଆସାହି ବାସିନ୍ଦା ବାରମ୍ବାର ଖଣ୍ଡପଡ଼ା ଟାଟା ପାୱାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା । ତେବେ ଏ ସଂପର୍କିତ ଖବରଟି ଗଣମାଧ୍ୟମରେ ୧୮ ତାରିଖରେ ପ୍ରକାଶ ପାଇବା ପରେ ବିଦ୍ୟୁତ ବିତରଣ କମ୍ପାନି (ଟିପିସିଓଡିଏଲ) କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗିଥିଲା । ଖଣ୍ଡପଡା ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ଜିତେନ୍ଦ୍ର କୁମାର ବସ୍ତିଆ ଓ କନିଷ୍ଠ ଯନ୍ତ୍ରୀ ଆଦିତ୍ୟ କୁମାର ଦାଶଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଉକ୍ତ ରାସ୍ତା ଉପରୁ ବିଦ୍ୟୁତ ଖୁଂଟ ଟିକୁ ହଟାଇ ଦିଆଯାଇଥିବା ଜଣାପଡିଛି । କାଦୁଆ ସାହି ବାସିନ୍ଦା ଏ ନେଇ ଆନନ୍ଦ ପ୍ରକାଶ କରିବା ସହ ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ଜଗନ୍ନାଥପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଲମ୍ବିତ

ପାତ୍ରପୁର, ୧୮/୦୯ (ଆ.ପ୍ର) : ପାତ୍ରପୁର ବ୍ଲକ ଗୁଣ୍ଡୁରା ପଂଚାୟତ ଅନ୍ତର୍ଗତ ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ପ୍ରଧାନ ନିଲମ୍ବିତ ହୋଇଥିବା ଜଣାପଡ଼ିଛି । ଗୁରୁବାର ଦିନ ଏହି ବିଦ୍ୟାଳୟରେ ମାତ୍ର ୬ ଜଣ ଛାତ୍ରୀଛାତ୍ର ଆସିଥିବା ହେତୁ ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟ ସହକାରୀ ଶିକ୍ଷକ ମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ବିଦ୍ୟାଳୟ ରେ ତାଲା ପକାଇ ପଳାଇ ଯାଇଥିବା ଜଣା ପଡ଼ିଥିଲା । ଏନେଇ ପାତ୍ରପୁର ବିଇଓଙ୍କ ଦୃଷ୍ଟିକୁ ଆସିବା କ୍ଷଣି ସ୍ଥାନୀୟ ସିଆର୍‌ସିସି ଶିଶୁ ଭକ୍ତସିଙ୍ଘ ଓ ଏବିଇଓ ସୁଶୀଲ ପାତ୍ରଙ୍କୁ ତଦାରଖ କରିବା ପାଇଁ ପଠାଇଥିଲେ । ଦୁଇ ଅଧିକାରୀ ଅପରାହ୍ନ ଦୁଇଟା ସମୟରେ ବିଦ୍ୟାଳୟରେ ପହଂଚିଥିଲେ କିନ୍ତୁ ବିଦ୍ୟାଳୟ ବନ୍ଦ ଥିବା ଦେଖି ବିଇଓ ସୀତାରାମ ପାତ୍ରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ କ୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ ସ୍କୁଲ ବନ୍ଦ କରିବା ନେଇ ଚିଠି ନମ୍ବର ୧୨୫୩/୨୬ ପ୍ରକାରେ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରିଥିବା ଜଣା ପଡିଛି । ପ୍ରକାଶ ଥାଉକି ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟରେ ୬୯ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ପାଂଚ ଜଣ ଶିକ୍ଷକ ରହିଛନ୍ତି । ସରକାର ମାସକୁ ଦୁଇ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଏହି ସ୍କୁଲରେ ଖର୍ଚ୍ଚ କରୁଥିବା ବେଳେ ଶିକ୍ଷା ବିଭାଗର ବିକଳ ଚିତ୍ର ଏଠି ପଦାରେ ପଡିଛି । କାର୍ଯ୍ୟଦିବସ ରେ ବିଦ୍ୟାଳୟ ବନ୍ଦ ରହିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ବ୍ଲକର ଅନେକ ବିଦ୍ୟାଳୟରେ ଏଭଳି ଘଟଣା ଘଟୁଥିବା ବେଳେ ବିଇଓ, ଏବି ଇ ଓ ଓ ସି ଆର୍ ସି ସି ମାନେ ପରିଦର୍ଶନ କଲେ ଅନେକ ଗଳାବାଟ ଶିକ୍ଷକ ମାନେ ଜାଲରେ ପଡ଼ିବେ ବୋଲି କିଛି ଅଭିଭାବକ ମାନେ ପ୍ରକାଶ କରିଛନ୍ତି ।

କୋମନା ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ନୂଆପଡ଼ା, ୧୮/୦୯ (ଆ.ପ୍ର) : ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ତଥା ପ୍ରଶାସନିକ ସେବାକୁ ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ କୋମନା ବ୍ଲକ ପରିସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମିତପାଲ ସିଂଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୨୧ଟି ବ୍ୟକ୍ତିଗତ ଓ ୪ଟି ଗୋଷ୍ଠୀଗତ ଅଭିଯୋଗ ସମେତ ମୋଟ ୨୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟେକ ଅଭିଯୋଗ ଶୁଣିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ରାଜକୁମାରୀ ବେହେରାଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କାର ତତ୍କାଳୀନ ସହାୟତା ପ୍ରଦାନ କରାଯାଇଥିଲା । ଏଥିସହ ସ୍ୱଚ୍ଛ ସାଥୀମାନଙ୍କୁ ପରିଚୟପତ୍ର ଓ ଶାଢ଼ି ବଂଟନ କରାଯାଇଥିଲା । ଅଭିଯୋଗ ଶୁଣାଣି ଶିବିର ଅବସରରେ ବ୍ଲକ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଏବଂ ଆୟୁଷ୍ମାନ ଆରୋଗ୍ୟ ଶିବିର ମଧ୍ୟ ଆୟୋଜିତ ହୋଇଥିଲା । ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ଉପଜିଲ୍ଲାପାଳ ସୁମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଇଶାନୀ ମିତ୍ର, କୋମନା ବ୍ଲକ ଅଧ୍ୟକ୍ଷା ଅନସୂୟା କୁମାର, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ମୁରଲୀଧର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଡେପୁଟି ଜିଲ୍ଲାପାଳ ଶେଖ ନସୀମ ଓ ତହସିଲଦାର ସୌରଭ କୁମାର ବିଶି ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗର ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ପ୍ରଧାନମନ୍ତ୍ରୀଙ୍କ ସେବା ସଂକଳ୍ପ ନିମନ୍ତେ ଦୀପ ପ୍ରଜ୍ୱଳନ

ଜି.ଉଦୟଗିରି, ୧୮/୦୯ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ସ୍ଥାନୀୟ ଧବଳେଶ୍ୱର ମନ୍ଦିର ଠାରେ ଆଶୀର୍ବାଦ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ, ସ୍ଥାନୀୟ ଭାରପ୍ରାପ୍ତ ବିଡିଓ ସତ୍ୟନାରାୟଣ ମିଶ୍ର, ଅତିରିକ୍ତ ତହସିଲଦାର ଦେବାଶିଷ ଜେନା ଯୋଗ ଦେଇଥିଲେ । ନଗର ବିଜେପି ସଭାପତି ଭେଙ୍କଟେଶ୍ୱର ବେହେରା ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ । ମିଶନ ଶକ୍ତି ସଂଯୋଜିକା କବିତା ଗମାଙ୍ଗଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ସଭାନେତ୍ରୀ କୁମୁଦିନୀ ଦିଗାଲ ପରିଚାଳନା କରିଥିବା ବେଳେ ଅନ୍ୟ ସଦସ୍ୟା ମାନେ ସହଯୋଗ କରିଥିଲେ । ଶତାଧିକ ମହିଳା ମାନେ ପ୍ରଧାନମନ୍ତ୍ରୀଙ୍କ ଦେଶ ସେବା କାର୍ଯ୍ୟ ନିମନ୍ତେ ତାଙ୍କ ପାଇଁ ଭଗବାନଙ୍କ ଠାରେ ଆଶୀର୍ବାଦ କାମନା କରି ଦୀପ ଜାଳିଥିଲେ । ସେହିପରି ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରେ ବିଜେପି ଦଳ ତରଫରୁ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ, କାଉନ୍ସିଲର ସଂଗୀତା ନାୟକ, ନିଶା ରାଣୀ ନାୟକ, କୁନ୍ତିମା ମଲ୍ଲିକ, ନଗର ବିଜେପି ସଭାପତି ଭେଙ୍କଟେଶ୍ୱର ବେହେରା, ଶିଶୁ ସୁରକ୍ଷା କମିଟି ସଦସ୍ୟା ସୁସ୍ମିତା ଜେନା, ପ୍ରଶାନ୍ତ ମୁନିଙ୍କ ସହ ବହୁ ସଂଖ୍ୟାରେ ମହିଳା ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ପାଇଁ ଆଶୀର୍ବାଦ କାମନା କରି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

ସୁରକ୍ଷାକର୍ମୀଙ୍କ ଅକାଳ ବିୟୋଗକୁ ନେଇ ରାସ୍ତାରୋକ କ୍ଷତିପୂରଣ ଓ ପରିବାରର ଜଣଙ୍କୁ ନିଯୁକ୍ତି ଦାବି

କୋରାପୁଟ, ୧୮/୦୯ (ଆ.ପ୍ର) : କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଣେ ସୁରକ୍ଷାକର୍ମୀଙ୍କ ଅକାଳ ବିୟୋଗକୁ ନେଇ ଗୁରୁବାର ପରିବାର ଲୋକ ଓ ସହକର୍ମୀମାନେ ରାସ୍ତାରୋକ କରିଥିଲେ । ମୃତକ ହେଲେ ପିଙ୍କୁ ପ୍ରଧାନ । ସେ ବୈପାରୀଗୁଡ଼ା ବ୍ଲକ ଦଣ୍ଡମନ୍ତପୁର ଅଂଚଳର ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, ଗଣେଶ ପୂଜା ପରେ ଭସାଣି ପାଇଁ ପ୍ରସ୍ତୁତି ଚାଲିଥିବା ସମୟରେ ସହକର୍ମୀମାନଙ୍କ ସହ ପିଙ୍କୁ ଉପସ୍ଥିତ ଥିଲେ । ମୂର୍ତ୍ତିକୁ ଗାଡ଼ି ଉପରେ ରଖିବା ପରେ ସମସ୍ତେ ମିଶି ଫଟୋ ଉଠାଇଥିଲେ । ଏହି ସମୟରେ ପିଙ୍କୁ ହଠାତ୍ ଅସୁସ୍ଥ ହୋଇ ପଡ଼ିଯାଇଥିଲେ । ସହକର୍ମୀମାନେ ତାଙ୍କୁ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ହୃଦଘାତ ଯୋଗୁଁ ମୃତ୍ୟୁ ହୋଇଥିବା ନେଇ ପ୍ରାଥମିକ ଭାବେ ଅନୁମାନ କରାଯାଉଥିଲେ ମଧ୍ୟ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇନଥିବା ଜଣାପଡ଼ିଛି । ପିଙ୍କୁ ଏକ ଠିକା ସଂସ୍ଥା ଜରିଆରେ କୋଟପାଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟ କରୁଥିଲେ । ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ଯୁବକ ଥିବାରୁ ତାଙ୍କ ମୃତ୍ୟୁ ପରେ ପରିବାର ଆର୍ଥିକ ସଙ୍କଟରେ ପଡ଼ିଥିବା ପରିବାର ଲୋକେ କହିଛନ୍ତି । କ୍ଷତିପୂରଣ, ପରିବାରର ଜଣଙ୍କୁ ନିଯୁକ୍ତି, ବକେୟା ପାଉଣା ପ୍ରଦାନ ଓ ପେନସନ ସୁବିଧା ଦାବିରେ ପରିବାର ଓ ସହକର୍ମୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ରାସ୍ତାରୋକ କରିଥିଲେ । ଘଟଣାସ୍ଥଳରେ ପୁଲିସ ଓ ପ୍ରଶାସନିକ ଅଧିକାରୀ ପହଂଚି ଆଲୋଚନା କରିଥିଲେ । ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯିବା ପରେ ରାସ୍ତାରୋକ ହଟିଥିଲା । ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମଧ୍ୟ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଦିଆଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱଜିତ ମଲିକ ସୂଚନା ଦେଇଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଠିକା ସଂସ୍ଥା ପକ୍ଷରୁ କ୍ଷତିପୂରଣ ପ୍ରଦାନର ବ୍ୟବସ୍ଥା ନଥିବା କୁହାଯାଇଥିବାରୁ ଘଟଣାସ୍ଥଳରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଠିକା ସଂସ୍ଥାର କାଗଜପତ୍ର ଓ ନିୟମାବଳୀର ଉଚ୍ଚସ୍ତରୀୟ ଯାଂଚ ପାଇଁ ଦାବି ହୋଇଛି । ରାସ୍ତାରୋକ ସମୟରେ କୋଟପାଡ଼ ଏନ୍‌ଏସି ଅଧ୍ୟକ୍ଷ ଏମ୍ ଶଙ୍କର ରାଓ, ଅନାମୁ ଦିଆନ, ଘନଶ୍ୟାମ ବିଶୋଇ, ୧୦ ନମ୍ବର ୱାର୍ଡ ସଦସ୍ୟ ସୟଦ ୟୁସୁଫ, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀଙ୍କ ଉପସ୍ଥିତ ଥିଲେ ।

ଚୌଦ୍ୱାର ଅବକାରୀ ଚଢ଼ାଉ ଦେଶୀ ମଦ, ସ୍କୁଟି ସହିତ ୩ଗିରଫ

ଟାଙ୍ଗୀ ଚୌଦ୍ୱାର, ୧୮/୦୯ (ଆ.ପ୍ର) : କଟକ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣା କର୍ ତିଖ୍ରିଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ ନବସ୍ମିତ ନାୟକଙ୍କ ତତ୍ତ୍ୱାବଧାନରେ ଚୌଦ୍ୱାର ଅବକାରୀ ଥାନା ତରଫରୁ ଚୌଦ୍ୱାର ଥାନା ଅଂଚଳରେ ଚଢ଼ାଉ କରାଯାଇ ୧୩୦ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି । ଏଥିରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି, ଏହି ଚୋରା ଚାଲାଣରେ ବ୍ୟବହୃତ ଗୋଟିଏ ସ୍କୁଟି ଜବତ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ସାଆନ୍ତାଣୀବାଟିର ବିଶ୍ୱନାଥ ସାହୁ, ବଡସାମତରାପୁରର, ଧରମା ନନ୍ଦ ସାହୁ, ଶଙ୍କରପୁର ଗ୍ରାମର ବାବୁଲା ଜେନା, ଆସାମୀ ମାନଙ୍କ ବିରୋଧରେ ଅବକାରୀ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଚୌଦ୍ୱାର ଅବକାରୀ ଥାନାର ସବ୍ ଇନସ୍ପେକଟର ରମେଶଚନ୍ଦ୍ର ସାହୁକାର, ଜୟପ୍ରକାଶ ବେହୁରିଆ, ଚନ୍ଦନ ସିଂ, ଦୀପକ ସାହୁ, ସୌମ୍ୟ ନାୟକ ନାୟକ, ସୋନାଲି ନାୟକ, ଗୀତାଞ୍ଜଳି ବେହେରା ପ୍ରମୁଖ ସାମିଲ ରହିଥିଲେ ।

ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମ ଦିବସରେ ଆଶୀର୍ବାଦ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭବାନୀପାଟଣା, ୧୮/୦୯ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀଙ୍କ ପବିତ୍ର ମନ୍ଦିର ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସାମୂହିକ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିନ ପାଳନ କରାଯାଇଛି । ଏହି ଅବସରରେ ମନ୍ଦିର ପରିସରରେ ୨୧୦୦ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା । ଉପସ୍ଥିତ ଅତିଥି, ଅଧିକାରୀ, କର୍ମଚାରୀ ଓ ଅଂଶଗ୍ରହଣକାରୀମାନେ ସାମୂହିକ ଭାବେ ଦୀପ ପ୍ରଜ୍ୱଳନ କରି ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ, ସୁସ୍ଥତା ଓ ମଙ୍ଗଳମୟ ଜୀବନ କାମନା କରିଥିଲେ । ସାଂସଦ ମାଳବିକା ଦେବୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମହାରାଜ ଅନନ୍ତ ପ୍ରତାପ ଦେଓ, ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ, ପୂର୍ବତନ ବିଧାୟକ ଅନାମ ନାଏକ, ସମାଜସେବୀ ଯୁଗଳ କେଶରୀ ପୋଦ, ଭବେନ୍ଦ୍ର ପଣ୍ଡା ପ୍ରମୁଖ ସହ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରଖାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୃଣ୍ମୟିନ ନିଶା, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଡି ପି ଇ ଓ ରୂପ ସିଂ ରାଉତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସହରର ବୁଦ୍ଧିଜୀବି, ଗଣମାଧ୍ୟମ ପ୍ରତିନିଧି ଏଥିରେ ଉପସ୍ଥିତ ଥିଲେ । ଏହାସହିତ ଅଙ୍ଗନବାଡ଼ି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସୁଭଦ୍ରା ଭଉଣୀ, ଆଶାକର୍ମୀଓ ଅନ୍ୟାନ୍ୟ ଅଂଶଗ୍ରହଣକାରୀମାନେ ଉତ୍ସାହର ସହ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ମା' ମାଣିକେଶ୍ୱରୀଙ୍କ ମନ୍ଦିର ପରିସରରେ ଶତାଧିକ ଦୀପର ଆଲୋକରେ କାର୍ଯ୍ୟକ୍ରମଟି ଆଧ୍ୟାତ୍ମିକ ଓ ଉତ୍ସବମୁଖର ପରିବେଶ ସୃଷ୍ଟି କରିଥିଲା । ସେହିଭଳି ଗାନ୍ଧୀ ଛକ ସ୍ଥିତ ଦୁର୍ଗା ମଣ୍ଡପ ଠାରେ ମଧ୍ୟ ୧୧୦୦ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଜିଲ୍ଲା ମୁଖ୍ୟାଳୟ ସହିତ କଳାହାଣ୍ଡି ଜିଲ୍ଲାର ୧୩ଟି ବ୍ଲକ ଓ ବିଭିନ୍ନ ଗ୍ରାମପଂଚାୟତ ସ୍ତରରେ ମଧ୍ୟ ସାମୂହିକ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲ୍ଲାବ୍ୟାପୀ ଭାବେ ଏହି କାର୍ଯ୍ୟକ୍ରମକୁ ସାମୂହିକ ଅଂଶଗ୍ରହଣ ସହ ପାଳନ କରାଯାଇଥିଲା ।

ସିନାପାଲିରେ ଆମ୍ବୁଲାନ୍ସ ସେବାକୁ ନେଇ ଅଭିଯୋଗ ବାଇକ୍ ଓ ଅଟୋରେ ରୋଗୀ ପରିବହନ, ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଦାବି

ସିନାପାଲି, ୧୮/୦୯ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ଅଂଚଳରେ ଜରୁରୀକାଳୀନ ଆମ୍ବୁଲାନ୍ସ ସେବାକୁ ନେଇ ଅଭିଯୋଗ ଉଠିଛି । ଗୁରୁବାର ବିଜୁ ଏକ୍ସପ୍ରେସ ୱେରେ ଘଟିଥିବା ସଡ଼କ ଦୁର୍ଘଟଣାରେ ମାଝୀପଡ଼ାର ହରେ ମାଝୀ ଗୁରୁତର ଆହତ ହୋଇଥିବାବେଳେ ତାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ମିଳିନଥିବା ଅଭିଯୋଗ ହୋଇଛି । ଫଳରେ ଆହତଙ୍କୁ ବାଇକ୍ ଓ ପରେ ଅଟୋ ଯୋଗେ ଚିକିତ୍ସାଳୟକୁ ନେବାକୁ ପଡ଼ିଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ହରେ ମାଝୀ ଗୁରୁବାର ଦିନ ପ୍ରାୟ ୧୨ଟା ସମୟରେ ବିଜୁ ଏକ୍ସପ୍ରେସ ୱେରେ ଦୁର୍ଘଟଣାର ଶିକାର ହୋଇଥିଲେ । ଦୁର୍ଘଟଣା ପରେ ସେ ଗୁରୁତର ଅବସ୍ଥାରେ ରାସ୍ତାକଡ଼ରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ । ତୁରନ୍ତ ୧୦୮କୁ ଫୋନ୍ କରାଯାଇଥିଲେ ମଧ୍ୟ ପ୍ରାୟ ଏକ ଘଂଟା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସିନଥିବା ଅଭିଯୋଗ ହୋଇଛି । ସିନାପାଲି ଅଂଚଳରେ ସେତେବେଳେ ଆମ୍ବୁଲାନ୍ସ ଉପଲବ୍ଧ ନଥିବା ସୂଚନା ମିଳିଥିବା ମଧ୍ୟ କୁହାଯାଉଛି । ଆମ୍ବୁଲାନ୍ସ ନମିଳିବାରୁ ସ୍ଥାନୀୟ ଲୋକେ ଆହତ ହରେ ମାଝୀଙ୍କୁ ବାଇକ୍ ଯୋଗେ ସିନାପାଲି ଡାକ୍ତରଖାନାକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର୍ କରାଯାଇଥିଲା । ତାଙ୍କ ରେଫରାଲ୍ ନମ୍ବର ୬୦୦୨ ବୋଲି ଜଣାପଡ଼ିଛି । କିନ୍ତୁ ରେଫର୍ ପରେ ମଧ୍ୟ ଆମ୍ବୁଲାନ୍ସ ନମିଳିବାରୁ ସେ ଦୀର୍ଘ ସମୟ ସିନାପାଲି ହସ୍ପିଟାଲରେ ରହିଥିବା ଅଭିଯୋଗ ହୋଇଛି । ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ହୋଇଥିବାରୁ ଘଟଣା ପରେ ପରିବାର ଲୋକେ ଅଧିକ ସମସ୍ୟାରେ ପଡ଼ିଥିବା କୁହାଯାଉଛି । ଏହାସହ ଗୁରୁବାର ନୂଆଁଖାଇ ବାସି ପର୍ବ ଥିବାରୁ ଯାନବାହାନ ମିଳିବାରେ ମଧ୍ୟ ସମସ୍ୟା ହୋଇଥିବା ଅଭିଯୋଗ ରହିଛି । ପରେ ଏକ ଅଟୋ ଯୋଗେ ତାଙ୍କୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଚିକିତ୍ସା ପରେ ଉନ୍ନତ ଚିକିତ୍ସା ପାଇଁ ଅନ୍ୟତ୍ର ନେବାକୁ ପରାମର୍ଶ ଦିଆଯାଇଥିବାବେଳେ ବର୍ତ୍ତମାନ ସେ ରାୟପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି । ଏହିପରି ଗୁରୁବାର ସିନାପାଲି ବାହାଲପଡ଼ା ଅଂଚଳରେ ମଧ୍ୟ ଜଣେ ଯୁବକଙ୍କୁ ଜରୁରୀ ଚିକିତ୍ସା ସେବା ମିଳିବାରେ ସମସ୍ୟା ହୋଇଥିବା ଅଭିଯୋଗ ହୋଇଛି । ବାହାଲପଡ଼ାର ଧନେଶ୍ୱର ବାଗ ବିଷପାନ କରିଥିବା ଜଣାପଡ଼ିବା ପରେ ପରିବାର ଲୋକେ ତାଙ୍କୁ ସିନାପାଲି ଡାକ୍ତରଖାନାକୁ ନେଇଥିଲେ । ପ୍ରାଥମିକ ଚିକିତ୍ସା ପରେ ଉନ୍ନତ ଚିକିତ୍ସା ପାଇଁ ଅନ୍ୟତ୍ର ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ । ତେବେ ଆମ୍ବୁଲାନ୍ସ ନମିଳିବାରୁ ପରିବାର ଲୋକେ ଘରୋଇ ଗାଡ଼ି ଯୋଗେ ତାଙ୍କୁ ଖଡ଼ିଆଳ ମିଶନ ହସ୍ପିଟାଲକୁ ନେଇଥିବା ଜଣାପଡ଼ିଛି । ଡାକ୍ତର ଡ୍ୟୁଟି ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ । ଆମ୍ବୁଲାନ୍ସ ସେବା ସହ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କ ଡ୍ୟୁଟି ବ୍ୟବସ୍ଥାକୁ ନେଇ ମଧ୍ୟ ଜନସାଧାରଣ ଅଭିଯୋଗ କରିଛନ୍ତି । ହସ୍ପିଟାଲରେ ୯ ଜଣ ଡାକ୍ତର ନିଯୁକ୍ତ ଥିବା ସତ୍ତ୍ୱେ ଦିନକୁ ଜଣେ ମାତ୍ର ଡାକ୍ତର ଡ୍ୟୁଟି କରୁଥିବା ଅଭିଯୋଗ ହୋଇଛି । ଏହା ଫଳରେ ଜରୁରୀ ଚିକିତ୍ସା ସେବା ପ୍ରଭାବିତ ହେଉଥିବା ଓ ରୋଗୀମାନେ ଅସୁବିଧାରେ ପଡୁଥିବା କୁହାଯାଉଛି । ତେବେ ଆମ୍ବୁଲାନ୍ସ ସେବା, ଡାକ୍ତରଙ୍କ ଡ୍ୟୁଟି ବ୍ୟବସ୍ଥା ଓ ଉପରୋକ୍ତ ଅଭିଯୋଗଗୁଡ଼ିକ ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ । ପ୍ରଶାସନର ହସ୍ତକ୍ଷେପ ଦାବି । ସିନାପାଲି ଭଳି ଦୁର୍ଗମ ଅଂଚଳରେ ଜରୁରୀ ସମୟରେ ଆମ୍ବୁଲାନ୍ସ ସେବା ଉପଲବ୍ଧ ରହିବା ନେଇ ଜନସାଧାରଣ ଗୁରୁତ୍ୱ ଦେଉଛନ୍ତି । ରୋଗୀଙ୍କୁ ବାଇକ୍?, ଅଟୋ କିମ୍ବା ଘରୋଇ ଗାଡ଼ିରେ ହସ୍ପିଟାଲକୁ ନେବାକୁ ବାଧ୍ୟ ହେବା ଘଟଣାର ତଦନ୍ତ କରିବା ସହ ଆମ୍ବୁଲାନ୍ସ ସେବାକୁ ସୁବ୍ୟବସ୍ଥିତ କରିବାକୁ ଦାବି ହୋଇଛି । ଏ ଦିଗରେ ନୂଆପଡ଼ା ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

ନବନିର୍ମିତ ପ୍ରଶାସନିକ ଗୃହ ଉଦ୍‌ଘାଟିତ

ଭବାନୀପାଟଣା, ୧୮/୦୯ (ଆ.ପ୍ର) : କଳାହାଣ୍ଡି ଜିଲା କେସିଙ୍ଗା ପଂଚାୟତ ସମିତିର ନବନିର୍ମିତ ପ୍ରଶାସନିକ ଗୃହ ଶୁକ୍ରବାର କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ନବନିର୍ମିତ ଏହି ପ୍ରଶାସନିକ ଗୃହ ୫୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଛି । ପୁରୁଣା କାର୍ଯ୍ୟାଳୟଟି ବିପଦସଂକୁଳ ଅବସ୍ଥାରେ ଥିବାରୁ ନୂତନ କୋଠା ନିର୍ମାଣ କରାଯାଇଥିବା ଜଣାପଡ଼ିଛି । ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଜୟ ସ୍ୱାଇଁ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ମେହେରଙ୍କ ସମେତ ସମସ୍ତ କନିଷ୍ଠ ଯନ୍ତ୍ରୀ (ଜେଇ), ବ୍ଲକ କର୍ମଚାରୀ ଓ ଭାଜପାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ଏହି ଉପଲକ୍ଷେ ଏକ ସାଧାରଣ ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା । ନୂତନ ପ୍ରଶାସନିକ ଗୃହ ନିର୍ମାଣ ହେବା ଦ୍ୱାରା ବ୍ଲକ କାର୍ଯ୍ୟାଳୟର କାର୍ଯ୍ୟ ପରିଚାଳନା ଅଧିକ ସୁବିଧାଜନକ ହେବ ବୋଲି ଆଶା ପ୍ରକାଶ ପାଇଛି ।

ମା'- ବାପା ଓ ଆଈଙ୍କୁ ହରାଇ ଦୁର୍ଦ୍ଦିନରେ ୩ ଜଣ ନିଷ୍ପାପ ଶିଶୁ

ଭବାନୀପାଟଣା, ୧୮/୦୯ (ଆ.ପ୍ର) : ପାହାଡ଼ ଘେରା ଦୁର୍ଗମ ଅଂଚଳ । ଚାରିଆଡ଼େ ପ୍ରକୃତିର ସୌନ୍ଦର୍ଯ୍ୟ, ହେଲେ ଏହି ସୌନ୍ଦର୍ଯ୍ୟର ଆଢୁଆଳରେ ଲୁଚି ରହିଛି ତିନିଟି କୁନିଶିଶୁଙ୍କ ଅସହ୍ୟ ଯନ୍ତ୍ରଣା । ଲାଞ୍ଜିଗଡ଼ ବ୍ଲକର ଦୁର୍ଗମ ତ୍ରିଲୋଚନପୁର ପଂଚାୟତ ଅନ୍ତର୍ଗତ କୁଟିଆକନ୍ଧଙ୍କ ଗାଁ ଫୁଲଦୁମେରର ଏକ ଛୋଟ କୁଡ଼ିଆ ଘରେ ଆଜି ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି ତିନି ଅନାଥ ଶିଶୁ । ପ୍ରାୟ ୬ ବର୍ଷ ତଳେ ପରିବାର ଉପରେ ସତେ ଯେମିତି ଆକାଶ ଛିଣ୍ଡି ପଡିଥିଲା । ବାପା ସୁନ୍ଦରା ମାଝୀଙ୍କ ମୃତ୍ୟୁ ପରେ ପରିବାରର ଦାୟିତ୍ୱ ମା' ତେଲଡୀ ମାଝୀଙ୍କ ଉପରେ ପଡ଼ିଥିଲା । ଛାତିରେ ଦୁଃଖକୁ ଚାପି ଧରି ସେ ତିନି ଛୁଆଙ୍କୁ ଲାଳନପାଳନ କରିବାକୁ ଚେଷ୍ଟା କରୁଥିଲେ । ହେଲେ ଭାଗ୍ୟ ଯେପରି ଏହି ପରିବାର ପ୍ରତି ନିର୍ଦ୍ଦୟ ହୋଇପଡ଼ିଥିଲା । ଦିନେ ନିଜର ତିନି ନିଷ୍ପାପ ସନ୍ତାନଙ୍କୁ ଅସହାୟ ଅବସ୍ଥାରେ ଛାଡ଼ି ମା' ତେଲଡୀ କେଉଁଆଡ଼େ ଚାଲିଗଲେ । ଫଳରେ ୯ ବର୍ଷର ଲାଲୁ, ୭ ବର୍ଷର ରୀନା ଓ ମାତ୍ର ୧ ବର୍ଷର କୋଳପୋଛା ନିତୁ ହୋଇଗଲେ ଅଭିଭାବକଶୂନ୍ୟ । ମା' ଚାଲିଗଲେ, କିନ୍ତୁ ନାତିନାତୁଣୀଙ୍କ ଦୁଃଖ ଦେଖି ବସି ରହିପାରିଲେନି ବୁଢ଼ୀ ଆଈ । ବୟସର ଭାର ଓ ଶାରୀରିକ ଅକ୍ଷମତା ସତ୍ତ୍ୱେ ସେ ପର ଦୁଆରେ କୁଲିମଜୁରୀ କରି ତିନି ଛୁଆଙ୍କ ପାଇଁ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ଯୋଗାଡ଼ କରୁଥିଲେ । ନିଜ ପଣତକାନିରେ ନାତିନାତୁଣୀଙ୍କୁ ଘୋଡାଇ ରଖିଥିଲେ । ସେହି ବୁଢ଼ୀ ଆଈ ହିଁ ଥିଲେ ତିନି ଶିଶୁଙ୍କ ଶେଷ ଭରସା । କିନ୍ତୁ ଭାଗ୍ୟର ନିଷ୍ଠୁରତା ସେତିକିରେ ଅଟକିଲା ନାହିଁ । ପ୍ରାୟ ବର୍ଷେ ତଳେ ସେହି ଶେଷ ଆଶ୍ରୟ ଆଈଙ୍କର ମଧ୍ୟ ମୃତ୍ୟୁ ହୋଇଗଲା । ଆଈଙ୍କ ମୃତ୍ୟୁ ସହ ତିନି ଶିଶୁଙ୍କ ମୁଣ୍ଡ ଉପରୁ ଶେଷ ଛାତଟି ମଧ୍ୟ ଉଠିଗଲା । ଆଜି ଗାଁର ଏକ କୁଡ଼ିଆ ଘରେ ତିନି ଭାଇଭଉଣୀ ଅସହାୟ ଜୀବନ କାଟୁଛନ୍ତି । ଖାଦ୍ୟର ନିଶ୍ଚିତତା ନାହିଁ, ଦେଖାଶୁଣା କରିବାକୁ ନିଜର କେହି ନାହାନ୍ତି । ଛୋଟ ବୟସରେ ଜୀବନର ସବୁଠାରୁ ବଡ଼ ଦୁଃଖକୁ ସେମାନେ ସାମ୍ନା କରୁଛନ୍ତି । ବାପାଙ୍କ ମୁହଁ ସେମାନଙ୍କ ସ୍ମୃତିରେ ଆଉ ସ୍ପଷ୍ଟ ନୁହେଁ । ମା' କେଉଁଠି, କାହିଁକି ଛାଡ଼ିଗଲେ ସେ ପ୍ରଶ୍ନର ଉତ୍ତର ମଧ୍ୟ ସେମାନଙ୍କ ପାଖରେ ନାହିଁ । ଆଉ ଯେଉଁ ଆଈଙ୍କ କୋଳରେ ସେମାନେ ନିଜକୁ ସୁରକ୍ଷିତ ମନେ କରୁଥିଲେ, ସେହି କୋଳ ଆଜି କେବଳ ସ୍ମୃତି । ତିନି ଶିଶୁଙ୍କ ଏଭଳି ଅସହାୟ ଜୀବନକୁ ନେଇ ଏବେ ପ୍ରଶ୍ନ ଉଠିଛି, ସେମାନଙ୍କ ଶିକ୍ଷା, ଖାଦ୍ୟ, ସୁରକ୍ଷା ଓ ଦୈନନ୍ଦିନ ଯତ୍ନ ପାଇଁ ସରକାରୀ ବ୍ୟବସ୍ଥା ଓ ସମାଜର ସହଯୋଗର ଆବଶ୍ୟକତା ରହିଛି । ଦୁର୍ଗମ ପାହାଡ଼ିଆ ଅଂଚଳର ଏହି ତିନି କୁନି ଶିଶୁଙ୍କ ପାଇଁ ଯଦି ସମୟରେ ସହାୟତାର ହାତ ବଢ଼େ, ତେବେ ହୁଏତ ସେମାନଙ୍କ ଅନ୍ଧାର ଜୀବନରେ ଆଶାର ଆଲୋକ ଫେରିପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

ଦଶପଲ୍ଲା ବନ ବିଭାଗ ପକ୍ଷରୁ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ

ଦଶପଲ୍ଲା, ୧୮/୦୯ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଦଶପଲ୍ଲା ବନବିଭାଗ ପକ୍ଷରୁ 'ଏକ୍ ପେଡ୍ ମା' କେ ନାମ୍' ବା 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧି ଲକ୍ଷ୍ୟରେ ବିଭାଗ ତରଫରୁ ବିଭିନ୍ନ ପ୍ରଜାତିର ମୋଟ ୭୬ଟି ମୂଲ୍ୟବାନ ଚାରା ରୋପଣ କରାଯାଇଛି । ଏହି ଅଭିଯାନ ଅଧୀନରେ ପ୍ରଥମେ ସାକେଣୀ ସେକ୍ସନର ଡିଲାବାଡ଼ି ଏବଂ ପରବର୍ତ୍ତୀ ସମୟରେ ପୋଖରୀଗୋଛା ସେକ୍ସନ ଗାମେସରୀ ଠାରେ ବୃକ୍ଷରୋପଣ କାର୍ଯ୍ୟ ସମ୍ପାଦିତ ହୋଇଥିଲା । କାର୍ଯ୍ୟକ୍ରମରେ ଏସ୍‌ଡିଏଫ୍‌ଓ ଆଇସା ଅଖତରି ନିଶା, ଦଶପଲ୍ଲା ବନାଂଚଳ ଅଧିକାରୀ ଶ୍ରୀନିବାସ ଦାଶ, ବନପାଳ ରାକେଶ କୁମାର ସାହୁ ଓ ଆଲୋକ କୁମାର ଗୁରୁ ପ୍ରମୁଖ ଉପସ୍ଥିତ ରହି ନେତୃତ୍ୱ ନେଇଥିଲେ । ଏଥିସହ ବନରକ୍ଷୀ, ସ୍କ୍ୱାଡ୍ କର୍ମଚାରୀ, ସ୍ଥାନୀୟ ଗ୍ରାମ ସଭାପତି ତଥା ସ୍କୁଲ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ବୃକ୍ଷରୋପଣରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପରିବେଶର ସନ୍ତୁଳନ ରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏଁ ଗଛ ଲଗାଇ ତାର ଯତ୍ନ ନେବାକୁ ଅଧିକାରୀମାନେ ଆହ୍ୱାନ ଦେଇଥିଲେ ।

୩୯ ଗ୍ରାମ ହେରୋଇନ, ମଟରସାଇକେଲ, ବିଦେଶୀ ଓ ଦେଶୀମଦ ସହ ୨ ଅଭିଯୁକ୍ତ ଗିରଫ

ଜଗତସିଂହପୁର, ୧୮/୦୯ (ଆ.ପ୍ର) : ଜଗତସିଂହପୁର ଥାନା ଅନ୍ତର୍ଗତ ସୋମନାଥ ହାଟ ବଜାରରୁ ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥା । ଯାଂଚ ପରେ ତାଙ୍କ ପାଖରୁ ୩୯ ଗ୍ରାମର ହେରୋଇନ୍, ଏକ ଆଣ୍ଡ୍ରଏଡ ଫୋନ ଏବଂ ଏକ ବଜାଜ୍ ସିଟି ହଣ୍ଡ୍ରେଡ଼ ମୋଟରସାଇକେଲ (ନଂ- ଓଡ଼ି-୨୧-ଟି-୨୭୩୫) ଜବତ କରାଯାଇଛି । ସୂଚନାଯୋଗ୍ୟ ଯେ ଏରସମା ଥାନା ଗୁନାଡିଆଳନ୍ଧା ଗ୍ରାମର ବାବାଜୀ ଚରଣ ଦାସ ଦୀର୍ଘ ଦିନ ଧରି ଜଗତସିଂହପୁର ଅଂଚଳରେ ହେରୋଇନ୍ ବେପାର କରୁଥିବା ବେଳେ ତାଙ୍କୁ ଧରିବା ପାଇଁ ଅବକାରୀ ବିଭାଗ ବହୁବାର ଜାଲ ବିଛାଇ ଥିଲା । ସବୁଥର ଭଳି ଅବକାରୀ ବିଭାଗକୁ ଚକମା ଦେଇ ଖସିଯାଉଥିବାବେଳେ ଅନେକ କସରତ୍ ପରେ ଆଜି କିନ୍ତୁ ତାଙ୍କୁ ଅବକାରୀ ବିଭାଗ କାବୁ କରିନେଇଥିଲା । ଏକ ଗୁପ୍ତ ଖବରକୁ ଭିତ୍ତି କରି ବାବାଜୀଙ୍କ ସମ୍ପର୍କରେ ତଥ୍ୟ ବାହାର କରିଥିଲେ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ । ଗ୍ରାହକଙ୍କୁ ବିକ୍ରି କରିବା ପାଇଁ ସେ ଆଜି ପୁଣି ହେରୋଇନ ଆଣି ହାଟବଜାରକୁ ଆଣିଥିବାର ସୂଚନା ପାଇବା ପରେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ସବ୍-ଇନ୍ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳାଇ, ଏ ଏସ୍ ଆଇ କ୍ଷୀରୋଦ କୁମାର ସାହୁ, କନଷ୍ଟେବଳ ବିଶ୍ୱନାଥ ମୁଣ୍ଡା, ଶୁଭଶ୍ରୀ ବିଶ୍ୱାଳ, ସୁକାନ୍ତ ମାଝୀ, ବିଶ୍ୱରଞ୍ଜନ ସ୍ୱାଇଁଙ୍କୁ ନେଇ ଏକ ଟିମ ଗଠନ ହୋଇଥିଲା ଯାହାର ନେତୃତ୍ୱ ନେଇଥିଲେ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ । ସୋମନାଥ ହାଟବଜାର ଠାରେ ଆଜି ସେ ଗ୍ରାହକଙ୍କୁ ହେରୋଇନ ବିକ୍ରି କରୁଥିବା ବେଳେ ଗ୍ରାହକ ବେଶରେ ଅଭିଯୁକ୍ତଙ୍କୁ କାବୁ କରିନେଇଥିଲେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର କର୍ମଚାରୀ । ଗିରଫ ଅଭିଯୁକ୍ତ ଜଣକ ହେଲେ ଗୁନାଡିଆଳନ୍ଧା ଗ୍ରାମର ବାବାଜୀ ଚରଣ ଦାସ (୪୪) । ଜବତ ସାମଗ୍ରୀର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ । ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନ୍ ଡି ପି ଏସ୍ ଆକ୍ଟ ୧୯୮୫ ଅନୁସାରେ ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥାର କେସ୍ ସଂଖ୍ୟା ୧୬୪୨୦୨୬-୨୭ ରେ ମାମଲା ରୁଜୁ କରାଯାଇ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି । ସେହିପରି ଅନ୍ୟ ଏକ ଘଟଣାକ୍ରମେ ତିର୍ତ୍ତୋଲ ଅବକାରୀ ଥାନାର ସବଇନ୍ସପେକ୍ଟର ରବି ବେହେରାଙ୍କ ନେତୃତ୍ୱ ରେ କନଷ୍ଟେବଳ ଦିନବନ୍ଧୁ ସେଠୀ, ବର୍ଷାରାଣୀ ଖୁଂଟିଆ ପ୍ରମୁଖଙ୍କୁ ନେଇ ଗଠିତ ଟିମ୍ କ୍ରିଷ୍ଣାନନ୍ଦପୁର ଥାନାର କ୍ରିଷ୍ଣାନନ୍ଦପୁର ଗ୍ରାମରେ ଚଢ଼ଉ କରି ୨୦ ଲିଟର ବିଦେଶୀମଦ ଓ ୨୫ ଲିଟର ଦେଶୀମଦ ଜବତ କରିବା ସହ ସେହି ଗ୍ରାମର ବସନ୍ତ କୁମାର ବେହେରାଙ୍କୁ ଓଡିଶା ଅବକାରୀ ଆଇନ ୨୦୦୮ ଅନୁସାରେ ତିର୍ତ୍ତୋଲ ଅବକାରୀ ଥାନା କେସ୍ ସଂଖ୍ୟା ୭୦୨୦୨୬-୨୭ରେ ମାମଲା ରଜୁ କରି ଗିରଫ କରିବା ସହ ତିର୍ତ୍ତୋଲ ଜେ ଏମ୍ ଏଫ୍ ସିଙ୍କ ଅଦାଲତକୁ ଚାଲଣ କରିଛନ୍ତି । ଜଗତସିଂହପୁର ଅଂଚଳରେ ହେରୋଇନ୍ ବ୍ୟବସାୟ କୁ ଦମନ କରିବାକୁ ସ୍ୱତନ୍ତ୍ର ଅପରେସନ୍ ଚାଲିଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ ଓ ହେରୋଇନ ବେପାର ସହ ଜଡିତ ତଥା ସିଣ୍ଡିକେଟର ମାଷ୍ଟରମାଇଣ୍ଡକୁ ଜେଲ୍ ରେ ପୁରାଇବାକୁ ଜଗତସିଂହପୁର ଅବକାରୀ ବିଭାଗ ଉଦ୍ୟମ ରତ ଥିବାର ସେ କହିଛନ୍ତି ।

ବେଳାଭୂମି ସଫେଇ ଅଭିଯାନ

ପୁରୀ, ୧୮/୦୯ (ଆ.ପ୍ର) : ସମୁଦ୍ର ଏକ ପବିତ୍ର ସ୍ଥଳ । ସମୁଦ୍ର, ସମୁଦ୍ର କୂଳ ସେହିପରି ସୌନ୍ଦର୍ଯ୍ୟ ଓ ଆକର୍ଷଣର କେନ୍ଦ୍ର ହୋଇଥାଏ । ହଜାର ହଜାର ପର୍ଯ୍ୟଟକ ସେଥିପାଇଁ ଦୈନିକ ସମୁଦ୍ର କୂଳରେ ପହଂଚିଥାନ୍ତି । ସମୁଦ୍ରକୁ ମଧ୍ୟ ମହାପ୍ରଭୁଙ୍କ ଶଶୁରଙ୍କ ଘର ବୋଲି କୁହାଯାଏ । ଏହି ପବିତ୍ରତା ପାଇଁ ସମୁଦ୍ର ଆରତୀ ମଧ୍ୟ ଅନୁଷ୍ଠିତ ହୋଇଥାଏ । ତେଣୁ ଏହାକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଆହ୍ୱାନ ଦେଇଛନ୍ତି ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ । ଶୁକ୍ରବାର ପୁରୀ ଷ୍ଟର୍ଲିଂ ନିକଟ ସମୁଦ୍ର କୂଳରେ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା । ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସେଠୀ ଓ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର ଅଭିଯାନର ଅଂଶବିଶେଷ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ତାଜ ହୋଟେଲର କର୍ମଚାରୀ ମାନେ ଯୋଗ ଦେଇଥିଲେ । ଷ୍ଟର୍ଲିଂ ଛକ ଠାରୁ ତାଜ ହୋଟେଲ ପର୍ଯ୍ୟନ୍ତ ଏହି ସ୍ୱଚ୍ଛତା ଅନୁଷ୍ଠିତ ହୋଇଥିଲା ।

ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ

ପୁରୀ, ୧୮/୦୯ (ଆ.ପ୍ର) : ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସଂଘପୁରୀ ଜିଲ୍ଲା ଶାଖା ତରଫରୁ ୧୮ ସେପ୍ଟେମ୍ବର ୧୧ ଘଟିକା ସମୟରେ ପାଂଚ ଦଫା ଦାବି ଉପରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଇଛି । ଏହି ସଭାରେ ସଭାପତିତ୍ୱ କରିଥିଲେ ପୁରୀ ଜିଲ୍ଲା ପାଚିକା ସଂଘର ସଭାପତି ପୀତବାସ ବେହେରା, ବକ୍ତବ୍ୟ ରଖିଥିଲେ ଶ୍ରମିକ ନେତା ଜଗନ୍ନାଥ ଦେଓ, ଟୁନା ନାୟକ, ପାଚିକା ସଂଘର ଜିଲ୍ଲା ସମ୍ପାଦିକା ସଂଯୁକ୍ତା ଯାଦବ, ତରୁଲତା ମିଶ୍ର, ସୁଜାତା ବିଶ୍ୱାସ, ତିଲୋତମା ତ୍ରିପାଠୀ, କୃଷ୍ଣ ପ୍ରିୟା ବରାଳ, ମୁନ୍ନୀ ବେହେରା, ବିଷ୍ଣୁପ୍ରିୟା ମିଶ୍ର, ମଞ୍ଜୁଲତା ବାରିକ, ଲକ୍ଷ୍ମୀ ପ୍ରିୟା ଷଡ଼ଙ୍ଗୀ, ବବିତା ବାରିକ, ବାସନ୍ତୀ ପ୍ରଧାନ, ଝୁନାମନି ମହାପାତ୍ର, କନକ ଲତା ନାୟକ, ପ୍ରଭାତ ନଳିନୀ ଦାସ, ଶାନ୍ତିଲତା ଶତପଥୀ, କନକ ଲତା ପଲାଇ, ମମତା ନାୟକ, ଲକ୍ଷ୍ମୀ ପ୍ରିୟା ଦାଶ, ରଶ୍ମିଲତା ଶଗଡ଼ିଆ ଓ ପୂଜା ପାଣ୍ଡୀ ପ୍ରମୁଖ । ଶେଷରେ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ ପାଚିକା ମାନଙ୍କ ପାଖକୁ ଆସି ସମସ୍ତ ଦାବି ଉପରେ ଆଲୋଚନା କରି ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଲେ । ଏହାପରେ ଆନ୍ଦୋଳନ ପ୍ରତ୍ୟାହାର କରାଗଲା ।

ବକେୟା ବିଲ୍ ପାଇଁ ଅନେକ ବିଦ୍ୟାଳୟର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ, ଛାତ୍ରଛାତ୍ରୀ ହନ୍ତସନ୍ତ

ପାତ୍ରପୁର, ୧୮/୦୯ (ଆ.ପ୍ର) : ବକେୟା ବିଦ୍ୟୁତ୍ ବିଲ୍ ପୈଠରେ ବିଳମ୍ବ ଯୋଗୁଁ ପାତ୍ରପୁର ବ୍ଲକର ବହୁ ସରକାରୀ ବିଦ୍ୟାଳୟର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ଜଣାପଡ଼ିଛି । ଆଗୁଆ ସୂଚନା ନଦେଇ ବିଦ୍ୟୁତ୍ ସଂଯୋଗ କାଟି ଦିଆ ଯାଇଥିବାରୁ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ସହିତ ପିଇବା ପାଣି, ଶୌଚାଳୟ ଓ ମଧ୍ୟାହ୍ନ ଭୋଜନ ରୋଷେଇ ଭଳି ମୌଳିକ ବ୍ୟବସ୍ଥା ପ୍ରଭାବିତ ହୋଇଥିବା ଶିକ୍ଷକମାନେ କହିଛନ୍ତି । ସୂଚନା ଅନୁସାରେ ସୁରଙ୍ଗୀ, ତାଳପଡ଼ା, ମୁକୁନ୍ଦପୁର, ମନ୍ଦରଡ଼ା, ଏସ୍ ନୂଆଗାଁ, ପୋଲରାଜପୁର, କୁମ୍ଭାରସାହି ପାତ୍ରପୁର, ଜରଡ଼ା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦେଶାରୀ, ବି. ନୂଆଗାଁ, ଖରଣିପଡ଼ା, ଜିଲୁଣ୍ଡା, ଗୁଣ୍ଡୁରା, ବମୋକେଇ, ରଙ୍କୁଡ଼ା, ବୁଢ଼ିଆଲାଞ୍ଜି ସମେତ ଅନେକ ବିଦ୍ୟାଳୟ ଏହାଦ୍ୱାରା ପ୍ରଭାବିତ ହୋଇଥିବା ଜଣାପଡ଼ିଛି । ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବା ଫଳରେ ଅସହ୍ୟ ଗରମ ଓ ଗୁଳୁଗୁଳି ମଧ୍ୟରେ ଛାତ୍ରଛାତ୍ରୀମାନେ ଶ୍ରେଣୀ ଗୃହରେ ପାଠ ପଢୁଛନ୍ତି । ଏହା ସହିତ ବିଦ୍ୟୁତ୍ ଚାଳିତ ପାଣି ଯୋଗାଣ ବ୍ୟବସ୍ଥା ପ୍ରଭାବିତ ହେବାରୁ ପିଇବା ପାଣି ଓ ଶୌଚାଳୟ ବ୍ୟବହାରରେ ମଧ୍ୟ ସମସ୍ୟା ଦେଖାଦେଇଥିବା ଅଭିଯୋଗ ହୋଇଛି । ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେଉଥିବା କୁହାଯାଉଛି । କେତେକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କ ସହ ଯୋଗାଯୋଗ କରିଥିବା ବେଳେ ବକେୟା ଅର୍ଥ ପୈଠ ନହେଲେ ବିଦ୍ୟୁତ୍ ସଂଯୋଗ ଦିଆଯିବ ନାହିଁ ବୋଲି ଉତ୍ତର ମିଳିଥିବା ଶିକ୍ଷକମାନେ କହିଛନ୍ତି । ଉପରସ୍ତରରୁ ମିଳିଥିବା ନିର୍ଦ୍ଦେଶ ଅନୁଯାୟୀ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ମଧ୍ୟ ସେମାନଙ୍କୁ କୁହାଯାଇଥିବା ଜଣାପଡ଼ିଛି । ପ୍ରକାଶ ଥାଉକି ବିଦ୍ୟାଳୟ ଗୁଡ଼ିକ ପକ୍ଷରୁ ନିଜ ନିଜ ବକେୟା ବିଲ୍ ସମ୍ପର୍କରେ ଶିକ୍ଷା ବିଭାଗକୁ ଅବଗତ କରାଯାଇଥିଲା । ତେବେ ଆବଶ୍ୟକ ଅନୁଦାନ ଆସିବାରେ ବିଳମ୍ବ ହେବାରୁ ବିଦ୍ୟାଳୟ ଗୁଡ଼ିକ ବିଦ୍ୟୁତ୍ ବିଲ୍ ପୈଠ କରିପାରିନଥିବା ଶିକ୍ଷକମାନଙ୍କ ପକ୍ଷରୁ କୁହାଯାଇଛି । ଏପରି ସ୍ଥିତିରେ ବିଦ୍ୟାଳୟ ଗୁଡ଼ିକୁ ଅନୁଦାନ ଯୋଗାଇବାରେ ବିଳମ୍ବ ଏବଂ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ମଧ୍ୟରେ ସମନ୍ୱୟର ଅଭାବ ଥିବା ନେଇ ପ୍ରଶ୍ନ ଉଠିଛି । ବିଭାଗୀୟ ସମନ୍ୱୟ ଅଭାବର ପ୍ରଭାବ ସିଧାସଳଖ ଭାବେ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ଉପରେ ପଡୁଥିବା ଶିକ୍ଷକମାନେ ମତ ଦେଇଛନ୍ତି । ତେବେ ଏହି ବିଷୟରେ ପାତ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀତାରାମ ପାତ୍ରଙ୍କ ସହିତ ଯୋଗାଯୋଗ କରିବାରୁ ବର୍ତ୍ତମାନ ସୁଦ୍ଧା ଅନୁଦାନ ପାଇନଥିବା ଯୋଗୁଁ ବିଦ୍ୟୁତ୍ ବିଲ ବକେୟା ରାଶି ପ୍ରଦାନ କରାଯାଇ ପାରିନାହିଁ ବୋଲି କହିଛନ୍ତି । ଅନ୍ୟପକ୍ଷରେ ପାତ୍ରପୁର ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ସତ୍ୟବ୍ରତ ସାହୁଙ୍କ ସହିତ ଯୋଗାଯୋଗ କରିବାରୁ ବ୍ଲକର ଅଧିକାଂଶ ଶିକ୍ଷାନୁଷ୍ଠାନ ଗତ ମାର୍ଚ୍ଚ ମାସ ପରଠାରୁ ବିଦ୍ୟୁତ ବକେୟା ପୈଠ କରିନାହାନ୍ତି । ତେଣୁ ବିଦ୍ୟୁତ ସେବା ବନ୍ଦ କରିଥିବା କହିଛନ୍ତି । ଅନ୍ୟପକ୍ଷରେ ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଅନୁଦାନ ଆସି ବକେୟା ବିଲ୍ ପୈଠ ହେବା ପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକର ବିଦ୍ୟୁତ୍ ସଂଯୋଗ ପୁନଃସ୍ଥାପନ କରିବାକୁ ଶିକ୍ଷକମାନେ ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି । ଏଥି ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କ ଏସଏମସି କମିଟି ବୃନ୍ଦ ଓ ଅଭିଭାବକ ଏହି ବିଷୟରେ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଇ ସମସ୍ୟାର ସମାଧାନ ପାଇଁ ଦାବି ହୋଇଛି । ଏବେ ପ୍ରଶ୍ନ ଉଠୁଛି ବିଦ୍ୟାଳୟ ଗୁଡ଼ିକର ବକେୟା ବିଦ୍ୟୁତ୍ ବିଲ୍ ପୈଠ ପାଇଁ ସରକାର କେବେ ଅନୁଦାନ ଯୋଗାଇବେ ଏବଂ ବିଚ୍ଛିନ୍ନ ହୋଇଥିବା ବିଦ୍ୟୁତ୍ ସଂଯୋଗ କେବେ ପୁନଃସ୍ଥାପନ ହେବ ତାହା ଉପରେ ଏବେ ସମସ୍ତଙ୍କ ନଜର ।

ଜାତୀୟ ମାନବାଧିକାର ଆୟୋଗର ବିଶେଷ ପ୍ରତିବେଦକଙ୍କ ଜଗତସିଂହପୁର ଜିଲ୍ଲାରେ ମାନବାଧିକାର ସ୍ଥିତି ସମ୍ପର୍କିତ ଆଲୋଚନା

ଜଗତସିଂହପୁର, ୧୮/୦୯ (ଆ.ପ୍ର) : ଜାତୀୟ ମାନବାଧିକାର ଆୟୋଗର ବିଶେଷ ପ୍ରତିବେଦକ ସନ୍ତୋଷ କୁମାର ଶତପଥୀ ୩ ଦିନିଆ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ ସହ ଆଜି ଶେଷ ଦିନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଏକ ଆଲୋଚନାତ୍ମକ ବୈଠକରେ ଜିଲ୍ଲାରେ ମାନବାଧିକାର ସ୍ଥିତି ସମ୍ପର୍କିତ ଆଲୋଚନା କରିଥିଲେ । ବୈଠକରେ ଜିଲ୍ଲାପାଳ ଜେ ସୋନାଲ, ଆରକ୍ଷୀ ଅଧୀକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଡି ଏଫ୍ ଓ କଟକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜେଲ୍ ଅଧୀକ୍ଷକ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀବୃନ୍ଦଙ୍କ ସମେତ ବିଭିନ୍ନ ଏନଜିଓ ଓ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ପ୍ରତିବେଦକ ଶ୍ରୀ ଶତପଥୀ କହିଥିଲେ ଯେ, ଆଜିର ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜଗତସିଂହପୁର ଜିଲ୍ଲାରେ ମାନବାଧିକାରର ବର୍ତ୍ତମାନ ସ୍ଥିତି, ବିଭିନ୍ନ ବିଭାଗ ଦ୍ୱାରା ନିଆଯାଉଥିବା ପଦକ୍ଷେପ, କ୍ଷେତ୍ରସ୍ତରର ସମସ୍ୟା ଏବଂ ମାନବାଧିକାର ସୁରକ୍ଷାକୁ ଆହୁରି ସୁଦୃଢ଼ କରିବାର ଉପାୟ ସମ୍ପର୍କରେ ଆଲୋଚନା କରିବା । ମାନବାଧିକାର ସୁରକ୍ଷା ଏକ ସମନ୍ୱିତ ଦାୟିତ୍ୱ । ଏଥିରେ ପ୍ରଶାସନ, ପୋଲିସ, ବନ ବିଭାଗ, ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜେଲ୍ ପ୍ରଶାସନ ଓ ଅନ୍ୟାନ୍ୟ ବିଭାଗର ଭୂମିକା ରହିଛି । ବିଶେଷକରି ମହିଳା ଓ ଶିଶୁଙ୍କ ସୁରକ୍ଷା, ଶିଶୁ ବିବାହ ଓ ଶିଶୁ ଶ୍ରମ ନିରାକରଣ, ଘରୋଇ ହିଂସା, ଯୌତୁକ ନିରୋଧ, ଦଳିତ ବର୍ଗଙ୍କ ଅଧିକାର, ଦିବ୍ୟାଙ୍ଗଜନଙ୍କ ଅଧିକାର, ବରିଷ୍ଠ ନାଗରିକ ଙ୍କ ସୁରକ୍ଷା, ଜେଲ୍ ଓ ହାଜତରେ ମାନବାଧିକାର, ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଅଧିକାର, ଜୀବିକା ଓ ସାମାଜିକ ସୁରକ୍ଷା ଭଳି ବିଷୟ ଉପରେ ବିଭାଗୀୟ ଦୃଷ୍ଟିକୋଣରୁ ଆଲୋଚନା ଆବଶ୍ୟକ । ଜିଲ୍ଲାରେ ନିଜର କ୍ଷେତ୍ର ପରିଦର୍ଶନର ଅନୁଭୂତିରୁ ସେ ମିଶନ ଶକ୍ତିରେ ମା ମାନଙ୍କ ସଫଳତା, ଲକ୍ଷପତି ଦିଦି ସୃଷ୍ଟି ଆଦି ସମ୍ପର୍କରେ ନିଜର ଖୁସି ବ୍ୟକ୍ତ କରିବା ସହ ଜିଲ୍ଲାକୁ ନମ୍ବର ୧ ରେ ପହଂଚାଇବା ପାଇଁ ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଏହା ସହିତ ଜିଲ୍ଲାରେ ମାନବାଧିକାର ଉଲ୍ଲଂଘନ ସମ୍ପର୍କିତ ଅଭିଯୋଗର ନିରାକରଣ, ପୀଡ଼ିତ ବ୍ୟକ୍ତିଙ୍କୁ ଆବଶ୍ୟକ ସହାୟତା, ଆଇନଗତ ସହାୟତା ଏବଂ ଯୋଗ୍ୟ ବ୍ୟକ୍ତିଙ୍କ ନିକଟରେ ସରକାରୀ କଲ୍ୟାଣମୂଳକ ସେବା ପହଂଚାଇବା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବୋଲି ସେ କହିଥିଲେ । ବୈଠକ ରେ ଉପସ୍ଥିତ ଏନଜିଓ ସଂଗଠନଗୁଡ଼ିକ ସମାଜର ତଳସ୍ତରରେ କାର୍ଯ୍ୟ କରୁଥିବାରୁ, ସେ ସେମାନଙ୍କୁ ସାଧୁବାଦ ଜଣାଇବା ସହ ସେମାନଙ୍କ କାର୍ଯ୍ୟକାରିତା ଦିଗରେ ପ୍ରତିବନ୍ଧକ ଓ ନିରାକରଣ ବିଷୟରେ ସବିଶେଷ ଆଲୋଚନା କରିଥିଲେ । ଏନଜିଓ ସଦସ୍ୟ ମାନେ ମଧ୍ୟ ଗ୍ରାହକ ସଚେତନତା, ଅନୁସୂଚିତ ଜାତି ଜନଜାତି ସମସ୍ୟା, ମାତୃ ଶିଶୁ କଲ୍ୟାଣ ଆଦି ବିଷୟରେ ଆଲୋଚନା କରିଥିଲେ । ଜିଲ୍ଲାପାଳ ଜେ ସୋନାଲ ପ୍ରତିବେଦକଙ୍କ ପରାମର୍ଶ କ୍ରମେ ଜିଲ୍ଲାର ମାନବାଧିକାର ଓ ନ୍ୟାୟର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ମଧ୍ୟ ଜିଲ୍ଲାରେ ନ୍ୟାୟ ପ୍ରଦାନ ଦିଗରେ ପୋଲିସ ପ୍ରଶାସନର ଭୂମିକା ବିଷୟରେ କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ପ୍ରକାଶ ଥାଉକି, ଜାତୀୟ ମାନବାଧିକାର ଆୟୋଗର ବିଶେଷ ପ୍ରତିବେଦକ ଶ୍ରୀ ଶତପଥୀ ୩ ଦିନିଆ ଗସ୍ତ ରେ ଆସି ଜିଲ୍ଲାର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ, ମିଶନ ଶକ୍ତି ମହିଳା ମାନଙ୍କ ଉଦ୍ୟୋଗ, ୱାନ ଷ୍ଟପ ସେଂଟର, ଜିଲ୍ଲା କାରାଗାର, ଅଭିଯୋଗ ଓ ସମାଗୋଳ ସବ୍ ଜେଲ, ଉନ୍ନୟନ ମୂଳକ ପ୍ରକଳ୍ପ, ଅନୁସୂଚିତ ଜାତି ବସତି ଆଦି ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ । ଅନୁସୂଚିତ ଜାତି ବସତି ରେ ଆବଶ୍ୟକୀୟ ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ଏହାର କାର୍ଯ୍ୟକାରିତା ସମ୍ବନ୍ଧୀୟ ରିପୋର୍ଟ ସେ ମାନବାଧିକାର ଆୟୋଗଙ୍କ ନିକଟରେ ଉପସ୍ଥାପନ କରିବେ ବୋଲି ଉଲ୍ଲେଖ କରିଥିଲେ ।

ଜୋନାଲ୍‌ସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ଦଶପଲ୍ଲା, ୧୮/୦୯ (ଆ.ପ୍ର) : ଦଶପଲ୍ଲା ଠାରେ ଶୁକ୍ରବାର ଦିନ ଜୋନାଲ ସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ବେଶ୍ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଶୁଭାରମ୍ଭ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଆରଏମ୍‌ଜେ ଜୋନ୍ ଅନ୍ତର୍ଗତ ୮ଟି ବିଦ୍ୟାଳୟରୁ ପ୍ରାୟ ୧୧୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜ ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରୁଛନ୍ତି । ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଆରଏମ୍‌ଜେ. ଜୋନ୍ ସଭାପତି ଦିଲ୍ଲୀପ କୁମାର ନାୟକ ଏବଂ ପୂର୍ବତନ ସିଆରସିସି ତଥା ସହକାରୀ ଶିକ୍ଷକ ଶଶାଙ୍କ ଶେଖର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଛାତ୍ରଛାତ୍ରୀଙ୍କ ଜୀବନରେ କ୍ରୀଡ଼ାର ଭୂମିକା ଓ ଶାରୀରିକ ବିକାଶ ଉପରେ ଆଲୋକପାତ କରିବା ସହ ଖେଳାଳିମାନଙ୍କୁ ଶୃଙ୍ଖଳିତ ଭାବେ ଖେଳିବାକୁ ଉତ୍ସାହିତ କରିଥିଲେ । ସୂଚନାଯୋଗ୍ୟ ଯେ, ଦଶପଲ୍ଲା ବ୍ଲକର ସମୁଦାୟ ୪ଟି ଜୋନ୍‌ରେ ଏକାସଙ୍ଗରେ ଏହି କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି । ଜୋନାଲ ସ୍ତରର ବିଭିନ୍ନ ଇଭେଂଟରେ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା କ୍ରୀଡ଼ା ପ୍ରତିଯୋଗୀମାନଙ୍କୁ ଆଗାମୀ ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଚୟନ କରାଯିବ । ଏହାକୁ ନେଇ କ୍ରୀଡ଼ାବିତ୍, ଶିକ୍ଷକ ଓ ଅଭିଭାବକ ମହଲରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି । ସମଗ୍ର ପ୍ରତିଯୋଗିତା ତଥା ଚୟନ ପ୍ରକ୍ରିୟାକୁ ଶୃଙ୍ଖଳିତ ଭାବେ ସମ୍ପାଦନ କରିବା ପାଇଁ ବିଭିନ୍ନ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଉପସ୍ଥିତ ରହି ସହଯୋଗ କରୁଛନ୍ତି ।

ବସୁଧା ପ୍ରକଳ୍ପ ଅଚଳ, ନେଟୱାର୍କ ସମସ୍ୟାରେ ବଡ଼ସୁକୁ ପଂଚାୟତ



କୋରାପୁଟ, ୧୮/୦୯ (ଆ.ପ୍ର) : କୋରାପୁଟ ବ୍ଲକ ଅନ୍ତର୍ଗତ ବଡ଼ସୁକୁ ଗ୍ରାମ ପଂଚାୟତର ବିଭିନ୍ନ ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । କାଲଚୁର, ଜଙ୍ଗଗୁଡ଼ା, ବଡ଼ସୁକୁ, ପରଜାମୁଠାଇ, ମାଳିଗୁଡ଼ା ଓ ହରିଡ଼ାପୁଟ ଗ୍ରାମରେ ବସୁଧା ଜଳ ପ୍ରକଳ୍ପ ଠିକ୍ ଭାବେ କାର୍ଯ୍ୟକ୍ଷମ ହେଉନଥିବା କଥା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରକଳ୍ପ ନିର୍ମାଣ ସମୟରେ ନିମ୍ନମାନର ପାଇପ ବ୍ୟବହାର ହୋଇଥିବାରୁ ଆରମ୍ଭରୁ ହିଁ ଜଳଯୋଗାଣ ବ୍ୟବସ୍ଥା ସ୍ୱାଭାବିକ ହୋଇପାରିନାହିଁ । ପ୍ରାୟ ୮ ବର୍ଷ ପୂର୍ବେ ପାନୀୟ ଜଳ ଯୋଗାଣ ପାଇଁ ପ୍ରକଳ୍ପ ନିର୍ମାଣ ହୋଇଥିଲେ ମଧ୍ୟ ଏହାର ସୁଫଳ ମିଳୁନଥିବା ସେମାନେ କହିଛନ୍ତି । ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ ହୋଇଛି । ସମସ୍ୟାର ସମାଧାନ ବାବଦରେ ପଂଚାୟତବାସୀ ଏକଜୁଟ ହୋଇ ସାଂସଦଙ୍କ ଦିଶା ବୈଠକରେ ସାଂସଦଙ୍କ ସମେତ ସ୍ଥାନୀୟ ବିଧାୟକ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଶୀଘ୍ର ଜଳଯୋଗାଣ ବ୍ୟବସ୍ଥା ସ୍ୱାଭାବିକ କରାନଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ପଡ଼ିବ ବୋଲି ପଂଚାୟତବାସୀ ଚେତାବନୀ ଦେଇଛନ୍ତି । ଅନ୍ୟପକ୍ଷରେ, ପଂଚାୟତରେ ମୋବାଇଲ ନେଟୱାର୍କ ସମସ୍ୟା ମଧ୍ୟ ରହିଥିବାରୁ ଯଥାଶୀଘ୍ର ଏକ ଜିଓ ମୋବାଇଲ ଟାୱାର ସ୍ଥାପନ ପାଇଁ ସାଂସଦଙ୍କ ନିକଟରେ ପଂଚାୟତବାସୀ ଦାବି ଜଣାଇଛନ୍ତି ।

ଜୋନସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ

ଖଣ୍ଡପଡ଼ା, ୧୮/୦୯ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ଭେଣ୍ଡାଗୋଡ଼ିଆ ସାତ ଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ କ୍ରୀଡାଙ୍ଗନରେ କଂଟିଲୋ ଜୋନସ୍ତରୀୟ କବାଡି, ଖୋ ଖୋ ଓ ହ୍ୟାଣ୍ଡ ବଲ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ବ୍ଲକ ଅଧୀନ ୭ ଟି ଉଚ୍ଚ ବିଦ୍ୟାଳୟରୁ ୧୧୦ ଜଣ ଛାତ୍ରଛାତ୍ରୀ ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କଂଟିଲୋ ନାଗମାଧବ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ବାରିକ, ମହିପାଳପୁର ଗ୍ରାମସ୍ଥିତ ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଯୋଧ୍ୟା ନାଥ ନାୟକ, ଭେଣ୍ଡାଗୋଡ଼ିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମହାଦେବ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡା ଶିକ୍ଷକ ସମୀର କୁମାର ଖୁଂଟିଆ, ବନ୍ଦନ ହାତୀ, ରାଜୀବ ନାୟକ, ସୁବାସ ବେହେରା, ସନ୍ତୋଷ ପ୍ରଧାନ, ବାବୁଲା ଦଳେଇ ଓ କ୍ରୀଡା ଶିକ୍ଷୟିତ୍ରୀ ବନିତା ସେଠୀ ପ୍ରମୁଖ ସମସ୍ତ କ୍ରୀଡା ପ୍ରତିଯୋଗିତାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ ୧୪ ଓ ୧୭ ବର୍ଷରୁ କମ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଜୋନସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ଖଣ୍ଡପଡ଼ା ବ୍ଲକସ୍ତରରେ ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି ।

ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ସହରୀ ୨.୦ର ୮୨ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ବଂଟନ

ବାସୁଦେବପୁର,୧୮/୦୯ (ଆ.ପ୍ର) : ସହରାଂଚଳର ଗରିବ ଓ ଆବାସ ଆବଶ୍ୟକତା ଥିବା ପରିବାରଙ୍କ ମୁଣ୍ଡ ଉପରେ ପକ୍କା ଛାତ ଦେବା ଲକ୍ଷ୍ୟରେ ଆଉ ଏକ ପଦକ୍ଷେପ । ବାସୁଦେବପୁର ପୌରପାଳିକା ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା–ସହରୀ ୨.୦ର କାର୍ଯ୍ୟାଦେଶ ବଂଟନ ସମାରୋହ ଅନୁଷ୍ଠିତ ହୋଇଛି । ଏହି ଅବସରରେ ୮୨ ଜଣ ହିତାଧିକାରୀଙ୍କୁ ଆବାସ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ଦୀର୍ଘଦିନର ସ୍ୱପ୍ନ ନିଜ ଘରର ସ୍ୱପ୍ନ । ଆଜ ଏହି ସ୍ୱପ୍ନକୁ ସାକାର କରିବା ଦିଗରେ ବାସୁଦେବପୁର ପୌରପାଳିକାର ଆଉ ଏକ ପଦକ୍ଷେପ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା–ସହରୀ ୨.୦ ଅଧୀନରେ ୮୨ ଜଣ

ହିତାଧିକାରୀଙ୍କୁ ଦିଆଗଲା ଘର ନିର୍ମାଣର କାର୍ଯ୍ୟାଦେଶ । କାର୍ଯ୍ୟାଦେଶ ପାଇବା ପରେ ହିତାଧିକାରୀଙ୍କ ମୁହଁରେ ଦେଖାଦେଇଥିଲା ଖୁସିର ଝଲକ । ଏହି କାର୍ଯ୍ୟକ୍ରମରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ସେହିପରି ପୌରପାଳିକା ଅଧ୍ୟକ୍ଷା ନିବେଦିତା ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ପୌରପାଳିକା ଆବାସ ଅଧିକାରୀ ମୃତ୍ୟୁଞ୍ଜୟ ନାୟକ, ପାରିଷଦ ହେଲେ, ଜଗବନ୍ଧୁ ଦାସ, ମଧୁସ୍ମିତା ସେଠୀ, ଭାନୁମତୀ ମଲ୍ଲିକ, ସନ୍ତୋଷ ସାହୁଙ୍କ ସମେତ କାଉନସିଲର, ପୌର କର୍ମଚାରୀ ଓ ବିଭିନ୍ନ ୱାର୍ଡରୁ ଆସିଥିବା ହିତାଧିକାରୀମାନେ ଉପସ୍ଥିତ ଥିଲେ । ପକ୍କା ଘର କେବଳ ଇଟା ଓ ସିମେଂଟର ନିର୍ମାଣ ନୁହେଁ । ଏହା ଗୋଟିଏ ପରିବାରର ସୁରକ୍ଷା, ସମ୍ମାନ ଓ ନୂଆ ଆଶାର ପ୍ରତୀକ । ୮୨ ହିତାଧିକାରୀଙ୍କ ହାତରେ କାର୍ଯ୍ୟାଦେଶ ପହଂଚିବା ସହ ଏବେ ନୂଆ ଘର ନିର୍ମାଣର ଆଶା ଦେଖାଦେଇଛି ।

ଚାଷୀର ଜ୍ୱଳନ୍ତ ସମସ୍ୟା ଶୀଘ୍ର ହଟାଇବାକୁ ଦାବୀ ପତ୍ର

ଯାଜପୁର,୧୮/୦୯ (ଆ.ପ୍ର) : ନବ ନିର୍ମାଣ କୃଷକ ସଂଗଠନ ତରଫରୁ ଏକ ଦାବୀ ପତ୍ର ଯାଜପୁର ଜିଲ୍ଲାପାଳଙ୍କୁ ପ୍ରଦାନ

କରାଯାଇଛି । ସଂଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକଙ୍କ ସହ ଆଲୋଚନା କରି ଦାବୀ ପତ୍ର ପ୍ରଦାନ କରିଛନ୍ତି । ଏଥିରେ ଦର୍ଶା ଯାଇଛି ଯେ, ବର୍ତ୍ତମାନ ସ୍ୱଳ୍ପ ମିଆଦି ବିଆଳି ଧାନ ଅମଳ ସମୟ ଓ ସାରଦ ଧାନ ଥୋଡ ମୁହାଁ । ମାତ୍ର ବୁଲା ଷଣ୍ଢମାନଙ୍କ ଦାଉରୁ ଫସଲ ରକ୍ଷା କରିବାକୁ ସରକାର ତୁରନ୍ତ କାଞ୍ଜିଆହୁଦା ଓ ଗୋଶାଳାମାନଙ୍କରେ ରଖାଇ ଚାଷୀଙ୍କୁ ରକ୍ଷା କରନ୍ତୁ । ଜିଲ୍ଲା ସମ୍ପାଦକ ମାଧବାନନ୍ଦ ଶତପଥି କହିଛନ୍ତି ଯେ, ଆମର କୃଷକ ସଂଗଠନର ପ୍ରାଥମିକ ଆଭିମୁଖ୍ୟ ହେଉଛି, ଚାଷ ଓ ଚାଷୀ ବଂଚାଅ । ତେଣୁ ଆଜି ଚାଷୀର ସଙ୍କଟକୁ ପ୍ରତିହତ କରିବାକୁ ଦୃଢ ଦାବୀ ଉପସ୍ଥାପନ କରି ଷଣ୍ଢ ହଟାଇବା ସରକାରଙ୍କ ଦାୟିତ୍ୱ ରହୁ । ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ ନିଜ ମତାମତରେ କହିଛନ୍ତି ଯେ, ସଂଗଠନରେ କିଛି ନେତୃତ୍ୱ ଅଯଥା ପ୍ରସଙ୍ଗରେ ମୁଣ୍ଡ ପୁରାଇ ଚାଷୀର ମୂଳ ପ୍ରସଙ୍ଗକୁ ଏଡ଼ାଇ ଯାଉଛନ୍ତି, ଯାହାକି ଚାଷୀ ପ୍ରତି ବିଶ୍ୱାସରେ ବିଷ ଦେଲା ଭଳି । ନବ ନିର୍ମାଣ କୃଷକ ସଂଗଠନର ଭାବନାକୁ ଆଗେଇ ନେବାକୁ ଚାଷୀ ପ୍ରସଙ୍ଗ ମୁଖ୍ୟ ରହିବ ବୋଲି ସେ କହିଛନ୍ତି । ଏହି ସମୟରେ ଚାଷୀ ନେତା ଧନଞ୍ଜୟ ବିଶ୍ୱାଳ, ଶ୍ରୀଧର ମହଲ, ସୁବ୍ରତ ସାହୁ, ମହେଶ୍ୱର ସ୍ୱାଇଁ, ନୃସିଂହ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ସେବା ସଂକଳ୍ପ ଅଭିଯାନ ଉପଲକ୍ଷେ ଗଡ଼ ଖୋର୍ଦ୍ଧା ରାଧାକୃଷ୍ଣ ମନ୍ଦିର ପରିସରରେ ଆଶୀର୍ବାଦର ଦୀପ କାର୍ଯ୍ୟକ୍ରମ

ଖୋର୍ଦ୍ଧା,୧୮/୦୯(ଆ.ପ୍ର): ସେବା ସଂକଳ୍ପ ଅଭିଯାନ ଉପଲକ୍ଷେ ସଦର ମହକୁମା ଗଡ ଖୋର୍ଦ୍ଧା ରାଧାକୃଷ୍ଣ ମନ୍ଦିର ପରିସରରେ ଶକ୍ତି ଧାରା ଓ ଜିଲ୍ଲା ମିଶନ ଶକ୍ତି ମହାସଂଘ ଏବଂ ରାମ ରହିମ ମିଶନ ଶକ୍ତି ମହାସଂଘ ଆନୁକୂଲ୍ୟରେ ଏକମାସ ବ୍ୟାପି ଅନୁଷ୍ଠିତ ହେବାକୁ ଯାଉଥିବା ସେବା ସଂକଳ୍ପ ଅଭିଯାନ ୨୦୨୬ ଉପଲକ୍ଷେ ଆଜି ପ୍ରଥମ ଦିବସରେ ଆଶୀର୍ବାଦର ଦୀପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ମିଶନ ଶକ୍ତି ମହାସଂଘ ସଭାପତି ପଦ୍ମିନୀ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେହେରା ଯୋଗଦେଇ ଆଶୀର୍ବାଦର ଦୀପ ଦାନ କରି ଜିଲ୍ଲାବାସୀ ଓ ସମଗ୍ର ଦେଶବାସୀଙ୍କ ମଙ୍ଗଳ କାମନା କରିଥିଲେ । ସେ କହିଥିଲେ ଆଜି ଆଶୀର୍ବାଦର ଦୀପ ଶିଖାରେ ସମସ୍ତଙ୍କ ମନରେ ଥିବା ଈର୍ଷା, ଗର୍ବ,

ଅହଙ୍କାର ସହ ସମସ୍ତ ଅହଂଭାବ ଏବଂ ବିଯୁକ୍ତାତ୍ମକ ଭାବନା ଦୂର ହୋଇ ସମସ୍ତେ ଭଲ ମଣିଷ ହୋଇ ଜିଲ୍ଲା, ରାଜ୍ୟ ଓ ରାଷ୍ଟ୍ରର ନାମ ଟେକ ରଖନ୍ତୁ । ସମ୍ମାନିତ ଅତିଥି ଭାବେ ଅବକାରୀ ଅଧିକ୍ଷକ, ଖୋର୍ଦ୍ଧା, ସୁମତି ତ୍ରିପାଠୀ ଯୋଗଦେଇ ସମସ୍ତଙ୍କ ଜୀବନରୁ ଅନ୍ଧକାର ଦୂର ହୋଇ ଆଲୋକିତ ହେଉ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ବ୍ଲକ୍ ଉନ୍ନୟନ ଅଧିକାରୀ, ଖୋର୍ଦ୍ଧା, ସିଦ୍ଧାର୍ଥ ପଟ୍ଟନାୟକ, ନିର୍ବାହୀ ଅଧିକାରୀ ପୌର ପରିଷଦ, ଖୋରଧା, କାବେରୀ ମୁଦୁଲି, ଡିପିସି, ମିଶନ ଶକ୍ତି, ପ୍ରେମଶ୍ରୀ ନାୟକ ଯୋଗ ଦେଇ ସେବା ସଂକଳ୍ପ ଅଭିଯାନ ଆଶୀର୍ବାଦର ଦୀପ କାର୍ଯ୍ୟକ୍ରମ ସମ୍ବନ୍ଧରେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଜିଲ୍ଲା ମିଶନ ଶକ୍ତି ମହାସଂଘ ସାଧାରଣ ସମ୍ପାଦକ ଅଞ୍ଜୁମାନ ଆରା ଧନ୍ୟବାଦ ପ୍ରଦାନ କରିଥିଲେ । ମନ୍ଦିର ପ୍ରାଙ୍ଗଣରେ ସହସ୍ରାଧିକ ମହିଳା ଆଶୀର୍ବାଦର ଦୀପ ଦାନ କରିଥିଲେ । ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀ ବେହେରା ରାଧା କୃଷ୍ଣଙ୍କୁ ଦର୍ଶନ କରିବା ସହ ନିକଟରେ ଥିବା ଜଗନ୍ନାଥ ମନ୍ଦିରକୁ ଯାଇ ବିଗ୍ରହମାନଙ୍କୁ ଦର୍ଶନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, କାର୍ଯ୍ୟକ୍ରମ ପରିଚାଳିକା ସୌଦାମିନୀ ଦାଶଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ ।

ଭାପୁର ବ୍ଲକରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ନେଇ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

ଭାପୁର, ୧୮/୦୯ (ଆ.ପ୍ର) : ଭାପୁର ବ୍ଲକ ଅଂଚଳରେ ୧ ଲକ୍ଷ ୨୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ବାସ କରୁଥିବା ବେଳେ ମୌଳିକ ଅଧିକାରରୁ ଜନସାଧାରଣ ବର୍ଷ ବର୍ଷ ଧରି ବଂଚିତ ହୋଇ ଆସୁଥିବା ନେଇ ଅଭିଯୋଗ ଉଠାଇ ଭାପୁର ଠାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନୟାଗଡ଼ ଜିଲ୍ଲା କଂଗ୍ରେସ ସଭାପତି ରଞ୍ଜିତ କୁମାର ଦାସ କ୍ଷୋଭ ପ୍ରକାଶ କରିବା ସହ ଏ ନେଇ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି । ସ୍ଥାନୀୟ ପୂର୍ତ୍ତବିଭାଗ ବଙ୍ଗଳା ପରିସରରେ ଭାପୁର ବ୍ଲକ ଅଂଚଳରେ କାର୍ଯ୍ୟରତ ସମସ୍ତ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ବ୍ୟବସ୍ଥାକୁ ନେଇ ଶ୍ରୀ ଦାଶ ଉଦବେଗ ପ୍ରକାଶ କରିବା ସହ

ସମସ୍ୟା ଗୁଡିକ କିପରି ସମାଧାନ ହୋଇପାରିବ ସେ ନେଇ ସେ ମତ ରଖିଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ, ଟ୍ରମା କେୟାର, ଇକୋ କେୟାର ଆଦି ଆନୁସଙ୍ଗିକ ବ୍ୟବସ୍ଥା ନଥିବାବେଳେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ସର୍ବନିମ୍ନ ମୌଳିକ ସେବା ମିଳୁ ନଥିବାରୁ ଗାଁ ଗହଳିର ଜନସାଧାରଣ ବଙ୍ଗାଳି କ୍ୱାକମାନଙ୍କ ଦ୍ୱାରା ଚିକିତ୍ସିତ ହୋଇ ଅକାଳରେ ମୃତ୍ୟୁବରଣ କରୁଥିବାରୁ ଏ ନେଇ ସମ୍ମିଳନୀରେ ଉଦବେଗ ପ୍ରକାଶ ପାଇଥିଲା । ତେଣୁ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାରେ ସୁଧାର ଆଣିବା ନେଇ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ କଂଗ୍ରେସ ଦଳ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯିବା ନେଇ ସଭାପତି ଶ୍ରୀ ଦାଶ ସୂଚନା ପ୍ରଦାନ କରିଥିଲେ । ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଜିଲ୍ଲା ମହିଳା କଂଗ୍ରେସ ସଭାପତି ବୈଜୟନ୍ତୀବାଳା ମହାନ୍ତି, ଜିଲ୍ଲା ଉପ ସଭାପତି ବିନୋଦିନୀ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଆଇନଜୀବୀ ପ୍ରଦୀପ୍ତ ପ୍ରଧାନ, ମହିଳା ସଭାନେତ୍ରୀ ରଶ୍ମିତା କୁମାରୀ ପଟ୍ଟନାୟକ, ଭାପୁର ବ୍ଲକ ସଭାପତି ବାଙ୍କ ବିହାରୀ ଧଳ, ଖଣ୍ଡପଡା ନଗର ସଭାପତି ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଗଣନାଥଙ୍କ ପୂଜା ଅବସରରେ ଭଜନ ସମାରୋହ

ପାରଳାଖେମୁଣ୍ଡି, ୧୮/୦୯ (ଆ.ପ୍ର) : ଗଜପତି ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ପାରଳାଖେମୁଣ୍ଡି ସ୍ଥିତ ଚକ୍ରିସାହି ଠାରେ

ଗଣେଶପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଗଜପତି କଳା ପରିଷଦର କଳାକାର ମାନଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଅନୁଷ୍ଠାନର ଗୁରୁ ନୃସିଂହ ପ୍ରସାଦ ପାଢୀଙ୍କ ସଂଗୀତ ପରିଚାଳନାରେ କଳାକାର ମାନେ ଭଜନ ପରିବେଷଣ କରିଥିଲେ । ଏହି କଳାକାରମାନେ ହେଲେ ନିଜେ ଗୁରୁ ନୃସିଂହ ପ୍ରସାଦ ପାଢ଼ୀ, ମମତା ପାଢ଼ୀ, ମିନତୀବାଳା ମହାପାତ୍ର, ସୁନୀତା କୁମାରୀ ମହାରଣା, ପ୍ରବୀଣା କୁମାରୀ ବେହେରା, ଲୋପାମୁଦ୍ରା ଆଚାର୍ଯ୍ୟ, ଡାକ୍ତର ମୁର୍ମୁ ଓ ରଶ୍ମିତା କୁମାରୀ ଦାଶ ନିଜର ସୁଲଳିତ କଣ୍ଠ ସ୍ୱରରେ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଏଥିରେ ତବଲାରେ ହରିଶ୍ଚନ୍ଦ୍ର ପାଇକ, ଢୋଲକରେ ବିଜୟ କୁମାର ଜେନା ସହଯୋଗ କରିଥିଲେ । ଦୀର୍ଘ ୯ ଦିନ ଧରି ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଫେନ୍ସି ଡ୍ରେସ୍ ପ୍ରତିଯୋଗିତା, ଭଜନ ସମାରୋହ, ଭଜନ ନୃତ୍ୟ, ଦୀପଦାନ ଇତ୍ୟାଦିର ଆୟୋଜନ ହେଉଛି । ଆସନ୍ତା ୨୧ତାରିଖ ଦିନ ଠାକୁରଙ୍କ ବିସର୍ଜନ କରାଯିବ । ପାରଳାଖେମୁଣ୍ଡି ବିଧାୟକ ଡ଼ଂ ରୁପେଶ କୁମାର ପାଣିଗ୍ରାହୀ ଗଣେଶପୂଜା ବୁଲିଆସି ଆୟୋଜକ ମାନଙ୍କୁ ଉତ୍ସାହିତ କରି ସମସ୍ତ ପାରଳାବାସୀ ମଙ୍ଗଳ କାମନା ପାଇଁ ଗଣନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

ଗୁମ୍ମା ବ୍ଲକର ବିଭିନ୍ନ ଗ୍ରାମର ଜନ ଅଭିଯୋଗ ଶୁଣିଲେ ବିଧାୟକ

ପାରଳାଖେମୁଣ୍ଡି, ୧୮/୦୯ (ଆ.ପ୍ର) : ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଲୋକେ ନିଜ ନିଜ ଅଂଚଳର ସମସ୍ୟା ନେଇ

ପାରଳାଖେମୁଣ୍ଡି ବିଧାୟକ ରୁପେଶ କୁମାର ପାଣିଗ୍ରାହୀଙ୍କ ନିକଟରେ ଜନ ଅଭିଯୋଗ ଜଣାଇଛନ୍ତି । ଗୁମ୍ମା ବ୍ଲକର ଝାମି ଓ ମିଙ୍ଗିରି ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ଲୋକ ଆଜି ବିଧାୟକଙ୍କ କାର୍ଯ୍ୟାଳୟକୁ ଆସି ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରିଥିଲେ । ଗ୍ରାମବାସୀମାନେ ନିଜ ଅଂଚଳର ମୌଳିକ ସମସ୍ୟା ସମାଧାନ ସହ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି ଜଣାଇଥିଲେ । ଏହି ଅବସରରେ ବିଧାୟକ ରୁପେଶ କୁମାର ପାଣିଗ୍ରାହୀ ଗ୍ରାମବାସୀଙ୍କ ସମସ୍ତ ଅଭିଯୋଗ ଓ ସମସ୍ୟା ଧୈର୍ଯ୍ୟର ସହ ଶୁଣିଥିଲେ । ଲୋକଙ୍କ ଦ୍ୱାରା ଉଠାଯାଇଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ଏବଂ ସମ୍ଭବ ଥିବା ସମସ୍ତ କାର୍ଯ୍ୟ କରାଯିବ ବୋଲି ସେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଜିଲ୍ଲା ସଭାପତି ପ୍ରଦୀପ ନାୟକ ଉପସ୍ଥିତ ଥିଲେ । ଗ୍ରାମବାସୀମାନେ ନିଜ ସମସ୍ୟା ଉପସ୍ଥାପନ କରିବା ସହ ଶୀଘ୍ର ସମାଧାନ ପାଇଁ ଆଶା ପ୍ରକାଶ କରିଥିଲେ ।

ବିଶ୍ୱକର୍ମା ପୂଜାରେ ଚଳ ଚଂଚଳ ବାଣିଜ୍ୟ ସ୍ଥଳି

ହାଟଡିହି, ୧୮/୦୯ (ଆ.ପ୍ର) : ହାଟଡିହି ବ୍ଲକର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ପାଳନ ହୋଇଯାଇଛି । ଏଥିରେ ଦେବି ସ୍ରୀ ଏ ଆର ବ୍ରିକ ହାଟଡିହି, ଲକ୍ଷ୍ମୀ ନାରାୟଣ ରାଇସ ମିଲ, ସଭା, ଅନ୍ୟ ଛୋଟ ବଡ ବ୍ୟବସାୟ

ପ୍ରତିଷ୍ଠାନମାନଙ୍କରେ ଦେବ ଶିଳ୍ପୀଙ୍କର ପୂଜା ଖୁବ୍ ଆନନ୍ଦର ସହ ପାଳନ କରାଯାଇଥିଲା । ସେହି ପରି ବଂଟା ଛକରେ ଥିବା ମାର୍କଣ୍ଡ ଓଝାଙ୍କର ବ୍ୟବସାୟ ପ୍ରତିଷ୍ଠାନରେ ପୂଜା ଖୁବ୍ ଆନନ୍ଦର ସହ ପାଳନ ହୋଇଥିଲା ।

ଗଜପତିରେ 'ଆଶୀର୍ବାଦର ଦୀପ–ସେବା ସଂକଳ୍ପ ଅଭିଯାନ-୨୦୨୬

ପାରଳାଖେମୁଣ୍ଡି, ୧୮/୦୯ (ଆ.ପ୍ର) : ଗଜପତି ଜିଲ୍ଲାରେ 'ସେବା ସଂକଳ୍ପ ଅଭିଯାନ-୨୦୨୬' ଅନ୍ତର୍ଗତ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ

ଜିଲ୍ଲା, ବ୍ଲକ, ଗ୍ରାମ ପଂଚାୟତ ଓ ଘରେ ଘରେ ଆୟୋଜିତ ହୋଇଛି । ପାରଳାଖେମୁଣ୍ଡିର ବଡ଼ ରାଧାକାନ୍ତ ମଠ ଓ ରାଧାକୃଷ୍ଣ ମନ୍ଦିର, ଶ୍ୟାମ ବିହାର ପରିସରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ , ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ସୁଶ୍ରୀ ଭଗତ ସାମଲ କଲ୍ୟାଣରାଓ, ଜିଲ୍ଲା ସମାଜ ମଙ୍ଗଳ ଶ୍ରୀମତୀ ମୋନରମା ଦେବୀ ମିଶନ ଶକ୍ତିର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଟିମନ୍ ଦାରା, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ । ସୁଭଦ୍ରା ହିତାଧିକାରୀ, ଅଙ୍ଗନୱାଡ଼ି ଓ ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଲକ୍ଷପତି ଦିଦି ଏବଂ ପଂଚାୟତ, ବ୍ଲକ ଓ ଜିଲ୍ଲାସ୍ତରୀୟ ସଂଘର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ । ମନ୍ଦିର ପରିସରରେ ସଫେଇ, ଦୀପ ପ୍ରଜ୍ଜ୍ୱଳନ ଓ ରଙ୍ଗୋଲି ପ୍ରସ୍ତୁତି କରାଯାଇଥିଲା । ଜିଲ୍ଲାର ୭ଟି ବ୍ଲକ ଅନ୍ତର୍ଗତ ୧୪୯ଟି ଗ୍ରାମ ପଂଚାୟତର ୧୧,୨୪୧ଟି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୧ ଲକ୍ଷ ୩୫ ହଜାର ସଦସ୍ୟା ବିଭିନ୍ନ ମନ୍ଦିରରେ ମୋଟ ୨ ଲକ୍ଷ ୫ ହଜାର ୩୮୬ଟି ଦୀପ ପ୍ରଜ୍ଜ୍ୱଳନ କରାଯାଇଛି ।

ପ୍ରକଳ୍ପ ଅଧିକାର ଦ୍ୱାରା - ମାଗଣା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ

ଦଶପଲ୍ଲା,୧୮/୦୯ (ଆ.ପ୍ର) : ଗ୍ରାମାଂଚଳରେ ବସବାସ କରି ଆସୁଥିବା ଗରିବ ନିରୀହ ବୃଦ୍ଧ ବୃଦ୍ଧା ମହିଳା ଓ ଶିଶୁମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧରେ ସଚେତନ କରିବା ସହିତ ରୋଗ ଚିହ୍ନଟ କରି ସେମାନଙ୍କୁ ଆବଶ୍ୟକୀୟ ମାଗଣା ଔଷଧ ପ୍ରଦାନ କରିବା ଲକ୍ଷ୍ୟ ନେଇ ଦଶପଲ୍ଲା ଅନ୍ତର୍ଗତ ତେଣ୍ଡାବାଡ଼ି ଗ୍ରାମ ପଂଚାୟତର ତେଣ୍ଡାବାଡ଼ି ଗ୍ରାମ ଶିବ ମନ୍ଦିର ପ୍ରାଙ୍ଗଣରେ ପ୍ରକଳ୍ପ ଅଧିକାର, ଦଶପଲ୍ଲା ଏବଂ ଟିପିସିଓଡ଼ି ଏଲ ତରଫରୁ, ଆପୋଲୋ ଡାକ୍ତରଖାନାର ଡାକ୍ତରୀ ଦଳଙ୍କ ଦ୍ୱାରା ନାନା ପ୍ରକାର ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା ।

ସ୍ଥାନୀୟ ସରପଂଚ ଦାଶରଥି ନାୟକ ଏ ଶିବିରକୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରିବା ସହ ଏ ପ୍ରକାର ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଦ୍ୱାରା ସ୍ଥାନୀୟ ଅଂଚଳରେ ଥିବା ବହୁ ଗରିବ ରୋଗୀ ଉପକାର ପାଇବେ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ । ଏ ସ୍ୱାସ୍ଥ୍ୟ ଶିବିର ଦ୍ୱାରା ଦେଢ଼ ଶହରୁ ଅଧିକ ରୋଗୀଙ୍କୁ ପ୍ରତ୍ୟକ୍ଷ ଭାବେ ଚିକିତ୍ସା କରାଯିବା ସହିତ ଆବଶ୍ୟକୀୟ ଔଷଧ ମଧ୍ୟ ପ୍ରଦାନ କରାଯାଇଥିଲା । ପ୍ରକଳ୍ପ ଅଧିକାର, ଦଶପଲ୍ଲା ତରଫରୁ ଏ ପ୍ରକାର ସ୍ୱାସ୍ଥ୍ୟ ସେବା ଅଭିଯାନକୁ ଆସନ୍ତା ଦିନରେ ବିଭିନ୍ନ ପଂଚାୟତକୁ ବ୍ୟାପକ କରାଯିବ ବୋଲି ପ୍ରଭାତ କୁମାର କୁମାର ସାହୁ ସୂଚନା ପ୍ରଦାନ କରିଛନ୍ତି ।

ପାନୀୟ ଜଳ, ବିଜୁଳି, ସଡ଼କ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ ଓ କ୍ରୀଡ଼ାର ଉନ୍ନତିକୁ ଅଗ୍ରାଧିକାର କେବିକେ ବିକାଶ ଯୋଜନାରେ ୩୦୩ଟି ପ୍ରକଳ୍ପ ପାଇଁ ୧୦ କୋଟିର ପ୍ରସ୍ତାବ

ନବରଙ୍ଗପୁର, ୧୮/୦୯(ଆ.ପ୍ର): ରାଜ୍ୟର ପ୍ରଥମ ଜିଲ୍ଲା ଭାବେ ଜିଲ୍ଲା ଯୋଜନା ବୋର୍ଡର ସଦସ୍ୟମାନଙ୍କ ନିର୍ବାଚନ ସମାପ୍ତ ହେବା ପରେ ଚଳିତ ବର୍ଷର ପ୍ରଥମ ତଥା ୨୪ତମ ଜିଲ୍ଲା ଯୋଜନା କମିଟି ବୈଠକ ଆଜି ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଛି । ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ମାନ୍ୟବର ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମାନ୍ୟବର ସାଂସଦ ବଳଭଦ୍ର ମାଝୀ, ମାନ୍ୟବର ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ମାନ୍ୟବର ଝରୀଗାଁ ବିଧାୟକ ନରସିଂହ ଭତ୍ରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ଓ ଉପାଧ୍ୟକ୍ଷ, କମିଟିର ସମସ୍ତ ସଦସ୍ୟ, ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ, ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଡ଼ିଓମାନେ ଉପସ୍ଥିତ ଥିଲେ । ବୈଠକରେ ଅଧ୍ୟକ୍ଷ ଶ୍ରୀ ମାଝି କେବିକେ ବିକାଶ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ସହ ଲୋକଙ୍କ ସାର୍ବନିମ୍ନ ଆବଶ୍ୟକତା ପୂରଣକୁ ଗୁରୁତ୍ୱ ଦେଇଥିଲେ । ବିଶେଷକରି ପାନୀୟ ଜଳ, ବିଜୁଳି ଓ ସଡ଼କ

ଭଳି ମୌଳିକ ସୁବିଧାର ବିକାଶ ପାଇଁ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ସେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସ୍ୱଳ୍ପବୃଷ୍ଟିପାତ ଅଂଚଳରେ ଜଳସେଚନ ବ୍ୟବସ୍ଥା ପାଇଁ ଆବଶ୍ୟକ ପ୍ରକଳ୍ପର ତାଲିକା ପ୍ରସ୍ତୁତ କରି ଅନୁମୋଦନ ପରେ ତ୍ୱରିତ କାର୍ଯ୍ୟାନ୍ୱୟନ ଏବଂ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ତାଲିକାଭୁକ୍ତ ପ୍ରକଳ୍ପଗୁଡ଼ିକର ଫିଜିବିଲିଟି ରିପୋର୍ଟ ଶୀଘ୍ର ପ୍ରଦାନ ଉପରେ ଆଲୋଚନା ହୋଇଥିଲା । ଜିଲ୍ଲାର ବୟନ ଶିଳ୍ପର ବିକାଶ ସହ ବୁଣାକାରମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଜିଲ୍ଲା ମୁଖ୍ୟାଳୟରେ ବୟନ ଶିଳ୍ପ ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଖୋଲିବା ନେଇ ଆଲୋଚନା ହୋଇଥିଲା । ଏଥିସହ ଗୋଶାଳାର ସଫଳ କାର୍ଯ୍ୟାନ୍ୱୟନ, ମାଛ ଓ ଚିଙ୍ଗୁଡ଼ି ଚାଷକୁ ପ୍ରୋତ୍ସାହନ ପାଇଁ ଉପଯୋଗୀ ପୋଖରୀ ଓ ବନ୍ଧର ତାଲିକା ପ୍ରସ୍ତୁତି, କ୍ରୀଡ଼ା ଭିତିଭୂମି, ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ଷ୍ଟାଡିୟମ ନିର୍ମାଣକୁ ଅଗ୍ରାଧିକାର ଭିତିରେ ଆଗେଇ ନେବାକୁ ଗୁରୁତ୍ୱ ଦିଆଯାଇଥିଲା । ସେହିଭଳି ମେଡିକାଲ କଲେଜ ନିର୍ମାଣ, ଜିଏନଏମ କଲେଜ ସ୍ଥାନାନ୍ତରଣ ଓ ବାଇପାସ୍ ରାସ୍ତା ନିର୍ମାଣ ଭଳି ପ୍ରମୁଖ ଉନ୍ନୟନ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା । ସମସ୍ତ ତହସିଲଦାର ଓ ଶିକ୍ଷା ବିଭାଗ ମଧ୍ୟରେ ସମନ୍ୱୟ ରଖି ଯଥାଶୀଘ୍ର ବିଦ୍ୟାଳୟଗୁଡ଼ିକୁ ଜମି ପଟ୍ଟା ପ୍ରଦାନ କରିବା ସହ ଜିଲ୍ଲାର ଭୂମିହୀନ ପରିବାରଙ୍କୁ ବସୁନ୍ଧରା ପଟ୍ଟା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲାରେ ଆଇନଶୃଙ୍ଖଳାର ସୁପରିଚାଳନା ପାଇଁ ଜନଗହଳିପୂର୍ଣ୍ଣ ସ୍ଥାନ ଏବଂ ସମସ୍ତ ବ୍ଲକ୍ ମୁଖ୍ୟାଳୟ ସହରରେ ସିସିଟିଭି ସ୍ଥାପନ ସହ ଆବଶ୍ୟକ ସ୍ଥାନରେ ପୋଲିସ ମୁତୟନକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା । ସମସ୍ତ ବିଭାଗୀୟ ଅଧିକାରୀ ନିଜ ନିଜ ବାର୍ଷିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ସହ ବିଭିନ୍ନ ଯୋଜନାରେ ମିଳୁଥିବା ଅନୁଦାନ ଅର୍ଥରାଶିର ସମୟୋଚିତ ଓ ସଠିକ୍ ବିନିଯୋଗ ନିଶ୍ଚିତ କରିବାକୁ ଜନପ୍ରତିନିଧିମାନେ ଗୁରୁତ୍ୱ ଦେଇଥିଲେ । ସୂଚନାଯୋଗ୍ୟଯେ, କେବିକେ ବିକାଶ ଯୋଜନା ଅଧୀନରେ ୨୦୨୪-୨୫ ଆର୍ଥିକ ବର୍ଷରେ ତାଲିକାଭୁକ୍ତ ୧୭୦ଟି ପ୍ରକଳ୍ପ ପାଇଁ ସମୁଦାୟ ୫ କୋଟି ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ତାଲିକାଭୁକ୍ତ ୧୩୩ଟି ପାନୀୟ ଜଳ, ବିଜୁଳି ଓ ସଡ଼କ ନିର୍ମାଣ ପ୍ରକଳ୍ପ ପାଇଁ ମୋଟ ୫ କୋଟି, ଏହିପରି ମୋଟ ୩୦୩ଟି ପ୍ରକଳ୍ପ ପାଇଁ ସର୍ବମୋଟ ୧୦ କୋଟିର ଅଟକଳ ମୂଲ୍ୟ ଅନୁମୋଦନ ପାଇଁ କମିଟି ସମ୍ମୁଖରେ ଉପସ୍ଥାପିତ ହୋଇଥିଲା । ଅତିରିକ୍ତ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ତଥା ବିଡ଼ିଓ, ନବରଙ୍ଗପୁର ଶ୍ରୀ ସୁନୀଲ ଖରା ଏହି ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଏହାପରେ ମାତ୍ରାଧିକ ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ ରିପୋର୍ଟ ଉପରେ ଆଲୋଚନା କରାଯାଇଥିଲା । କ୍ଷତିଗ୍ରସ୍ତ ରାସ୍ତାଘାଟ, ବ୍ରିଜ୍ ଓ କଲଭର୍ଟ ଆଦିର ଯଥାଶୀଘ୍ର ମରାମତି କରି ଯାତାୟାତ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଡ଼ ପ୍ରମୋଦ କୁମାର ପୃଷ୍ଟି, ଉପଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ପ୍ରଫୁଲ୍ଲ କୁମାର ପାଢ଼ୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ ଓ ବିଡ଼ିଓମାନେ ଉପସ୍ଥିତ ଥିଲେ ।

ପରିବର୍ତ୍ତନ ନିଶାମୁକ୍ତି କେନ୍ଦ୍ର ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳିତ

ଟାଙ୍ଗୀ/ଚୌଦ୍ୱାର, ୧୮/୦୯ (ଆ.ପ୍ର) : ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦିଙ୍କ ୭୬ତମ ଜନ୍ମଦିନ ଭାରତବର୍ଷର ପୁରପଲ୍ଲୀ ତଥା ଜାତୀୟ ଓ ରାଜ୍ୟ ସ୍ତରରେ ପାଳନ ହେଉଥିବା ବେଳେ ପରିବର୍ତ୍ତନ କେନ୍ଦ୍ରର ସହଯୋଗୀ ତଥା ବରିଷ୍ଠ ପରାମର୍ଶଦାତା ଓ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡ଼ା ପ୍ରଭାତ ରଂଜନ ବିଶ୍ୱାଳଙ୍କ ଉପଦେଶ ଓ ସହଯୋଗରେ ଓଡିଶାର ସର୍ବପ୍ରଥମ ଅନୁଷ୍ଠାନ କଟକ ଜିଲ୍ଲା ଚୌଦ୍ୱାର ଅଂଚଳରେ ଥିବା ପରିବର୍ତ୍ତନ କିଶୋର ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ର ଅନ୍ତେବାସୀଙ୍କ ଗ୍ରହଣରେ ପାଳିତ ହୋଇଯାଇଛି । ଏହି କେନ୍ଦ୍ରରେ ୪୦ ଜଣ ଅନ୍ତେବାସୀ ରହୁଛନ୍ତି । ଏହି ନାବାଳକ



ଅନ୍ତେବାସୀମାନଙ୍କୁ ଆମ ଭାରତର ପ୍ରଧାନମନ୍ତ୍ରୀଙ୍କ ଉଚ୍ଚକୋଟିର ସେବା କାର୍ଯ୍ୟକ୍ରମ ଉପରେ ଉପସ୍ଥିତ ଥିବା ବରିଷ୍ଠ ଉପଦେଷ୍ଟା ଗୋଲାପ ସିଂ, ବରିଷ୍ଠ ସଦସ୍ୟା ଖୁଲଣା ସାହୁ ଆଲୋକପାତ କରିଥିଲେ । ଆଜିର ଜନ୍ମଦିନ କାର୍ଯ୍ୟକ୍ରମରେ ସମସ୍ତ ଅନ୍ତେବାସୀ, କର୍ମଚାରୀ, ଉଦ୍ଧାର ଫାଉଣ୍ଡେସନର କର୍ମକର୍ତ୍ତା ଓ ଚୌଦ୍ୱାର ଅଂଚଳର ବୃତ୍ତିଜୀବୀମାନେ ଉପସ୍ଥିତ ରହି ୧୦୮ଟି ଆଶୀର୍ବାଦ ଦୀପ ଲଗାଇଥିଲା ଓ ପବିତ୍ର ଜନ୍ମଦିନରେ କେକ୍ କାଟି ଧୁମଧାମରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପରିବର୍ତ୍ତନ କେନ୍ଦ୍ର ଅଧ୍ୟକ୍ଷ ନରୋତମ ଦାସ, ବରିଷ୍ଠ ସେବକ ସୁବ୍ରତ ଖଟୁଆ, ସେବକ ସୁନୀଲ ମୁର୍ମୁ, ଶିବମ ବେହେରା, ସତ୍ୟ ପ୍ରକାଶ ସାହୁ, ସାହିଲ ସୋହନ ସାହୁ, ସୋନୁ ରାଏ, ଅମର ନାୟକ, ସଦସ୍ୟା ସାରଦା ଭାରତୀ ନାୟକ ଓ ଏସଏଚଜି ଗ୍ରୁପ ଟାଙ୍ଗୀ ବ୍ଲକ ଡିପିସି ଗଙ୍ଗୋତ୍ରୀ ବଦନେ ପ୍ରମୁଖ ଉପସ୍ଥିତ ଥିଲେ ।

ସେଇଥୁ
ଆରମ୍ଭ
SEITHO ARAMBHA
ଶନିବାର, ୧୯ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଯୁବରାଜ ସିଂହଙ୍କ ସ୍ପେଶାଲ୍ ଟିପ୍ସରେ ଚମକିଲେ ଅଭିଷେକ ଶର୍ମା

ନୂଆଦିଲ୍ଲୀ, ୧୮/୯ (ନ୍ୟୁ.ଏ): ଆଫଗାନିସ୍ତାନ ବିପକ୍ଷ ତୃତୀୟ ଟି-୨୦ ମ୍ୟାଚରେ ଅଭିଷେକ ଶର୍ମା ଏକ ଧମାକାଦାର ଇନିଂସ ଖେଳି ଶତକ ହାସଲ କରିଛନ୍ତି । ତାଙ୍କର ଏହି ଶତକୀୟ ଇନିଂସକୁ ସମସ୍ତେ ଖୁବ୍ ପ୍ରଶଂସା କରୁଛନ୍ତି । ସେ ଟି-୨୦ ଇଂଟରନ୍ୟାସନାଲରେ ଦ୍ରୁତତମ ଶତକ ହାସଲ କରିବା ପରେ ରୋହିତ ଶର୍ମାଙ୍କୁ ପଛରେ ପକାଇ ଦେଇଛନ୍ତି । ଅଭିଷେକ ମାତ୍ର ୩୦ଟି ବଲରେ ୧୦୦ ରନ୍ ପୂରଣ କରି ଥିଲେ । ମ୍ୟାଚ୍ ପରେ ସେ କହିଥିଲେ ଯେ, ଦ୍ୱିତୀୟ ମ୍ୟାଚ୍ ପରେ ଯୁବରାଜ ସିଂହଙ୍କ ସହ ତାଙ୍କର କଥାବାର୍ତ୍ତା ହୋଇଥିଲା । ଏହି ପୂର୍ବତନ ଅଲରାଉଣ୍ଡର ତାଙ୍କୁ ପ୍ରତ୍ୟେକ ବଲରେ ବଡ଼ ଶଟ୍ ନ ମାରିବାକୁ ପରାମର୍ଶ ଦେଇ ଥିଲେ ଏବଂ ସିଙ୍ଗଲ୍ସ-ଡବଲ୍ସ ନେଇ ଷ୍ଟ୍ରାଇକ୍ ରୋଟେଟ୍ କରିବାକୁ କହି ଥିଲେ । କୌଣସି ଟେଷ୍ଟ ଖେଳୁଥିବା ଦେଶ ବିପକ୍ଷରେ ଟି-୨୦ ଅନ୍ତର୍ଜାତୀୟରେ ଏହା ଯେକୌଣସି ବ୍ୟାଟରଙ୍କ ଦ୍ୱାରା ଦ୍ରୁତତମ ଶତକ । ସେ ଭାରତୀୟ ଇନିଂସର ୯ମ ଓଭରରେ ଏକ ରନ୍ ନେଇ ନିଜର ଶତକ ପୂରଣ କରି ଥିଲେ । ଏହା ସହିତ ସେ ଟି-୨୦ ଇଂଟରନ୍ୟାସନାଲରେ ଦ୍ରୁତତମ ଶତକ କରି ଥିବା ଦ୍ୱିତୀୟ ବ୍ୟାଟର ହୋଇ ପାରିଛନ୍ତି । ଏଷ୍ଟୋନିଆର ସାହିଲ ଚୌହାନ ସାଇପ୍ରସ ବିପକ୍ଷରେ ୨୭ଟି ବଲରେ ଶତକ କରି ବିଶ୍ୱ ରେକର୍ଡ କରିଥିବା ବେଳେ ତୁର୍କୀର ମୁହମ୍ମଦ ଫହଦ ଜୁଲାଇ ୨୦୨୫ରେ ବୁଲଗେରିଆ ବିପକ୍ଷରେ ୨୯ ଟି ବଲରେ ଏହି ସଫଳତା ହାସଲ କରି ଥିଲେ । ଅଭିଷେକ ଶର୍ମା ବ୍ରୋଡକାଷ୍ଟରଙ୍କ ସହ କଥାବାର୍ତ୍ତା ବେଳେ କହିଛନ୍ତି, ଗତ ମ୍ୟାଚରେ ଯୁବରାଜ ସାର୍ ମୋତେ ମେସେଜ୍ କରିଥିଲେ । ସେ କହିଥିଲେ ଯେ, ମୋତେ ପ୍ରତ୍ୟେକ ବଲରେ ଶଟ୍ ମାରିବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ । ବିଶେଷ କରି ଏହି ପରିସ୍ଥିତିରେ, ଯଦି ବଲ୍ ସ୍ଲଟରେ ନାହିଁ ତେବେ ମଝିରେ ମଝିରେ ଏକ କିମ୍ବା ଦୁଇ ରନ୍ ନେବା ଦରକାର । ସାର୍ ସବୁବେଳେ ଚାହାନ୍ତି ଯେ ମୁଁ ଲମ୍ବା ଇନିଂସ ଖେଳେ । ଦଳକୁ ଏକ ଭଲ ଆରମ୍ଭ ଦେଇ ଜିତାଇବା ମୋର ସଦାସର୍ବଦା ଲକ୍ଷ୍ୟ ଥାଏ । ସୂଚନା ଯେ, ଯୁବରାଜ ସିଂହ ଅଭିଷେକ ଶର୍ମା, ଶୁଭମନ ଗିଲ୍ ଏବଂ ପ୍ରଭସିମରନଙ୍କ ପାଇଁ ମେଂଟର ଭାବେ କାର୍ଯ୍ୟ କରିଛନ୍ତି । ଅଭିଷେକ ମ୍ୟାଚ୍ ପରେ ଆହୁରି କହିଛନ୍ତି, ଆମେ ଗତ ଦୁଇ ବର୍ଷ ହେବ ଏପରି ଖେଳି ଆସୁଛୁ ଏବଂ ଗୋଟିଏ କି ଦୁଇଟି ଖରାପ ସିରିଜ୍ ଆମର ଆକଳନ କରି ପାରିବ ନାହିଁ । ଜଣେ ଖେଳାଳି ଭାବେ ଉତ୍ଥାନ-ପତନ ଆସି ଥାଏ, କିନ୍ତୁ ଗୋଟିଏ ଦଳ ଭାବରେ ଆମେ କ'ଣ ଭାବୁଛୁ ତାହା ଗୁରୁତ୍ୱପୂର୍ଣ୍ଣ । ପ୍ରତିପକ୍ଷ ଯିଏ ବି ହୁଅନ୍ତୁ, ଆମେ ପୂରା ବର୍ଷ ନିଜର ଦବଦବା ବଜାୟ ରଖିବାକୁ ଚାହୁଁ ଥିଲୁ । ସବୁଠାରୁ ବଡ଼ କଥା ହେଉଛି ଦଳ ଭାବେ ଏକାଠି ରହି ପରସ୍ପରକୁ ସମର୍ଥନ କରିବା, ଯାହା ଦ୍ୱାରା ଏପରି ବଡ଼ ଇନିଂସ ସମ୍ଭବ ହୋଇଥାଏ । ଉଲ୍ଲେଖନୀୟ ଯେ, 'ପ୍ଲେୟାର ଅଫ୍ ଦି ମ୍ୟାଚ୍' ଏବଂ 'ପ୍ଲେୟାର ଅଫ୍ ଦି ସିରିଜ୍' ଅଭିଷେକ ୩୪ ବଲ୍‌ରେ ୧୦୮ ରନର ବିସ୍ଫୋରକ ଇନିଂସ ଖେଳି ଥିଲେ, ଯେଉଁଥିରେ ୧୧ଟି ଛକା ଏବଂ ୯ଟି ଚୌକା ସାମିଲ ଥିଲା । ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ଏହା ତାଙ୍କର ତୃତୀୟ ଶତକ । ମାତ୍ର ୩୦ ଟି ବଲରେ ଶତକ ହାସଲ କରି ସେ ଏହି ଫର୍ମାଟରେ ଦ୍ରୁତତମ ଶତକ ହାସଲ କରିଥିବା ଭାରତୀୟ ବ୍ୟାଟର ହୋଇଛନ୍ତି । ତାଙ୍କର ଏହି ଇନିଂସ ଦ୍ୱାରା ଭାରତ ୭ ୱିକେଟ୍ ହରାଇ ୨୨୧ ରନର ବିଶାଳ ସ୍କୋର କରି ପାରି ଥିଲା ।

ଏସିଆନ ଗେମ୍ସ: ଧ୍ୱଜା ବାହକ ସାଜିବେ ମନୁ ଭାକର ଓ ତଜିନ୍ଦରପାଲ ସିଂହ ତୁର

ନୂଆଦିଲ୍ଲୀ, ୧୮/୯ (ନ୍ୟୁ.ଏ): ଅଲିମ୍ପିକରେ ଭାରତ ପାଇଁ ଡବଲ ପଦକ ଜିତିଥିବା ମନୁ ଭାକର ଓ ଏସିଆନ ଗେମ୍ସ ଚାମ୍ପିୟନ ତଜିନ୍ଦରପାଲ ସିଂହ ତୁରଙ୍କୁ ମିଳିଛି ଗୁରୁ ଦାୟିତ୍ୱ । ଜାପାନରେ ଅନୁଷ୍ଠିତ ଏସିଆନ ଗେମ୍ସର ଉଦଘାଟନୀ ସମାରୋହରେ ଭାରତୀୟ କଂଟିଜେଂଟର ଧ୍ୱଜାବାହକ ଏହି ଦୁଇ ଜଣ ଖେଳାଳି ସାଜିବେ । ଆସନ୍ତାକାଲି ଜାପାନର ଆଇଚି-ନାଗୋୟାରେ ଏସିଆନ ଗେମ୍ସର ଉଦଘାଟନୀ ସମାରୋହ ଅନୁଷ୍ଠିତ ହେବ । ଏହି ସମୟରେ ଉଭୟ ଭାରତର ପତାକା ଧରିବେ ବୋଲି ନିଶ୍ଚିତ ହୋଇଛି । ଭାରତର ଚିଫ ଡେ ମିଶନ ସହଦେବ ଯାଦବ ଶୁକ୍ରବାର ରାଜରଙ୍କ ଚୟନକୁ ନିଶ୍ଚିତ କରିଥିବା ବେଳେ ତଜିନ୍ଦର ପାଲ ସିଂହ ତୁର ଦ୍ୱିତୀୟ ଧ୍ୱଜା ବାହକ ବୋଲି କହିଛି ଆଥଲେଟିକ ଫେଡରେସନ ଅଫ ଇଣ୍ଡିଆ । ୨୦୨୪ ପ୍ୟାରିସ ଅଲିମ୍ପିକରେ ଇତିହାସ ରଚିଥିଲେ ମନୁ ଭାକର । ସେ ଭାରତର ପ୍ରଥମ ମହିଳା ଆଥଲେଟ ଭାବେ ଅଲିମ୍ପିକ୍ସର ଗୋଟିଏ ସଂସ୍କରଣରେ ଡବଲ ପଦକ ଜିତିଥିଲେ । ସେ ପ୍ରଥମେ ମହିଳା ୧୦ ମିଟର ଏୟାର ପିସ୍ତଲରେ ବ୍ରୋଞ୍ଜ ଓ ପରେ ସରବଜୋତ ସିଂହଙ୍କ ସହ ମିଶି ମିକ୍ସଡ ୧୦ ମିଟର ଏୟାର ରାଇଫଲ ଇଭେଂଟ କାଂସ୍ୟ ପଦକ ହାତେଇଥିଲେ । ଏପଟେ ତୁର ଏସିଆନ ଗେମ୍ସର ଗତ ୨ଟି ଯାକ ସଂସ୍କରଣରେ ଦେଶ ପାଇଁ ଶଟ ପୁଟ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି । ୨୦୧୮ରେ ପ୍ରଥମେ ଜାକାର୍ତ୍ତାରେ ସେ ଚାମ୍ପିୟନ ହୋଇଥିଲେ । ଏହାପରେ ୨୦୨୩ ଚାଇନାର ହାଙ୍ଗଝୋରେ ମଧ୍ୟ ୨୦.୩୬ ମିଟର ଦୂରତାକୁ ଶଟପୁଟ୍ ଫିଙ୍ଗି ସ୍ୱର୍ଣ୍ଣ ପଦକ ବଜାୟ ରଖିଥିଲେ । ଏଥର ମଧ୍ୟ ମନୁ ଭାକର ଓ ତଜିନ୍ଦର ପାଲ ସିଂହ ପଦକ ଜିତବାର ଦାବିଦାର ରହିଛନ୍ତି । ଭାରତ ଚଳିତ ବର୍ଷ ଏସିଆନ ଗେମ୍ସକୁ ୪୯୨ ଜଣ ଆଥଲେଟଙ୍କୁ ପଠାଇଛି । ଚାଇନାର ଦେଶ ୧୦୭ ପଦକ ଜିତିଥିଲା । ଏଥର ଏହାକୁ ବୃଦ୍ଧି କରିବା ହିଁ ଏକମାତ୍ର ଲକ୍ଷ୍ୟ ରହିଛି । ଏସିଆନ ଗେମ୍ସର ଉଦଘାଟନୀ ସମାରୋହ ଶନିବାର ରହିଥିଲେ ହେଁ ଭାରତ ତା'ର ଅଭିଯାନ ଏହି କ୍ରୀଡ଼ା ମହାକୁମ୍ଭରେ ଆରମ୍ଭ କରି ସାରିଛି । ଜ୍ୟୁମୀ ଜୋଆକ୍ୟୁମ ଡିସୁଜା ଟେକ ଦଳର ସେମି ଫାଇନାଲ୍ ପ୍ରବେଶ କରି ସାରିଛନ୍ତି । ଯଦି ସେ ଶନିବାର ସେମି ଫାଇନାଲ ଜିତିବେ, ତା'ହେଲେ ଟେକ ବଲରେ ଭାରତ ପାଇଁ ଐତିହାସିକ ପଦକ ଜିତିବାକୁ ସକ୍ଷମ ହେବେ । ଏହାବାଦ ଭାରତୀୟ ମହିଳା କ୍ରିକେଟ ଟିମ୍ ମଧ୍ୟ ଜାପାନ ବିପକ୍ଷରେ ଏକତରଫା ବିଜୟ ହାସଲ କରି ସେମି ଫାଇନାଲରେ ପ୍ରବେଶ କରିଛି । ୨୦ ତାରିଖରେ ଦଳ ବାଂଲାଦେଶ ବିପକ୍ଷରେ ନିଜ ସେମି ଫାଇନାଲ ମୁକାବିଲା ଖେଳିବ ।

ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ରସଂଘ ନିର୍ବାଚନରେ ହଙ୍ଗାମା, ଜିତିଲେ ବି ହେବନି ବିଜୟ ଶୋଭାଯାତ୍ରା

ନୂଆଦିଲ୍ଲୀ, ୧୮/୯ (ନ୍ୟୁ.ଏ): ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ରସଂଘ ନିର୍ବାଚନରେ ହୁଲ୍ଲଡ଼ବାଜିକୁ ନେଇ ବର୍ଷିଲେ ଦିଲ୍ଲୀ ହାଇକୋର୍ଟ । 'ତୁମେମାନେ ଏପର୍ଯ୍ୟନ୍ତ ନିଜକୁ ସୁଧାରିନାହଁ' ବୋଲି ଛାତ୍ର ସଂଗଠନ ଓ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି କୋର୍ଟ । ନିର୍ବାଚନ ପ୍ରଚାର ସମୟରେ ବଡ଼ ବଡ଼ ଗାଡ଼ିର କାଫିଲା, ବିନା ନମ୍ବର ପ୍ଲେଟ୍‌ରେ ଗାଡ଼ି ଚଳାଚଳ ଏବଂ ଶିକ୍ଷକଙ୍କ ଉପରେ ଆକ୍ରମଣ ଭଳି ଘଟଣାକୁ ନେଇ ଦିଲ୍ଲୀ ପୁଲିସ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ କଡ଼ା ପ୍ରଶ୍ନ କରିଛନ୍ତି ହାଇକୋର୍ଟ । କୋର୍ଟରେ ଦାଖଲ ହୋଇଥିବା ଫଟୋକୁ ଦେଖି ବେଂଚ କହିଛନ୍ତି ୧୦ରୁ ୨୦ଟି ଗାଡ଼ିର କାଫିଲା, ଗାଡ଼ି ଉପରେ ଛାତ୍ର ଠିଆ ହୋଇଛନ୍ତି, କେହି ବନେଟ୍ ଉପରେ ମଧ୍ୟ ଅଛନ୍ତି: ଏହାକୁ ଆଉ କ'ଣ କହିବା, ଯଦି ହୁଲ୍ଲଡ଼ବାଜି ନୁହେଁ' ଏଭଳି କାଫିଲା ଦ୍ୱାରା ଅନ୍ୟ ପ୍ରାର୍ଥୀ ଓ ଛାତ୍ରଛାତ୍ରୀଙ୍କ ମନରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇପାରେ ବୋଲି କୋର୍ଟ କହିଛନ୍ତି । ଏହାକୁ ରୋକିବା ପାଇଁ ପୁଲିସ କ'ଣ ପଦକ୍ଷେପ ନେଇଛି, ସେନେଇ ମଧ୍ୟ ପ୍ରଶ୍ନ କରାଯାଇଛି । ପୁଲିସ ପକ୍ଷରୁ କୋର୍ଟକୁ କୁହାଯାଇଛି ଯେ ଟ୍ରାଫିକ୍ ନିୟମ ଉଲ୍ଲଂଘନ ନେଇ ୯୯୮ଟି ଚାଲାଣ କଟାଯାଇଛି । ୪୯ଟି ଗାଡ଼ି ଜବତ କରାଯାଇଥିବା ବେଳେ, ବିନା ଲାଇସେନ୍ସରେ ଗାଡ଼ି ଚଳାଇବା ନେଇ ୫୪୭ଟି ଚାଲାଣ ହୋଇଛି । ୬ଟି ଏଫ୍‌ଆଇଆର ରୁଜୁ ସହ ୪ ଜଣଙ୍କୁ ଗିରଫ କରାଯାଇଛି । ସେପଟେ ଜଣେ ଶିକ୍ଷକଙ୍କୁ ମାଡ଼ ମାରିବା ଘଟଣାକୁ ମଧ୍ୟ କୋର୍ଟ ଗୁରୁତ୍ୱର ସହ ନେଇଛନ୍ତି । ଅଭିଯୁକ୍ତ ଜଣେ ଛାତ୍ର ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ଏହି ଘଟଣାରେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଜବାବଦେହି ସୁନିଶ୍ଚିତ କରିବାକୁ କୋର୍ଟ କହିଛନ୍ତି । ଏପଟେ ଭଟଝଟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୧୪ ଜଣ ପ୍ରାର୍ଥୀ ଓ ଛାତ୍ର ସଂଗଠନଗୁଡ଼ିକୁ ଶୋ-କଜ୍ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ । ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ପାଇଁ ସାମୂହିକ ଭାବେ ଜରିମାନା କାହିଁକି ଲଗାଯିବ ନାହିଁ, ତାହାର ଜବାବ ମାଗିଛନ୍ତି କୋର୍ଟ । ଏଥିସହ ଫଳାଫଳ ପ୍ରକାଶ ଦିନ ବିଜୟ ଶୋଭାଯାତ୍ରା, ଢୋଲ ଓ ଅନ୍ୟାନ୍ୟ ବିଜୟ ଉତ୍ସବ ଉପରେ ରୋକ ଲଗାଯାଇଛି । କ୍ୟାମ୍ପସ୍ ଏବଂ ହଷ୍ଟେଲ୍ ଭିତରେ ମଧ୍ୟ ଏହି କଟକଣା ଲାଗୁ ହେବ । କୋର୍ଟ କହିଛନ୍ତି 'ବିଜୟ ତୁମକୁ ନମ୍ର କରିବା ଉଚିତ ।' ଏବେ ନିର୍ବାଚନ ପ୍ରକ୍ରିୟା ଜାରି ଥିବା ବେଳେ, ନିୟମ ଉଲ୍ଲଂଘନ ଜାରି ରହିଲେ ନିର୍ବାଚନ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିପାରେ ବୋଲି କୋର୍ଟ ଚେତାବନୀ ଦେଇଛନ୍ତି ।

ଏସୀୟ କ୍ରୀଡ଼ା କ୍ରିକେଟ୍: ସେମିରେ ଭାରତ

ନିଗିନ, ୧୮/୯ (ନ୍ୟୁ.ଏ): ଚଳିତ ଏସୀୟ କ୍ରୀଡ଼ା କ୍ରିକେଟ୍ ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଶେଷ ଦଳ ଭାବେ ଭାରତ ପ୍ରବେଶ କରିଛି । ଶୁକ୍ରବାର କ୍ୱାର୍ଟରଫାଇନାଲ୍‌ରେ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ବିଜେତା ଭାରତ ୮ ୱିକେଟ୍‌ରେ ଜାପାନକୁ ପରାସ୍ତ କରିଛି । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଜାପାନ ୧୯.୫ ଓଭରରେ ମାତ୍ର ୫୭ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଶ୍ରୀ ଚରଣୀ ୪-୨-୧୦-୪ ବୋଲିଂ ସଫଳତା ପାଇଥିଲା ବେଳେ ଶେଫାଳି ବର୍ମା ୧୩ ରନ୍ ବିନିମୟରେ ୨ ୱିକେଟ୍ ନେଇଥିଲେ । ଜାପାନ ପକ୍ଷରୁ ସର୍ବାଧିକ ରନ୍ ଆୟାକା କାଟୋ-ଷ୍ଟାଫୋର୍ଡ (୪୭ ବଲ୍‌ରୁ ୨୫) କରିଥିଲେ । ଜବାବରେ ଶେଫାଳିଙ୍କ ୧୫ ବଲ୍‌ରୁ ୪୦ ରନ୍ (୬ ଚୌକା, ୨ ଛକା) ବଳରେ ଦଳ ୫ ଓଭରରେ ୨ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା । ଗୁନାଲାନ କମଳିନୀ (୦) ଓ ଭାରତୀ ଫୁଲମାଳି (୬) ବିଫଳ ହୋଇଥିଲା ବେଳେ ଶେଫାଳିଙ୍କ ସହ ରିଚା ଘୋଷ (୬ ବଲ୍‌ରୁ ୧୨ରନ) ଅପରାଜିତ ରହି ଦଳକୁ ୯୦ ବଲ୍ ପୂର୍ବରୁ ବିଜୟ ଭେଟି ଦେଇଥିଲେ । ଜାପାନର ନୋନୋହା ୟାସୁମୋତୋ ଓ ଆୟାକା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ । ରବିବାର ଭାରତ ଦ୍ୱିତୀୟ ସେମିଫାଇନାଲ୍‌ରେ ବାଂଲାଦେଶକୁ ଭେଟିବ । ସେହିପରି ପ୍ରଥମ ସେମିଫାଇନାଲ୍‌ରେ ପାକିସ୍ତାନ ଓ ଶ୍ରୀଲଙ୍କା ମୁହାଁମୁହିଁ ହେବେ । ଶୁକ୍ରବାରର ପ୍ରଥମ କ୍ୱାର୍ଟରଫାଇନାଲ୍‌ରେ ଶ୍ରୀଲଙ୍କା ୮୬ ରନ୍‌ରେ ମାଲେସିଆକୁ ପରାସ୍ତ କରି ସେମିଫାଇନାଲ୍ ସ୍ଥାନ ନିଶ୍ଚିତ କରିଥିଲା ।

ମମତାଙ୍କୁ ମିଳିଲା ନୂଆ ଦଳୀୟ ଚିହ୍ନ ଓ ନାଁ

କୋଲକାତା, ୧୮/୯ (ନ୍ୟୁ.ଏ): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରାଜୟ ପରେ ଟିଏମସିରେ ଦେଖାଯାଇଥିବା ଦଳୀୟ କନ୍ଦଳ ଏବେ ବିସ୍ଫୋରକ ରୂପ ନେଇଛି । ସ୍ଥିତିକୁ ଦେଖି ନିର୍ବାଚନ କମିଶନ ମମତାଙ୍କ ଗୋଷ୍ଠୀକୁ ଦେଇଛନ୍ତି ନୂଆ ଦଳୀୟ ଚିହ୍ନ ଓ ନାଁ । ସେହିପରି ଋତୁବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମସିକୁ ମଧ୍ୟ ନୂଆ ପରିଚୟ ମିଳିଛି । ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଯୋଗୁ ନିର୍ବାଚନ କମିଶନ ପ୍ରଥମେ ତୃଣମୂଳ କଂଗ୍ରେସର ପାରମ୍ପରିକ ଫୁଲ ଓ ଘାସ ଚିହ୍ନକୁ ଫ୍ରିଜ କରି ଦେଇଥିଲେ । କୌଣସି ଗୋଷ୍ଠୀ ଏହାକୁ ବ୍ୟବହାର କରିପାରିବେ ନାହିଁ ବୋଲି କହିଥିଲେ । ଏବେ ଦୁଇ ଗୋଷ୍ଠୀକୁ ନୂଆ ପରିଚୟ ଦିଆଯାଇଛି । ମମତାଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ଏଣିକି 'ମମତା ଅଲ ଇଣ୍ଡିଆ ତୃଣମୂଳ କଂଗ୍ରେସ' ଭାବେ ପରିଚୟ ହାସଲ କରିଛି । ଏହି ଗୋଷ୍ଠୀର ଦଳୀୟ ଚିହ୍ନ ହେଉଛି 'ଫୁଟବଲ ଖେଳାଳି' । ସେହିପରି ଋତୁବ୍ରତ ବାନାର୍ଜୀଙ୍କ ଗୋଷ୍ଠୀର ନାଁ ହେଉଛି ଡେମୋକ୍ରାଟିକ ତୃଣମୂଳ କଂଗ୍ରେସ ଓ ଏହାର ଦଳୀୟ ଚିହ୍ନ ହେଉଛି ଲଫାପା । ଏହି ଦଳୀୟ ଚିହ୍ନ ନାଁକୁ ଦୁଇ ଗୋଷ୍ଠୀ ଅସ୍ଥାୟୀ ଭାବେ ଆଗାମୀ ବେଙ୍ଗଲ ବିଧାନସଭାର ଉପ ନିର୍ବାଚନରେ ବ୍ୟବହାର କରିପାରିବେ । ଏହି ସମୟରେ ମଧ୍ୟ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରକୃତ ଟିଏମସି କିଏ, ତା'କୁ ନେଇ ନିର୍ବାଚନ କମିଶନ ବିଚାର ଜାରି ରଖିବେ । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରାଜୟ ପରେ ଟିଏମସିରେ ଦଳୀୟ କନ୍ଦଳ ତୀବ୍ର ହୋଇଛି । ଋତୁବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ଗୋଷ୍ଠୀ ମମତାଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିଛନ୍ତି । ମମତା ଟିଏମସିର ପ୍ରତିଷ୍ଠା କରିଥିଲେ ହେଁ ଋତୁବ୍ରତ ବାନାର୍ଜୀ ଓ ତାଙ୍କ ସହ ଥିବା ପ୍ରାୟ ୬୦ ଜଣ ବିଧାୟକ ନିଜକୁ ପ୍ରକୃତ ଟିଏମସି ବୋଲି ଦାବି କରିଛନ୍ତି । ଏଥିପାଇଁ ସେମାନେ ନିର୍ବାଚନ କମିଶନଙ୍କ ନିକଟରେ ଦାବି ଉପସ୍ଥାପନ କରି ଟିଏମସିର ଦଳୀୟ ଚିହ୍ନ ଓ ନାଁ ଉପରେ ଅଧିକାର ଜାହିର କରିଛନ୍ତି । ମମତା ବାନାର୍ଜୀଙ୍କ ଗୋଷ୍ଠୀ ମଧ୍ୟ ବିଦ୍ରୋହ ଘୋଷଣା କରିଥିବା ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ଦାବି କରିଛି । ଏହାକୁ ନେଇ ଜୁନ ମାସରୁ ବିବାଦ ଲାଗି ରହିଥିବା ବେଳେ ନିର୍ବାଚନ କମିଶନ ନିଜର ଅନ୍ତରୀଣ ନିର୍ଦ୍ଦେଶ ଦୁଇ ଗୋଷ୍ଠୀଙ୍କୁ ପୃଥକ ପୃଥକ ଚିହ୍ନ ଦେଇଛନ୍ତି । ନୂଆ ଚିହ୍ନ ଓ ନାଁ ଜାରି କରାଯିବା ପୂର୍ବରୁ ଦୁଇ ଗୋଷ୍ଠୀଙ୍କୁ ନିର୍ବାଚନ କମିଶନ ନୂଆ ଦଳ ଓ ଚିହ୍ନ ପାଇଁ ୩ଟି ବିକଳ୍ପ ବାଛିବାକୁ କହିଥିଲା । ସେହି ଅନୁସାରେ ସେପ୍ଟେମ୍ବର ୧୮ ତାରିଖ ଦିନ ୧୧ଟା ସୁଦ୍ଧା ଦୁଇ ଗୋଷ୍ଠୀ ସେମାନଙ୍କ ପସନ୍ଦର ଚିହ୍ନ ଓ ନାଁଗୁଡ଼ିକ ଉପସ୍ଥାପନ କରିଥିଲେ । ଏହାପରେ ମମତାଙ୍କୁ ଫୁଟବଲ ଖେଳାଳି ଓ ଋତୁବ୍ରତ ବାନାର୍ଜୀଙ୍କୁ ଲଫାପା ଚିହ୍ନ ମିଳିଛି । ଆସନ୍ତା ଅକ୍ଟୋବର ୬ରେ ରେଜିନଗର ଓ ନନ୍ଦିଗ୍ରାମରେ ଉପ ନିର୍ବାଚନ ହେବ । ଏହାପୂର୍ବରୁ ନିର୍ବାଚନ କମିଶନ ଏପରି ପଦକ୍ଷେପ ନେଇଛନ୍ତି । ଏବେ ମମତା ଓ ଋତୁବ୍ରତ ଏହି ଚିହ୍ନ ଏବଂ ନାଁରେ ଉପ ନିର୍ବାଚନ ଲଢ଼ିବେ ।

ନିର୍ବାଚନ ପୂର୍ବରୁ ଶକ୍ତିଶାଳୀ ହେଉଛି ସମାଜବାଦୀ ପାର୍ଟି

ଲକ୍ଷ୍ନୌ, ୧୮/୯ (ନ୍ୟୁ.ଏ): ଉତ୍ତରପ୍ରଦେଶରେ ୨୦୨୭ ବିଧାନସଭା ନିର୍ବାଚନକୁ ନେଇ ଏବେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ହଲଚଲ ବଢ଼ିଛି । ଏହି ମଧ୍ୟରେ ଲୋକଦଳର ଜାତୀୟ ଅଧ୍ୟକ୍ଷ ଚୌଧୁରୀ ସୁନୀଲ ସିଂହ ସମାଜବାଦୀ ପାର୍ଟିର ଜାତୀୟ ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସହ ସାକ୍ଷାତ କରିଛନ୍ତି । ଉଭୟ ଦଳ ମଧ୍ୟରେ ମେଂଟ ଏବଂ ଆସନ ବଂଟନକୁ ନେଇ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା । ଏହି ସମୟରେ ସୁନୀଲ ସିଂହ କହିଛନ୍ତି ଯେ, ଅଖିଳେଶ ଯାଦବ ତାଙ୍କୁ ସମ୍ମାନ ଦିଆଯିବ ବୋଲି ଭରସା ଦେଇଛନ୍ତି । ଏଥର ନିର୍ବାଚନରେ ଅଖିଳେଶ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ କାମ କରାଯିବ । ସାକ୍ଷାତ ପରେ ସୁନୀଲ ସିଂହ କହିଛନ୍ତି ଯେ, ଲୋକଦଳ ଲଗାତାର ଭାବେ କୃଷକ ଓ ଗ୍ରାମାଂଚଳର ସମସ୍ୟା ଉଠାଇ ଆସିଛି ଏବଂ ଆଗକୁ ମଧ୍ୟ ଏହି ପ୍ରସଙ୍ଗଗୁଡ଼ିକୁ ପ୍ରମୁଖତାର ସହ ଉଠାଇବ । ସୁନୀଲ ସିଂହ ଆହୁରି କହିଛନ୍ତି ଯେ, ଉତ୍ତରପ୍ରଦେଶର ସରକାର ଦେଶର ରାଜନୀତିର ଦିଗ ନିର୍ଦ୍ଧାରଣ କରେ । କୃଷକ, ଗରିବ, ଯୁବବର୍ଗ ଏବଂ ବେକାରୀ ପ୍ରସଙ୍ଗକୁ ନେଇ ସମ୍ପୂର୍ଣ୍ଣ ବିରୋଧୀ ଦଳ ଏକଜୁଟ ଅଛି । ଆମେ ସମସ୍ତେ ଏକଜୁଟ ହୋଇ ଏଥର ନିର୍ବାଚନ ଲଢ଼ୁଛୁ । ସୁନୀଲ ସିଂହ କହିଛନ୍ତି ଯେ, କଂଗ୍ରେସ, ସମାଜବାଦୀ ପାର୍ଟି ଏବଂ ଲୋକଦଳ ଇଣ୍ଡିଆ ମେଂଟର ଅଂଶୀଦାର । ସେ ଆହୁରି କହିଛନ୍ତି ଯେ, ଗଣତାନ୍ତ୍ରିକ ଶକ୍ତିଗୁଡ଼ିକୁ ଏକଜୁଟ ହୋଇ ଆଗକୁ ବଢ଼ିବାର ଆବଶ୍ୟକତା ରହିଛି । ବିଜେପି ସରକାରକୁ ହଟାଇବା ସହ ଜନସାଧାରଣଙ୍କ ସହ ଜଡ଼ିତ ପ୍ରସଙ୍ଗଗୁଡ଼ିକୁ ନିର୍ବାଚନୀ ରାଜନୀତିର କେନ୍ଦ୍ରରେ ଆଣିବା ଆବଶ୍ୟକ । ଜୟନ୍ତ ଚୌଧୁରୀ ଏନଡିଏ ସହ ଯିବା ପରେ ପଶ୍ଚିମ ଉତ୍ତରପ୍ରଦେଶରେ କୃଷକ ଏବଂ ଜାଟ ରାଜନୀତିର ସମୀକରଣକୁ ନେଇ ସମାଜବାଦୀ ପାର୍ଟି ସମ୍ମୁଖରେ ଏକ ନୂଆ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି । ଏଭଳି ସ୍ଥିତିରେ ଲୋକଦଳକୁ ନିଜ ସହ ସାମିଲ କରି ପଶ୍ଚିମ ୟୁପିରେ ନିଜ ସ୍ଥିତି ମଜବୁତ କରିବାକୁ ସପା ଚେଷ୍ଟା କରୁଛି । ସୁନୀଲ ସିଂହ ଏକ ଜାତୀୟ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାରରେ ଦାବି କରିଛନ୍ତି ଯେ, ଚୌଧୁରୀ ଚରଣ ସିଂହଙ୍କ ପ୍ରକୃତ ରାଜନୈତିକ ଉତରାଧିକାର ଲୋକଦଳ ପାଖରେ ରହିଛି । ଜୟନ୍ତ ଚୌଧୁରୀ ଏବଂ ଆରଏଲଡିକୁ ଟାର୍ଗେଟ କରି ସେ କହିଛନ୍ତି ଯେ, ସେମାନେ ଚାଲିଯିବା ଦ୍ୱାରା ଲୋକଦଳକୁ କୌଣସି ଫରକ ପଡ଼ିନାହିଁ । ସୁନୀଲ ସିଂହ କହିଛନ୍ତି, 'ନକଲି ଲୋକ ଚାଲିଗଲେ, ଯେଉଁମାନେ ନକଲି ଡୁପ୍ଲିକେଟ୍ ଆରଏଲଡି ତିଆରି କରି ବୁଲୁଥିଲେ ।' କୃଷକ ଆନ୍ଦୋଳନର ପ୍ରସଙ୍ଗ ଉଠାଇ ସେ ୭୫୦ ଜଣ କୃଷକଙ୍କ ଶହୀଦ ହେବାର ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି । ଅଖିଳେଶ ଯାଦବଙ୍କ 'ଚବନ୍ନି' ମନ୍ତବ୍ୟ ଏବଂ ଜାଟମାନଙ୍କ ମଧ୍ୟରେ ଅସନ୍ତୋଷ ଥିବା ନେଇ ଜୟନ୍ତ ଚୌଧୁରୀଙ୍କ ଦାବି ଉପରେ ମଧ୍ୟ ସୁନୀଲ ସିଂହ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ, ଜାଟମାନଙ୍କ ମଧ୍ୟରେ କୌଣସି ଅସନ୍ତୋଷ ନାହିଁ । ବରଂ କୃଷକମାନେ ଏହି କାରଣରୁ ଅସନ୍ତୁଷ୍ଟ ଯେ, କୃଷକ ଆନ୍ଦୋଳନରେ ୭୫୦ ଜଣଙ୍କ ଶହୀଦ ହେବା ପରେ ଜୟନ୍ତ ଚୌଧୁରୀ ବିଜେପି ସହ ମିଶି ସରକାରରେ ସାମିଲ ହୋଇଥିଲେ । ସୁନୀଲ ସିଂହ ଦାବି କରିଛନ୍ତି ଯେ, ୨୦୨୭ରେ ଜାଟ ଏବଂ କୃଷକମାନେ ଏହାର ଜବାବ ଦେବେ ଏବଂ ଚୌଧୁରୀ ଚରଣ ସିଂହଙ୍କ ରାଜନୀତିର ଆଦର୍ଶ ଅନୁଯାୟୀ ସତା ବିରୋଧରେ ଭୋଟ ଦେବେ । ଆରଏଲଡି ପୂର୍ବରୁ ହିଁ ଅଖିଳେଶ ଯାଦବଙ୍କ 'ଚବନ୍ନି' ମନ୍ତବ୍ୟକୁ ନେଇ ଆପତି ଜଣାଇସାରିଛି ଏବଂ ଏହାକୁ ଚୌଧୁରୀ ଚରଣ ସିଂହ ଏବଂ କୃଷକ ସମାଜର ଅପମାନ ସହ ଯୋଡ଼ିଥିଲା ।

ପଶ୍ଚିମବଙ୍ଗ ଉପ-ନିର୍ବାଚନ; କଂଗ୍ରେସ ପ୍ରାର୍ଥୀ ଗିରଫ

କୋଲକାତା, ୧୮/୯ (ନ୍ୟୁ.ଏ): ପଶ୍ଚିମବଙ୍ଗ ବିଧାନସଭା ଉପ-ନିର୍ବାଚନ ପାଇଁ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ମିଳନ ପ୍ରଧାନଙ୍କୁ ଶୁକ୍ରବାର ଗିରଫ କରିଛି ପୁଲିସ । ୨୦୦୭ ଜମି ଅଧିଗ୍ରହଣ ବିରୋଧୀ ଆନ୍ଦୋଳନ ବେଳେ ସଂଘଟିତ ଏକ ହତ୍ୟା ମାମଲାରେ ତାଙ୍କୁ ଗିରଫ କରାଯାଇଛି । ନନ୍ଦିଗ୍ରାମ ଉପ-ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ମିଳନ ପ୍ରଧାନଙ୍କୁ ପୂର୍ବତନ ମମତା ବାନାର୍ଜୀଙ୍କ ଗୋଷ୍ଠୀ ସମର୍ଥନ କରିବାକୁ ଘୋଷଣା କରିବାର କିଛି ଘଂଟା ପରେ ଘଟିଛି ଏହି ଘଟଣା । ମମତାଙ୍କ ଗୋଷ୍ଠୀ ସଂଚିତା ପ୍ରଧାନ ଦେ'ଙ୍କୁ ନନ୍ଦିଗ୍ରାମ ଉପ-ନିର୍ବାଚନ ପାଇଁ ପ୍ରାର୍ଥୀ କରିଥିଲା । କିନ୍ତୁ ସେ ଓହରି ଯିବା ପରେ ମମତାଙ୍କ ଗୋଷ୍ଠୀ ଆଉ କାହାକୁ ପ୍ରାର୍ଥୀ ନ କରି ବିଜେପି ବିପକ୍ଷରେ ଲଢ଼େଇ କରୁଥିବା ଇଣ୍ଡି ମେଂଟକୁ ସମର୍ଥନ କରିବାକୁ ନିଷ୍ପତି ନେଇଥିଲା । ତାଙ୍କ ଗୋଷ୍ଠୀ ମିଳନ ପ୍ରଧାନଙ୍କୁ ସମର୍ଥନ କରିବ ବୋଲି ମମତା ନିଜେ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ । ସଂଚିତା ପ୍ରଧାନ ଦେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଭେଟିବା ପରେ ପ୍ରାର୍ଥୀ ହେବେନି ବୋଲି ଘୋଷଣା କରିଥିଲେ । ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ସହିତ ତାଙ୍କର ସାକ୍ଷାତକୁ ସୌଜନ୍ୟମୂଳକ ବୋଲି କୁହାଯାଇଥିଲା । କିନ୍ତୁ ପରେ ଜଣାପଡ଼ିଲା, ଏହା ପଛରେ ରହିଥିଲା ରାଜନୀତି । ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରାଜୟ ପରେ ଟିଏମସିରେ ଦେଖାଯାଇଥିବା ଦଳୀୟ କନ୍ଦଳ ଏବେ ବିସ୍ଫୋରକ ରୂପ ନେଇଛି । ପଶ୍ଚିମବଙ୍ଗ ବିଧାନସଭା ଉପ-ନିର୍ବାଚନ ପାଇଁ ବିଜେପି ରେଜିନଗର ଆସନରୁ ଶାଖାରତ ସରକାରଙ୍କୁ ପ୍ରାର୍ଥୀ କରିଥିବା ବେଳେ ନନ୍ଦିଗ୍ରାମରୁ ହାସିରାଣୀ ରଥଙ୍କୁ ପ୍ରାର୍ଥୀ କରିଛି । ହାସିରାଣୀ ରଥ ହେଉଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସ୍ୱର୍ଗତଃ ବ୍ୟକ୍ତିଗତ ସହାୟକ (ପିଏ) ଚନ୍ଦ୍ରନାଥ ରଥଙ୍କ ମା' । ଗତ ମେ' ମାସରେ ଚନ୍ଦ୍ରନାଥ ରଥଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das